# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ଅକ୍ଟୋବର ୧୨/୨୦୧୮ ( ୨୦ ପୃଷ୍ଠା) | Dhenkanal-Angul, Friday, October 12 /2018 | ★★★★★

୧୪ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






APPARELS | EYEWEAR | FOOTWEAR | INNERWEAR | TIMEWEAR | TRAVEL GEAR | PERSONAL CARE | ACCESSORIES

K-LOUNGE : NEWLY OPENED: CUTTACK: In front of OTM Showroom, Buxi Bazar. Ph.: 06712522482/ 9937168512.

AVAILABLE AT: KILLER (EXCLUSIVE STORES), ANGUL: Shanti Bazar. Ph.: 09437074551. BHUBANESWAR: J/7, Pal Heights Mall, Jayadev Vihar. Ph.: 9853010772. | Shop No. 20-21, Basement Area, BMC Keshri Mall, Market Building. Ph.: 2534527/9937966413/9438604527. CUTTACK: Holding No. 330, Ward No. 20, Ranihat. Ph.: 7205022212.

K-LOUNGE : ANGUL : Bazar Chowk, In front of Kolkata Bazar, Angul. Ph.: 9861060947. BHUBANESWAR: Shop No. 5, Ground Floor, Forum Mart. Ph.: 6542085. BHADRAK: Salandi By-Pass. Ph.: 9437691991. BALASORE: Near Chidia Polo, Vivekanand Marg. Ph.: 261865. JATANI: Main Road, Near SBI, Dist. Khurda. Ph.: 9437091779. KEONJHAR: Sky Market, Gandhi Chowk, NH-6. Ph.: 254014/9853048495. NAYAGARH: Main Road, Near Bus Stand. Ph.: 09853130307/09437299059. PURI: Shop No. B1, Guru Empire, Grand Road, Puri Ph.: 9861900001. PHULBANI: Laxmi Market. Ph.: 09853130307/09437299059. ROURKELA: Near Hariyana Bhawan, Main Raod. Ph.: 9437045135. | Panposh Road, Near Amrit Ganga. Ph.: 2400180. SUNDARGARH: Mission Road, In front of RCMS. Ph.: 9437085557. TALCHER: Hatotota. Ph.: 09437061950. UMERKOTE: Near SBI, Opp. Dharamsala. Ph.: 9556688099/9556688686.
& ALL LEADING RETAILERS.

FOR TRADE ENQUIRIES: GRC Garments, Cuttack. Ph.: 09937726575/09937020201. FOR FRANCHISEE & INSTITUTIONAL ENQUIRIES, CALL: 09820805602/09820155337/09619229211/09937004020/09820099499/ 022-26814400. MASTER FRANCHISEE, CALL: GRC Garment Pvt. Ltd. Ph.: 09437147741. OR EMAIL: franchisee@kewalkiran.com | www.killerjeans.com | Follow Us On:

NCS: TRENDS | ONLINE STORES: K-LOUNGE.COM snapdeal Flipkart amazon.in JABONG Myntra SHOPCLUES Paytm AJIO TATA CLiQ LIMEROAD ebay voonik

A LIFESTYLE BRAND FROM KKCL KEWAL KIRAN CLOTHING LIMITED

makani




Weekend. Every day.

easies
BY KILLER

K-LOUNGE : **NEWLY OPENED: CUTTACK:** In front of OTM Showroom, Buxi Bazar. Ph.: 06712522482/ 9937168512.

**AVAILABLE AT:** KILLER **(EXCLUSIVE STORES), ANGUL:** Shanti Bazar. Ph.: 09437074551. **BHUBANESWAR:** J/7, Pal Heights Mall, Jayadev Vihar. Ph.: 9853010772. | Shop No. 20-21, Basement Area, BMC Keshri Mall, Market Building. Ph.: 2534527/9937966413/9438604527. **CUTTACK:** Holding No. 330, Ward No. 20, Ranihat. Ph.: 7205022212.

K-LOUNGE : **ANGUL :** Bazar Chowk, In front of Kolkata Bazar, Angul. Ph.: 9861060947. **BHUBANESWAR:** Shop No. 5, Ground Floor, Forum Mart. Ph.: 6542085. **BHADRAK:** Salandi By-Pass. Ph.: 9437691991. **BALASORE:** Near Chidia Polo, Vivekanand Marg. Ph.: 261865. **JATANI:** Main Road, Near SBI, Dist. Khurda. Ph.: 9437091779. **KEONJHAR:** Sky Market, Gandhi Chowk, NH-6. Ph.: 254014/9853048495. **NAYAGARH:** Main Road, Near Bus Stand. Ph.: 09853130307/09437299059. **PURI:** Shop No. B1, Guru Empire, Grand Road, Puri Ph.: 9861900001. **PHULBANI:** Laxmi Market. Ph.: 09853130307/09437299059. **ROURKELA:** Near Hariyana Bhawan, Main Raod. Ph.: 9437045135. | Panposh Road, Near Amrit Ganga. Ph.: 2400180. **SUNDARGARH:** Mission Road, In front of RCMS. Ph.: 9437085557. **TALCHER:** Hatotota. Ph.: 09437061950. **UMERKOTE:** Near SBI, Opp. Dharamsala. Ph.: 9556688099/9556688686. **& ALL LEADING RETAILERS.**

**FOR TRADE ENQUIRIES:** Konark Sales Corporation, Cuttack. Ph.: 9437028876. **FOR FRANCHISEE & INSTITUTIONAL ENQUIRIES, CALL:** 09820805602/09820155337/09619229211/09937004020/09820099499/022-26814400.
**MASTER FRANCHISEE, CALL:** GRC Garment Pvt. Ltd. Ph.: 09437147741 **or email at:** franchisee@kewalkiran.com

Follow Us On: Easies casuals

National Chain Stores: CENTRAL SHOPPERS STOP | Online Stores: K-LOUNGE.com amazon.in JABONG snapdeal SHOPCLUES Myntra Paytm Flipkart TATA CLiQ

A LIFESTYLE BRAND FROM KKCL KEWAL KIRAN CLOTHING LIMITED

makani

# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ଅକ୍ଟୋବର ୧୨/୨୦୧୮ | Dhenkanal-Angul, Friday, October 12 /2018 | (ପୃଷ୍ଠା-୧)




**ଜୟନ୍ତୀ ବେହେରାଙ୍କ କମାଲ**

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ମହିଳା ୪୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଆ ଆଥଲେଟ୍ ଜୟନ୍ତୀ ବେହେରା।

୧୭

୦୭

**ବାଳିକାଙ୍କୁ ସୁଯୋଗ ଦିଆଯାଉ: ପ୍ରିୟଙ୍କା**

ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏକ ୟୁ-ଟ୍ୟୁବ୍ ଲଞ୍ଚ୍ କରି କହିଛନ୍ତି, ବାଳିକାମାନଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ସୁଯୋଗ ଦିଆଯାଉ।





**ଗଙ୍ଗା ପାଇଁ ପରିବେଶବିତ୍ ଜି.ଡି. ଅଗ୍ରୱାଲଙ୍କ ଜୀବନ ଗଲା**

ପୃଷ୍ଠା ୬

# ତିତ୍‌ଲି ଦୁର୍ବଳ: ଟଳିଲା ବିପଦ



(ପୂର୍ବରୁ)



(ପରେ)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବାହୁଦା ନଦୀ ଉପରେ ଥିବା କଳିଙ୍ଗଦଳା ଗ୍ରାମ ଲୁହାପୋଲ ଗୁରୁବାର ବନ୍ୟା ପାଣିରେ ଭାସିଯାଇଛି। **(ଫଟୋ-ଅଶେଷ)**

- ଗଜପତି, ଗଞ୍ଜାମ, ରାୟଗଡ଼ାରେ ବ୍ୟାପକ କ୍ଷତି
- ଟାଳଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା
- ପାନୀୟଜଳ ଯୋଗାଣ, ଗାଡ଼ି ଚଳାଚଳ ବ୍ୟାହତ
- ପାରଳାଖେମୁଣ୍ଡି-ବ୍ରହ୍ମପୁର ଯୋଗାଯୋଗ ବିଚ୍ଛିନ୍ନ
- ବଂଶଧାରା, ଋଷିକୁଲ୍ୟା, ଜଳକାରେ ବନ୍ୟା ଆଶଙ୍କା
- ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା: ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ତିତ୍‌ଲି'ର ବିପଦ ଟଳି ଯାଇଛି। ଏହା ଗୁରୁବାର ସକାଳ ୫ଟା ୩୦ ମିନିଟରେ ଗୋପାଳପୁର ଏବଂ ଆନ୍ଧ୍ର ପ୍ରଦେଶର ପଲାସା ମଧ୍ୟ ଦେଇ ଅତିକ୍ରମ କରି ଦୁର୍ବଳ ହେବାରେ ଲାଗିଛି । ବାତ୍ୟା ଘଣ୍ଟା ପ୍ରତି ୧୨୫ କିଲୋମିଟର ବେଗରେ ଗୋପାଳପୁର ଅତିକ୍ରମ କରିଛି। ଏଥିଯୋଗୁ ବଡ ଧରଣର କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ତେବେ ଗଞ୍ଜାମ, ଗଜପତି, ରାୟଗଡା ଜିଲାରେ ତିତ୍‌ଲି ତାଣ୍ଡବ ରଚିଛି। ପ୍ରବଳ ବର୍ଷା ଓ ପବନରେ ଅନେକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଭାଙ୍ଗିପଡ଼ିଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଯାଇଛି। କେତେକ ସ୍ଥାନରେ କଚ୍ଚା ଓ ଆଜବେଷ୍ଟସ୍ ଘର ଛପର ଉଡ଼ିଯାଇଛି। ତଳୁଆ ଅଞ୍ଚଳରେ ବର୍ଷାପାଣି ପ୍ରବେଶ କରି ମାଟିଘର ଭୁଶୁଡ଼ିବା ଯୋଗୁ ଲୋକେ ବାସହରା ହୋଇପଡ଼ିଛନ୍ତି। ଗଜପତି ଜିଲାର ଗୁମ୍ମା ବ୍ଲକ ସେରଙ୍ଗ ଓଡ଼ିଆ ସାହିରେ ଏକ ଘର ଉପରେ ଗଛ ଉପୁଡ଼ି ଢଳିଯିବାରୁ ଘର ଭାଙ୍ଗିଯିବା ସହ ତୁଳସୀ ବିନ୍ଧାଣୀ ନାମ୍ନୀ ମହିଳା ଗୁରୁତର ଆହତ ହୋଇଛନ୍ତି। ଜିଲାରେ ବିଦ୍ୟୁତ୍ ଓ ଟେଲିଫୋନ ସେବା ବ୍ୟାହତ ହୋଇଛି। ସମଗ୍ର ଜିଲା ଅନ୍ଧାରରେ ରହିଥିବା ବେଳେ ପାନୀୟଜଳ ଯୋଗାଣ ମଧ୍ୟ ବନ୍ଦ ରହିଛି। ପ୍ରବଳ ବର୍ଷା ଯୋଗୁ ବଂଶଧାରା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ମୋହନାର ରାମନଦୀ ପୋଲ ଓ ଅଠରନଳା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ମୋହନା-ପାରଳାଖେମୁଣ୍ଡି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ଯୋଗୁ ପାରଳାଖେମୁଣ୍ଡି -ବ୍ରହ୍ମପୁର ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି। ଗଜପତି ଜିଲାର ବିଭିନ୍ନ ସ୍ଥାନକୁ ମଧ୍ୟ ବସ୍ ଚଳାଚଳ ବନ୍ଦ ରହିଛି।

☞ ପୃଷ୍ଠା-୨

## ପାଣି ସୁଅରେ ଭାସିଗଲା ଘର, ୬ ନିଖୋଜ

ସୋରଡା,୧୧।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡା ଠାରୁ ଦାରିଙ୍ଗବାଡି ଜାତୀୟ ରାଜପଥ ନଂ.୫୯ ପାର୍ଶ୍ୱରେ ଥିବା ଗାଜଲବାଡି ପଞ୍ଚାୟତ ଆମ୍ବକଣ ଗାଁ ନିକଟ ଅଡାଙ୍ଗି ନାଳରେ ବନ୍ୟାପାଣି ଆସିବାରୁ ଛାତ ଉପରେ ଆଶ୍ରୟ ନେଇଥିବା ୬ ଜଣ ଭାସି ଯାଇଛନ୍ତି। ସେମାନେ ହେଲେ ଆମ୍ବକଣ ଗ୍ରାମର ବିଜୟ ମଲ୍ଲିକ ତାଙ୍କ ସ୍ତ୍ରୀ, ୨ ସନ୍ତାନ, ପଡୋଶୀ ନକୁଳ ମଲ୍ଲିକ ଓ ଗୋରୁ ଚରାଳି ପ୍ରଫୁଲ୍ଲ ମଲିକ। ଖବର ଲେଖା ହେବା ସୁଦ୍ଧା ସେମାନଙ୍କର ପତ୍ତା ମିଳି ନାହିଁ। ଉକ୍ତ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ଥିବାରୁ ପ୍ରଶାସନ କିମ୍ବା ଉଦ୍ଧାରକାରୀ ଦଳ ପହଞ୍ଚି ପାରିନାହାଁନ୍ତି।

ଗାଜଲବାଡି ସରପଞ୍ଚ ଉପେନ୍ଦ୍ର ବେହେରାଙ୍କ ସୂଚନା ଅନୁଯାୟୀ ଆମ୍ବକଣ ଗ୍ରାମର ବିଜୟ ମଲ୍ଲିକ ତାଙ୍କ ସ୍ତ୍ରୀ ଓ ୨ ସନ୍ତାନ ଅଡାଙ୍ଗି ନାଳ ନିକଟରେ ଥିବା ତାଙ୍କ ଘରେ ରୁହନ୍ତି। ବୁଧବାର ପୂର୍ବାହ୍ନରେ

☞ ପୃଷ୍ଠା-୨

## ଆନ୍ଧ୍ରରେ ଗଲା ୮ ଜୀବନ

ଶ୍ରୀକାକୁଲମ୍,୧୧।୧୦

ଦକ୍ଷିଣ ଓଡ଼ିଶା ସମେତ ସୀମାନ୍ତ ଆନ୍ଧ୍ରପ୍ରଦେଶରେ ସାମୁଦ୍ରିକ ଝଡ଼ 'ତିତ୍‌ଲି'ର ତାଣ୍ଡବ ଦେଖିବାକୁ ମିଳିଛି। 'ତିତ୍‌ଲି' ସ୍ଥଳଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୧୫୦ କି.ମି. ବେଗରେ ପବନ ବହି ଆନ୍ଧ୍ର ଆଡକୁ ମୁହାଁଇଥିଲା। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଓ ବିଜୟନଗରମ୍ ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ଏହି ୨ ଜିଲାରେ 'ତିତ୍‌ଲି' ୮ ଜଣଙ୍କ ଜୀବନ ନେଇଛି।

'ତିତ୍‌ଲି' ଯୋଗୁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଓଡ଼ିଶା ଭଳି ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ ବ୍ୟାପକ ପ୍ରସ୍ତୁତି କରିଥିଲେ। ହେଲେ ପ୍ରକୃତିର କୋପକୁ ରୋକିବା ସମ୍ଭବ ହୋଇନାହିଁ। ଏହାର କରାଳ ରୂପ ଦେଖିବାକୁ ପାଇଛନ୍ତି ଓଡ଼ିଶା ସୀମାନ୍ତ ଆନ୍ଧ୍ରବାସୀ। ଝଡ଼ ଓ ବନ୍ୟାଜନିତ କାରଣରୁ ଶ୍ରୀକାକୁଲମ୍‌ରେ ୫ ଓ ବିଜୟନଗରମ୍ ଜିଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଶ୍ରୀକାକୁଲମ୍‌ର ପଲାସା ଓ କୋଟାବୋମ୍ମାଲିରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ସରକାରୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଅନେକ ଟ୍ରେନ୍ ଚଳାଚଳ ବାତିଲ କରାଯାଇଛି। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି।

☞ ପୃଷ୍ଠା-୨






**ଆଜିର ସମ୍ପାଦକୀୟ**

ଜନସ୍ୱାର୍ଥବିରୋଧୀ

**ଆଜିର ମନ୍ତବ୍ୟ**

ଦୁର୍ଯ୍ୟୋଧନ ଏବଂ ଦୁଃଶାସନଙ୍କ ବିରୋଧରେ ଯୁଦ୍ଧ କରିବାର ବେଳ ଆସିଛି।

**-ଯଶୱନ୍ତ ସିହ୍ନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ଆର୍ଥିକବର୍ଷ ଏପ୍ରିଲ୍-ଅଗଷ୍ଟ ମଧ୍ୟରେ ଦେଶରେ କୋଇଲା ଆମଦାନୀ ୧୩.୯ ବୃଦ୍ଧି ଘଟି ୯୫.୯ ନିୟୁତ ଟନ୍ ରହିଛି।

**- କୋଲ୍ ଇଣ୍ଡିଆ ଲିମିଟେଡ୍**

ଅନିବାର୍ଯ୍ୟ କାରଣବଶତଃ କ୍ରୀଡ଼ାଜଗତ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।





AUTHORISED FORD DEALERS: ANGUL: NH 42, Karadagadia, Capital Ford, ☎: 9022920332. • BALASORE: Near Januganj Golai, Basanti Ford, ☎: 9619049873. • BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • CUTTACK: Pratap Nagari, Odisha Ford, ☎: 9022909587. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960.• HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms and conditions apply. All prices shown are ex-showroom for Ford EcoSport 1.5l Petrol Ambiente MT, Ford Freestyle 1.2l Petrol Ambiente and Ford Endeavour 2.2l Trend 4x2 AT respectively. Colours are indicative only and may vary due to printing constraints. Ford India Private Limited ("Ford") reserves the right, subject to all applicable laws, at any time, at its discretion, and without notice, to discontinue or change the features, designs, materials, colours and other specifications and the prices of its products, and to either permanently or temporarily withdraw any such products from the market without incurring any liability to any prospective purchaser or purchasers. Features & specifications may vary from model to model. Always consult an authorised Ford dealer for the latest information about the vehicle. #The above mentioned festive offer is a dealer offer. This offer is applicable on select variants and on bookings done between 1st October and 31st October 2018 and full payment done before 31st October 2018. Accessories shown may not be a part of standard fitment. Ford India reserves the right to cancel, terminate or suspend this offer at any time during the campaign period without any prior notice. For more information, please contact a Ford dealer.

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges


NECC NATIONAL EGG CO-ORDINATION COMMITTEE 11.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବେବି
ପରିବାରବର୍ଗ


ଶାଶ୍ୱତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଡ଼ରେ ଆଖି ବୁଜିଲେ ନାବାଳିକା ପାର୍ବତୀ

- ସାବତ ମା’ ଓ ବାପା ଗିରଫ
- ଥାନାରେ ହତ୍ୟା ମାମଲା ରୁଜୁ

ତିହିଡ଼ି,୧୧।୧୦(ଡି.ଏନ.ଏ.)

ନାବାଳିକା ଝିଅଙ୍କୁ ମାଡ଼ମାରି ହତ୍ୟାକରିବା ଅଭିଯୋଗରେ ପୋଲିସ ସାବତ ମା’ ଓ ତାଙ୍କ ବାପାଙ୍କୁ ଗୁରୁବାର ଗିରଫ କରିଛି। ଭଦ୍ରକ ଜିଲା ତିହିଡ଼ି ଡାକ୍ତରଖାନାରୁ ପୋଲିସ ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୫୧/୧୮) ରୁଜୁ କରାଯାଇଛି।

ମୃତା ନାବାଳିକା ହେଲେ ତିହିଡ଼ି ଥାନା ଅଧୀନ ବାରସର ପଞ୍ଚାୟତ ଭଉଁରିଆବାଙ୍କ ଗ୍ରାମର ବାବାଜୀ ବାରିକଙ୍କ ଝିଅ ପାର୍ବତୀ। ତାଙ୍କ ମା’ଙ୍କର ମୃତ୍ୟୁ ଘଟିଥିବାରୁ ପାର୍ବତୀଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ। ପରିବାରରେ ବିଭିନ୍ନ ସମୟରେ ପାରିବାରିକ କଳହ ଲାଗିରହୁଥିଲା। ବୁଧବାର ସନ୍ଧ୍ୟାରେ ପାର୍ବତୀଙ୍କୁ ତାଙ୍କ ବାପା ବାବାଜୀ ଗୋରୁଙ୍କୁ ତୋରାଣି ଦେବାକୁ କହିଥିଲେ। ସେ ତୋରାଣି ନ ଦେବାରୁ ସେ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ମିଶି ପାର୍ବତୀଙ୍କୁ ମାଡ଼ ମାରିଥିଲେ। ପାର୍ବତୀ ଚେତା ହରାଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପାର୍ବତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାର୍ବତୀଙ୍କ ସାନବାପା ପ୍ରଭାକର ବାରିକ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ବାବାଜୀ ଓ ସାବତ ମା’ ବାସନ୍ତୀଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

# କଂଗ୍ରେସ କୃଷକ ସେଲ୍ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)-

ରାଜ୍ୟରେ କୃଷି ଓ କୃଷକଙ୍କ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ଚାଷୀ ଅଭାବୀ ବିକ୍ରି, ଫସଲ ହାନି ଓ ଋଣବୋଝ ଯୋଗୁ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ଚାଷ ଓ ଚାଷୀର ବିକାଶ ପାଇଁ ସରକାରଙ୍କ ଘୋଷଣା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହା କେବଳ ପ୍ରଚାର ଓ ଭାଷଣ ସର୍ବସ୍ୱ ବୋଲି ପିସିସି କୃଷକ ସେଲ୍ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସେଲ୍‌ର ଆବାହକ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏନେଇ ଅମିୟ କହିଛନ୍ତି ଯେ, ଚାଷୀ ଉତ୍ପାଦନ ଖର୍ଚ୍ଚର ଉଚିତ ମୂଲ୍ୟ ପାଉ ନ ଥିବାବେଳେ ବିକ୍ରିବଟା ଓ ସଂରକ୍ଷଣ ଦିଗରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। କୃଷି ଓ ଆନୁଷଙ୍ଗିକ ସମସ୍ୟାର ଆଶୁ ସମାଧାନ ପାଇଁ ସେଲ୍ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଏକ ୧୨ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଡାଲି ଓ ତୈଳବୀଜ ଜାତୀୟ ଫସଲର ବୃହତ୍ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ, କପା ଓ ଡାଲି ରପ୍ତାନି କେନ୍ଦ୍ର ପ୍ରତିଷ୍ଠା, ଦେବଗଡ଼ ଜିଲାରେ ଉଦ୍ୟାନ କୃଷି ମହାବିଦ୍ୟାଳୟ ଏବଂ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଚାଷୀଙ୍କ ଉତ୍ପାଦିତ ଫଳ ବିକ୍ରୟ ପାଇଁ ମଣ୍ଡି ପ୍ରତିଷ୍ଠା, ପୁରୀ ଜିଲାର ଅସ୍ତରଙ୍ଗଠାରେ ମାଛ ଶୁଖୁଆ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ଏବଂ ରପ୍ତାନି କେନ୍ଦ୍ର ପ୍ରତିଷ୍ଠା, ଫସଲ ବୀମା କ୍ଷେତ୍ରରେ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଘୋଷଣା କରିବାକୁ ସେଲ୍ ପକ୍ଷରୁ ଦାବି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ତିତ୍‌ଲି ଦୁର୍ବଳ...

ଗୁମ୍ମା, ଗୋଷାଣି, କାଶୀନଗର, ମୋହନା, ରାୟଗଡ଼, ନୂଆଗଡ଼ ଏବଂ ଆର୍. ଉଦୟଗିରି ବ୍ଲକରେ ମଧ୍ୟ ଘରଦ୍ୱାର ଭାଙ୍ଗିବା, ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ିବା ଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ଅଠରନଳା ପୋଲ ଉପରେ ୫ଫୁଟ ଓ ରାମନଦୀ ପୋଲ ଉପରେ ୧୦ଫୁଟ ଉଚ୍ଚର ପାଣି ଚାଲୁଥିବାରୁ ୮ଟି ପଞ୍ଚାୟତ ସମେତ ମୋହନା-ଅନ୍ତରବା ଓ ପାରଳାଖେମୁଣ୍ଡି ମଧ୍ୟରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ସେହିପରି ବ୍ରହ୍ମପୁର- ରାୟଗଡ଼ା ରାସ୍ତାରେ ୩ଫୁଟର ପାଣି ଚାଲିବା ସହ ଗଛ ପଡ଼ିଥିବାରୁ ଯାନବାହନ ଚଳାଚଳ ବନ୍ଦ ରହିଛି।

ସାମୁଦ୍ରିକ ଝଡ଼ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ଗଜପତି ଜିଲାରେ ୨୨୮.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଞ୍ଜାମ ୧୨୩.୨, ଜଗତ୍‌ସିଂହପୁର ୧୧୪.୮ ଏବଂ ବାଲେଶ୍ୱର ଜିଲାରେ ୧୦୨.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କେନ୍ଦ୍ରାପଡା ଜିଲାରେ ୭୭.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଯାଜପୁର ୭୩.୫, କଟକ ୭୧.୭, ପୁରୀ ୬୯.୪, ନୟାଗଡ ୬୮, ଖୋର୍ଦ୍ଧା ୬୩.୭, ଭଦ୍ରକ ୬୧.୩ ଏବଂ କନ୍ଧମାଳ ଜିଲାରେ ୫୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗଜପତି ଜିଲାର ମୋହନା ବ୍ଲକରେ ସର୍ବାଧିକ ୩୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଆର. ଉଦୟଗିରିରେ ୨୨୩.୮, ଗଞ୍ଜାମ ଜିଲାର ଚିକିଟିରେ ୨୧୩.୬, ଜଗତ୍‌ସିଂହପୁର ଜିଲାର ଏରସମାରେ ୨୧୦, ଗଞ୍ଜାମର ସେରଗଡରେ ୧୯୫, ସାନଖେମୁଣ୍ଡି ୧୫୭,କୁକୁଡାଖଣ୍ଡି ୧୫୫, ଆସ୍କା ୧୫୦.୪, ନୂଆଗଡ ୧୪୬.୪, ପାତ୍ରପୁର ୧୪୪, ଦିଗପହଣ୍ଡି ୧୪୦, ବାଲେଶ୍ୱର ଜିଲାର ଭୋଗରାଇରେ ୧୪୩.୨, ଜଗତ୍‌ସିଂହପୁର ବାଲିକୁଦା ବ୍ଲକରେ ୧୩୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଆଦି ଜିଲାର ଅନ୍ୟାନ୍ୟ ବ୍ଲକରେ ୧୦୦ରୁ ୧୩୦ ମିଲିମିଟର ମଧ୍ୟରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ପ୍ରବଳ ବର୍ଷା ଯୋଗୁ ବଂଶଧାରା, ଋଷିକୁଲ୍ୟା, ଜଳକା, ବୁଢାବଳଙ୍ଗ, ବୈତରଣୀ ଆଦି ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ବଂଶଧାରା ନଦୀର ଗୁଣୁପୁରଠାରେ ବନ୍ୟାଜଳ ସତର୍କ ସୂଚନାଠାରୁ ଉପରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସୂଚନା ୮୩ ମିଟର ଥିବାବେଳେ ୮୩.୪୦ ମିଟର ଉପରେ ଜଳ ପ୍ରବାହିତ ହେଉଛି। ସେହିପରି କାଶୀନଗରଠାରେ ସତର୍କ ସୂଚନା ୫୩.୬୦ ମିଟର ଥିବାବେଳେ ୫୪.୪୦ ମିଟର ଉପରେ ପ୍ରବାହିତ ହେଉଛି। ଋଷିକୁଲ୍ୟା ନଦୀ ମଧ୍ୟ ବନ୍ୟା ପାଣିରେ ଭରି ଯାଇଛି। ସେହି ନଦୀର ପୁରୁଷୋତ୍ତମପୁରଠାରେ ବନ୍ୟା ଜଳ ସତର୍କ ସୂଚନା ଠାରୁ ଉପରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସୂଚନା ୧୫.୮୩ ମିଟର ଥିବା ବେଳେ ବନ୍ୟା ଜଳ ୧୬.୩୦ମିଟର ଉପରେ ପ୍ରବାହିତ ହେଉଛି। ଏହି ଦୁଇ ନଦୀରେ ବନ୍ୟା ପାଣି ବଢିବାରେ ଲାଗିଛି। ଜଳକା ନଦୀରେ ବିପଦ ସଙ୍କେତ ଉପରେ ପାଣି ପ୍ରବାହିତ ହେଉଛି। ଜଳକାରେ ବିପଦ ସଙ୍କେତ ୫.୫୦ ମିଟର ଥିବାବେଳେ ୫.୭୪ ମିଟର ଉପରେ ପ୍ରବାହିତ ହେଉଛି।

ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିତ୍‌ଲି ମୁକାବିଲା ନେଇ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଗୁରୁବାର ସଚିବାଳୟଠାରେ ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ଜଣାପଡିଛି ଯେ, ସାମୁଦ୍ରିକ ଝଡ ତିତ୍‌ଲି ଗୁରୁବାର ସକାଳ ୫ଟା ୩୦ ମିନିଟରେ ସ୍ଥଳଭାଗ ଛୁଇଁଛି। ବାତ୍ୟାକୁ ଦୃଷ୍ଟିରେ ରଖି ଉପକୂଳବର୍ତ୍ତୀ ଜିଲାଗୁଡିକର ତଳିଆ ଅଞ୍ଚଳରୁ ୩ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ୧,୧୧୨ଟି ରିଲିଫ୍ କ୍ୟାମ୍ପରେ ସୁରକ୍ଷିତ ଭାବେ ରଖାଯାଇ ରିଲିଫ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଛି। ସାମୁଦ୍ରିକ ଝଡ ଯୋଗୁ କେହି ମୃତାହତ ହୋଇଥିବା ସୂଚନା ନାହିଁ। ଝଡ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ନ ଥିବାରୁ ପରିସ୍ଥିତି ଉପରେ ନଜର ରଖିବା ସହିତ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲା ଅପେକ୍ଷାକୃତ ଅଧିକ ପ୍ରଭାବିତ ହୋଇଛି। ବାତ୍ୟା ଯୋଗୁ କେତେକ ଜିଲାରେ ୧୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ପଶ୍ଚିମ ଓଡିଶା ବ୍ୟତୀତ ଅନ୍ୟାନ୍ୟ ଜିଲାଗୁଡିକରେ ବର୍ଷା ହେବାର ସମ୍ଭାବନା ରହିଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ, ପାନୀୟ ଜଳ ଯୋଗାଣ ଓ ସଡକ ଯୋଗାଯୋଗ ଅତି ଜରୁରୀ ସେବାଗୁଡିକୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଫସଲ ଓ ଘରଭଙ୍ଗା ଆଦି କ୍ଷୟକ୍ଷତି ଆକଳନ କରି ତୁରନ୍ତ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମୁଦ୍ରିକ ଝଡର ମୁକାବିଲା ପାଇଁ ୧୩ଟି ଏନ୍‌ଡିଆରଏଫ ସହ ଓଡ୍ରାଫ ଟିମ୍‌କୁ ପ୍ରଭାବିତ ଜିଲାରେ ମୁତୟନ କରାଯାଇଛି। ଗଜପତି ଜିଲାରେ ଆଉ ଦୁଇଟି ଏନଡିଆରଏଫ୍ ଟିମ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି। ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀକୁ ମଧ୍ୟ ମୁତୟନ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ରିଲିଫ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷୟକ୍ଷତି ନେଇ ସମବେଦନା ଜଣାଇଛନ୍ତି। ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ପ୍ରକାର ସହାୟତା ନେଇ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଆସନ୍ତା ୬ ଘଣ୍ଟା ମଧ୍ୟରେ ଝଡ଼ ପଶ୍ଚିମବଙ୍ଗର ଉତ୍ତର ପୂର୍ବ ଗାଙ୍ଗେୟ ସମତଳ ଅଞ୍ଚଳ ଦେଇ ଯିବା ସହ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ପୁରୀ, ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି , ବୌଦ୍ଧ, ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଗଜପତି, ଗଞ୍ଜାମ, ରାୟଗଡା, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ ଏବଂ ନୟାଗଡ ଜିଲାର ଅଳ୍ପ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଝଡ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ନ ଥିବାରୁ ୧୨ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

### ଆନ୍ଧ୍ରରେ ଗଲା...

ଖୁବ୍ ଜୋର୍‌ରେ ପବନ ବହିବାରୁ ପଲାସା ରେଲୱେ ଷ୍ଟେଶନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ପାଣି ଜମାହୋଇ ରହିବାରୁ ରାସ୍ତାଘାଟ ଭାଙ୍ଗିଯାଇଛି। ଉପକୂଳ ଅଞ୍ଚଳଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ୨ ହଜାରରୁ ଊର୍ଦ୍ଧ୍ୱ ବିଜୁଳି ଖୁଣ୍ଟ ଢଳିଯାଇଥିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପାଇଁ ସପ୍ତାହେ ଲାଗିବ ବୋଲି ଆନ୍ଧ୍ର ସରକାରଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ବିଜୟୱାଡାରେ ସ୍ଥିତି ସମୀକ୍ଷା କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ଆଉ ଦୁଇଦିନ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି।

### ପାଣି ସୁଅରେ ...

ପ୍ରବଳ ବର୍ଷା ହେବା ସହ ନାଳର ଜଳସ୍ତର ହଠାତ୍ ବଢିଥିଲା। ଫଳରେ ବିଜୟ, ତାଙ୍କ ପରିବାରବର୍ଗ, ପଡୋଶୀ ନକୁଳ ମଲ୍ଲିକ ଓ ନିକଟରେ ଗୋରୁ ଚରାଉଥିବା ଆତ୍ମୀୟଜଣର ପ୍ରଫୁଲ୍ଲ ମଲିକ ବିଜୟଙ୍କ ଛାତ ଉପରକୁ ଚଢି ଯାଇଥିଲେ। ମାତ୍ର ବନ୍ୟାପାଣିର ପ୍ରବଳ ସ୍ରୋତ ଘରକୁ ମଧ୍ୟ ଭସାଇ ନେଇଥିଲା। ଛାତ ଉପରେ ଥିବା ୬ଜଣ ଘର ସହ ଭାସି ଯାଇଥିଲେ। ଖବର ଲେଖା ହେବା ସୁଦ୍ଧା ସେମାନଙ୍କର କୌଣସି ପତ୍ତା ମିଳିନଥିବା ସରପଞ୍ଚ ସୂଚନା ଦେଇଛନ୍ତି।

# ଟିଟୋ ଲିଙ୍କ୍‌ରେ ଗିରଫ ୪ ଜଣଙ୍କୁ ଜାମିନ

ପାରାଦୀପ,୧୧।୧୦(ସ୍ୱ.ପ୍ର.): ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋଙ୍କ ସହ ସମ୍ପର୍କରେ ଥିବା ଅଭିଯୋଗରେ ପାରାଦୀପ ଓ ଜଗତ୍‌ସିଂହପୁରରୁ ୪ ଜଣଙ୍କୁ ତଦନ୍ତକାରୀ ସଂସ୍ଥା ଏସ୍‌ଟିଏଫ୍ ଗିରଫ କରିଥିଲା। ଗୁରୁବାର ସେମାନଙ୍କୁ କୁଜଙ୍ଗ କୋର୍ଟରୁ ଜାମିନ ମିଳିଛି। ସେମାନେ ହେଲେ ପାରାଦୀପର ଜ୍ୟୋତିକାନ୍ତ ପରିଡ଼ା ଓରଫ ବାପୁ, ଦୀପକ ସ୍ୱାଇଁ ଓରଫ ଚଗଲି, ଆଲୋକ ମଲିକ ଓ ଜଗତ୍‌ସିଂହପୁରର ଦୀପ୍ତିରଞ୍ଜନ ଦାସ। ସୂଚନା ଅନୁଯାୟୀ, ଟିଟୋଙ୍କୁ ଗିରଫ କରାଯିବା ପରେ ଏସ୍‌ଟିଏଫ୍ ତାଙ୍କ ସହ ସମ୍ପର୍କରେ ଥିବା ବିଭିନ୍ନ ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ଟିଟୋଙ୍କ ଆର୍ଥିକ, ବ୍ୟବସାୟୀକ ଓ ଆପରାଧିକ କାରବାର ତଦନ୍ତ କରାଯିବା ସମୟରେ ଉପରୋକ୍ତ ୪ ଜଣଙ୍କୁ ଏସ୍‌ଟିଏଫ୍ ଉଠାଇ ନେଇଥିଲା। ଏହାକୁ ନେଇ ସେତେବେଳେ ରାଜନୈତିକ ବିତର୍କ ଆରମ୍ଭ ହୋଇଯାଇଥିଲା। କଂଗ୍ରେସ ଓ ଭାଜପାର ସ୍ଥାନୀୟ ନେତାମାନେ ଏହାକୁ ଅସ୍ତ୍ରକରି ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ବିରୋଧରେ ବିଭିନ୍ନ ଆକ୍ଷେପ କରିଥିଲେ। ତେବେ ଜାମିନ ପାଇଥିବା ଯୁବକଙ୍କ ମଧ୍ୟରୁ ୨ଜଣ ଏବେସୁଦ୍ଧା କାହିଁକି ଗିରଫ ହୋଇଥିଲେ ବୁଝିପାରୁନାହାନ୍ତି ବୋଲି କହିଛନ୍ତି।

# ଜି.ଡି. ଅଗ୍ରୱାଲଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)-ପରିବେଶବିତ୍ ଜି.ଡି. ଅଗ୍ରୱାଲଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ଶୋକପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସ୍ୱର୍ଗତ ଅଗ୍ରୱାଲ ଚଳିତ ବର୍ଷ ଜୁନ୍ ୨୨ରୁ ଗଙ୍ଗା ନଦୀର ସୁରକ୍ଷା ପାଇଁ ଅନଶନରେ ବସିଥିଲେ। ସେହିପରି ଯେଉଁମାନେ ମା’ ଗଙ୍ଗାକୁ ନେଇ ରାଜନୀତୀକରଣ କରୁଛନ୍ତି, ସେମାନେ ଅଗ୍ରୱାଲଙ୍କ ମୃତ୍ୟୁକୁ ଦୃଷ୍ଟି ଦେଉ ନ ଥିବା ନିରଞ୍ଜନ କହିଛନ୍ତି। ପ୍ରକାଶ ଯେ, ସ୍ୱର୍ଗତ ଜି.ଜି. ଅଗ୍ରୱାଲ ଆଇଆଇଟି କାନପୁରରେ ଶିକ୍ଷାଦାନ କରିଛନ୍ତି।


## ପିଏଚ୍‌ଡି ଲାଭ



ଗବେଷିକା ଶ୍ୱେତପଦ୍ମା ଦାଶ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାଇକୋଲୋଜିରେ ପିଏଚ୍.ଡି ଉପାଧି ପାଇବା ନିମିତ୍ତ ଯୋଗ୍ୟା ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟ ବସ୍ତୁ ଥିଲା। Psychological Factors in ICU: Exploring Possible Remediation. ଡକ୍ଟର ଶ୍ୱେତ ପଦ୍ମା ଦାଶ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରତାପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଏବେ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲର ଗୁଣବତ୍ତା ପରିଚାଳନା ପଦ୍ଧତି ଏବଂ ଗବେଷଣା ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ। ସେ ଏହାର ସମସ୍ତ ଶ୍ରେୟ ବାପା: ସୁକାନ୍ତ କୁମାର ଦାଶ, ମାତା: ମନୋରମା ଦାଶ, ଶ୍ୱଶୁର ଶିଶିର କୁମାର ଦାସ ଏବଂ ସ୍ୱାମୀ ସନତ କୁମାର ଦାସଙ୍କୁ ଦେଇଛନ୍ତି।

ଧ-୮୮୮୩

# classified

real estate

## SALE

New residential plotting project near KIIT, developed by SDIPL having 40’ main, 30’ internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100’ ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30’ road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

**First time in Bhubaneswar a new mega plotting project at Mouza Barimunda. Psqft- 350/- with gharabari having 30’ project road (boundary wall free) puja offer. 9937542232.** D-64345

1800 sqft. gharabari residential yellowzone plot having 30ft. road near Patia Bigbazar, Bhubaneswar. Rs. 44,00,000/-. Contact: 9078151122. D-65104

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

Luxury flats at Puri studio, 1/2bhk, bank loan also available. 9124289585.D-8838

Gharabari plot with 30’ wide revenue road and electricity near Patia station, Bhubaneswar. 9437827966. D-8875

astrology

All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଶ୍ରଦ୍ଧାସୁମନ
## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



### ସ୍ୱର୍ଗତ ଡାକ୍ତର ବାବୁଲୁ ସିଂହ

Lt.Col. Indian Army
ଆବିର୍ଭାବ: ୧୮।୦୯।୧୯୭୦
ତିରୋଧାନ: ୧୨।୧୦।୨୦୧୬
“ଶେଫାଳିର ମହକ ଯେ ବାଣ୍ଟିଛୁ ତୁ ଧରାରେ, ମୃତ୍ୟୁଞ୍ଜୟୀ ଜୀବନ ତୋ ଥାଉ ପ୍ରଭୁ କୋଳରେ।”
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୬୪୩୪୮

## ପ୍ରଥମ ଶ୍ରାଦ୍ଧବାର୍ଷିକୀ
## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ସ୍ୱର୍ଗତା ମୀନା ଜେନା

ବାଘ ଆଖେଡା ଲେନ୍, ପୁରୀ
ଆବିର୍ଭାବ: ୦୭।୦୨।୧୯୬୪
ତିରୋଧାନ: ୨୧।୦୯।୨୦୧୭
‘ମାଆ’ ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆଖିର ଲୁହ, ଛାତିର କୋହକୁ ଜାବୁଡ଼ି ଧରି ତୁମର ଅଧୁରା ସ୍ୱପ୍ନକୁ ସାକାର କରିବାରେ ଆମେ ଚେଷ୍ଟିତ। ଆଜି ତୁମର ତିରୋଧାନର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ବାପା, ମାମା ଓ ତୁମର ବାବୁନା, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଆଶୀର୍ବାଦ ଭିକ୍ଷା କରୁଅଛୁ। ତୁମର ଶୋକସନ୍ତପ୍ତ ବାବୁନା।

ଧ-୬୩୭୩୦

## ସପ୍ତମ ଶ୍ରାଦ୍ଧବାର୍ଷିକୀ



### ସ୍ୱର୍ଗତ ପଦ୍ମଚରଣ ସାହୁ

Plot No-82 & 82/A SCR, Bapuji Nagar
ଆବିର୍ଭାବ: ୦୬।୦୪।୧୯୩୯
ତିରୋଧାନ: ୩୦।୦୯।୨୦୧୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପୁତ୍ର- ସୁରେନ୍ଦ୍ର କୁମାର ସାହୁ ଓ ପରିବାରବର୍ଗ।

ଧ-୮୮୭୯

## ଏକାଦଶାହ ଉପଲକ୍ଷେ



### ✓ ଗଣେଶ ଚନ୍ଦ୍ର ପରିଡ଼ା

ଜନ୍ମସ୍ଥାନ: ବଡ଼ଘାଗରା, ଜି: କେନ୍ଦ୍ରାପଡ଼ା
ଆବିର୍ଭାବ : ୨୫.୦୩.୧୯୩୬
ତିରୋଧାନ : ୦୨.୧୦.୨୦୧୮
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ସ୍ୱାଭିମାନ, ସ୍ନେହ, ଶ୍ରଦ୍ଧା, ଦିଗଦର୍ଶନ ଓ ଅନାବିଳ ପ୍ରେମ ଆମ ସମସ୍ତଙ୍କର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୬୪୭୨୫


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଧନ ସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଅର୍ଥଲାଭ ସହ କୌଣସି କର୍ମାରମ୍ଭର ପ୍ରସ୍ତୁତି କରିବେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହିବେ। କୃତ୍ତିକା ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ। ପୂର୍ବରୁ ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ମିଳିପାରିବ।

**ବୃଷ** ରବିଙ୍କ ସ୍ଥିତି ଜନିତ କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ, ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଚନ୍ଦ୍ରଙ୍କ ଦୁର୍ବଳତାଜନିତ ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁ ସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ମୃଗଶିରା ନକ୍ଷତ୍ର ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ ।

**କର୍କଟ** ମଙ୍ଗଳଙ୍କ ସବଳତା ଉଦ୍ୟମ ଅବ୍ୟାହତ ରଖିଲେ ଯେତିକି ଓ ଯେମିତି ପାଇବା କଥା ତାହାକୁ କିଏ ଅଟକାଇ ପାରିବେ ନାହିଁ। କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ପୁଷ୍ୟା ନକ୍ଷତ୍ରର ମାଲିମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ବୁଧଙ୍କ ମିତ୍ରଗୃହ ମଣ୍ଡନ କାରଣରୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଏ ଦିଗରେ ସାହାଯ୍ୟ କରିବ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜ କାମ ସକାଶେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା** ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରିବା ଭଲ ହେବ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ । ହସ୍ତା ନକ୍ଷତ୍ର କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ହେବେ।

**ତୁଳା** ଅର୍ଥ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ଆଜି ହଁ କରିବେ ନାହିଁ କିମ୍ବା ନାହିଁ ମଧ୍ୟ କରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ଚିତ୍ରା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ,ବାଣିଜ୍ୟ,ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହାକୁ ସମ୍ପନ୍ନ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ,ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ନିଜ ପରିବାରର ସଦସ୍ୟ କିମ୍ବା ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ଶନିଙ୍କ ପ୍ରଭାବ ଜନିତ କୌଣସି ଅତି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ପାଇବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** ପାପଗ୍ରହ ମଧ୍ୟସ୍ଥ ବଳହୀନ ଚନ୍ଦ୍ର ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। କୌଣସି ବ୍ୟକ୍ତିଠାରୁ ହଠାତ୍ ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ସକାଶେ ପଡୋଶୀମାନେ ବିଭିନ୍ନ ପ୍ରକାର ଝମେଲା ସୃଷ୍ଟି କରିପାରନ୍ତି।

**କୁମ୍ଭ** ଶୁକ୍ର ନିଜ ଭାବରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ଦୁଃସାହସିକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ** ବୁଧଜନିତ ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଅକ୍ଟୋବର ୧୨ ତାରିଖ, ନକ୍ଷତ୍ର-ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୭।୧୧ମି. ମଧ୍ୟେ ଘ୩।୫୪ମି. ଗତେ, ଘ୫।୨୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ, ଘ୧୧।୩୨ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୬ମି. ଗତେ ଘ୧୧।୩୩ମି. ମଧ୍ୟେ ରାହୁକାଳ ।

HONDA
The Power of Dreams

HONDA joyclub

# ENJOY ENDLESS joy

ନ୍ୟୁ ହୋଣ୍ଡା ଜଏ କ୍ଲବ୍ ଆଜି ଏଠାରେ ଆପଣଙ୍କ ପାଇଁ । ଏହା ହେଉଛି ଏକ ଡିଜିଟାଲ୍ ଲୟାଲ୍‌ଟି ପ୍ରୋଗ୍ରାମ୍ ଯିଏ ଯତ୍ନ ନିଏ ଆପଣଙ୍କର ତଥା ଆପଣଙ୍କ ପରିବାର ସହ ଆପଣଙ୍କ ଟୁ ହ୍ୱିଲର୍‌ର ମଧ୍ୟ । ଏହା ବିଶେଷ କରି ଆଗରୁ ଥିବା ସମସ୍ତ ଏବଂ ନୂଆ ହୋଣ୍ଡା ଟୁ ହ୍ୱିଲର କଷ୍ଟମର୍‌ଙ୍କ ପାଇଁ ଅତି ଉତ୍ତମ ଡିଲ୍‌ର ମଜା, ବଢିଆ ଡିସ୍‌କାଉଣ୍ଟ୍ ଏବଂ ଅନ୍ୟ ବଡ ସୁବିଧା ସହ ହୋଣ୍ଡାର ଆକର୍ଷଣୀୟ ସର୍ଭିସ୍ ପ୍ରସ୍ତୁତ କରିଥାଏ ।

**ଆଜି ହିଁ ମିଶନ୍ତୁ ଏବଂ ପାଆନ୍ତୁ ଲାଭ ₹2100* ପର୍ଯ୍ୟନ୍ତ**

- ପାଆନ୍ତୁ 299 ହୋଣ୍ଡା କରେନ୍‌ସି*
- ଫ୍ରି ୱାଶ୍ ଏବଂ ଫ୍ରି ପିକ୍ ଅପ୍*
- ଟ୍ରାଭେଲ୍ ଭାଉଚର୍ ₹5000* ପର୍ଯ୍ୟନ୍ତ
- DTH ଡିସ୍‌କାଉଣ୍ଟ୍ ଭାଉଚର୍ ₹500*ର
- 3-ବର୍ଷ ବ୍ୟକ୍ତିଗତ ଦୁର୍ଘଟଣା ₹1 ଲକ୍ଷ* କଭର କରେ
- 3-ବର୍ଷ ସ୍ମାର୍ଟ ହେଲ୍‌ଥ୍‌କେୟାର୍ ମେମ୍ବରସିପ୍ ₹500*ର
- ଆହୁରି ଅନେକ ଆନନ୍ଦମୟ ଡିସ୍‌କାଉଣ୍ଟ୍ ଆଲିଆନ୍‌ସ ପାର୍ଟ୍‌ନର* ତରଫରୁ




BEST DEAL HONDA Buy. Sell. Exchange

ALWAYS WEAR HELMET WHILE RIDING

Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

GET IT ON Google play | Download on the App Store
or visit www.hondajoyclub.com for registration

ହୋଣ୍ଡା ହିଁ HONDA

*Joy Club has a membership fee. Customer Helpline Number 1800 5322 555. Terms & conditions apply. The product pictures are indicative of the offers and may not match with the actual products. Offer valid for HMSI customers only. Quantity restrictions apply. Statutory exclusions of product apply. HMSI reserves the right to withdraw, change or modify the terms & conditions as well as offers any time without any prior notice. Free wash and free pick-up & drop are available against redemption. Partners benefits are at sole discretion of the respective brand and can differ or be withdrawn without any prior notice. Disputes, if any, are subject to jurisdiction of courts in Delhi. Offers applicable in company's authorised network only. **Condition apply.

**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ।
–ଶ୍ରୀମା

# ଜନସ୍ୱାର୍ଥବିରୋଧୀ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଏଟିଏମ୍‌ରୁ ଦୈନିକ ଉଠାଣ ସୀମା ୪୦,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କାକୁ ହ୍ରାସ କରିଛନ୍ତି। ଭାରତୀୟ ବ୍ୟାଙ୍କିଙ୍ଗ୍ କୋଡ୍ ଓ ମାନକ ପରିଷଦ (ବିସିଏସ୍‌ବିଆଇ)ର ନିୟମ ଅନୁସାରେ ବ୍ୟାଙ୍କର କୌଣସି ବି ସର୍ତ୍ତାବଳିରେ ପରିବର୍ତ୍ତନ କରାଯିବାର ଅନ୍ତତଃ ୩୦ ଦିନ ପୂର୍ବରୁ ଗ୍ରାହକମାନଙ୍କୁ ବିଜ୍ଞପ୍ତି ଜରିଆରେ ଅବଗତ କରାଇବା ଦରକାର। ତେଣୁ ଉକ୍ତ ହ୍ରାସପ୍ରାପ୍ତ ଉଠାଣ ସୀମା ଅକ୍ଟୋବର ୩୧ରୁ କାର୍ଯ୍ୟକାରୀ ହେବ। ନୂଆ ନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ବ୍ୟାଙ୍କ ତା'ର ଶାଖାଗୁଡ଼ିକୁ ଏ ବାବଦରେ ନୋଟିସ୍ ବୋର୍ଡରେ ନୋଟିସ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ନୂଆ ନିୟମ କ୍ଲାସିକ୍ ଓ ମେଷ୍ଟ୍ରୋ ଡେବିଟ୍ କାର୍ଡଧାରୀମାନଙ୍କ ପାଇଁ ଲାଗୁ ହେବ। ଯେଉଁମାନଙ୍କର ଅନ୍ୟ ଡେବିଟ୍ କାର୍ଡ, ଯଥା ଏସ୍‌ବିଆଇ ପ୍ଲାଟିନମ୍ ଇଣ୍ଟରନ୍ୟାଶ୍‌ନାଲ ଏବଂ ଏସ୍‌ବିଆଇ ଗୋଲ୍‌ଡ ଡେବିଟ୍ କାର୍ଡ ଅଛି, ସେମାନେ ପୁରୁଣା ହାରରେ ଟଙ୍କା ଉଠାଇ ପାରିବେ। ତେବେ କ୍ଲାସିକ୍ ଓ ମେଷ୍ଟ୍ରୋ ଡେବିଟ୍ କାର୍ଡଧାରୀମାନଙ୍କ ପାଇଁ ବ୍ୟାଙ୍କ ଅତି ନିର୍ଦ୍ଦୟ ଭାବରେ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଏସ୍‌ବିଆଇ ହେଉଛି ଦେଶର ବୃହତ୍ତମ ବାଣିଜ୍ୟିକ ବ୍ୟାଙ୍କ, ଯାହାର ୪୨ କୋଟିରୁ ଅଧିକ ଗ୍ରାହକ ଅଛନ୍ତି। କ୍ଲାସିକ୍ ଓ ମେଷ୍ଟ୍ରୋ ଡେବିଟ୍ କାର୍ଡଧାରୀଙ୍କ ସଂଖ୍ୟା ସବୁଠାରୁ ଅଧିକ ହୋଇଥିବାରୁ ଉକ୍ତ ଉଠାଣ ସୀମା ହ୍ରାସର ପ୍ରଭାବ ସର୍ବାଧିକ ଗ୍ରାହକଙ୍କ ଉପରେ ପଡ଼ିବ। ତା'ଛଡ଼ା ଅକ୍ଟୋବର ମାସ ଉଠାଣ ସୀମା ହ୍ରାସ କରିବା ପାଇଁ ସର୍ବୋତ୍କୃଷ୍ଟ ମାସ ନୁହେଁ, କାରଣ ଏହି ପାର୍ବଣ ଋତୁରେ ଲୋକମାନେ ସବୁଠାରୁ ଅଧିକ ଟଙ୍କା ଉଠାଇ ଖର୍ଚ୍ଚ କରିଥାନ୍ତି।

କମ୍ ସୁବିଧା ଥିବା ଉକ୍ତ କାର୍ଡଗୁଡ଼ିକ ବ୍ୟାଙ୍କର ମୋଟ କାର୍ଡ ସଂଖ୍ୟାର ସିଂହଭାଗ। ଉକ୍ତ ନିର୍ଦ୍ଦୟ କାଟ ହେଉଛି ପାତରଅନ୍ତରମୂଳକ, କାରଣ ଏହି କାର୍ଡଧାରୀ ସ୍ୱଳ୍ପ ଆୟକାରୀ ବର୍ଗଙ୍କ ଦୈନିକ ଉଠାଣ ଆବଶ୍ୟକତା ୨୦,୦୦୦ ଟଙ୍କାରୁ ଅଧିକ ନୁହେଁ ବୋଲି ଯାହା ଧରିନିଆଯାଇଛି, ତାହା ଠିକ୍ ନୁହେଁ। ବ୍ୟାଙ୍କ ଗ୍ରାହକମାନଙ୍କ ମଧ୍ୟରେ ଏପରି ଖୋଲା ପାତରଅନ୍ତର ବନ୍ଦ କରିବା ଦରକାର। ଉକ୍ତ କମ୍ ସୁବିଧା ଥିବା କାର୍ଡଧାରୀଙ୍କୁ ବ୍ୟାଙ୍କ ଅଧିକ ସୁବିଧା ଥିବା କାର୍ଡ ନେବା ପାଇଁ ବାଧ୍ୟକରିବା ନିନ୍ଦନୀୟ। ଏହା ହେଉଛି ଅଧିକ ସୁବିଧା ଥିବା କାର୍ଡ ନେବା ପାଇଁ ସ୍ୱଳ୍ପ ଆୟକାରୀ ଗ୍ରାହକଙ୍କ ଉପରେ ବ୍ୟାଙ୍କର ଏକ ଚାପ ପ୍ରୟୋଗ କୌଶଳ। କାରଣ ଅଧିକ ସୁବିଧା ଥିବା କାର୍ଡ ନେବାକୁ ହେଲେ ଗ୍ରାହକଙ୍କୁ ଅଧିକ ସର୍ବନିମ୍ନ ବାଲାନ୍ସ ରକ୍ଷା କରିବାକୁ ପଡ଼ିବ। ଉକ୍ତ ଜନବିରୋଧୀ ପଦକ୍ଷେପ ସପକ୍ଷରେ ବ୍ୟାଙ୍କ ଯୁକ୍ତି ଦର୍ଶାଇଛି ଯେ, ଏହାଦ୍ୱାରା ଏଟିଏମ୍‌ରେ ହେଉଥିବା ଜାଲିଆତିକୁ ରୋକାଯାଇପାରିବ ଏବଂ ଦେଶରେ ଡିଜିଟାଲ କାରବାର ବୃଦ୍ଧି ପାଇପାରିବ।

## ଆଜିର ଅର୍ଥନୀତି

ବିଶେଷତଃ ଛୋଟ ସହରଗୁଡ଼ିକରେ ବାସକରୁଥିବା କାର୍ଡ ବ୍ୟବହାରକାରୀମାନେ ବେଶି ଜାଲିଆତିର ଶିକାର ହୋଇଥାନ୍ତି। ସେମାନେ ହେଉଛନ୍ତି ଜାଲିଆତିକାରୀ ଗୋଷ୍ଠୀର ପ୍ରଥମ ଲକ୍ଷ୍ୟ। ଜାଲିଆତିକାରୀମାନେ ବ୍ୟାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଭେଦକରି ଏପରି କାମ କରିଥାନ୍ତି। ତେଣୁ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାରେ ରହିଥିବା ଦୋଷତ୍ରୁଟି ପାଇଁ ସାଧାରଣ ଗ୍ରାହକଙ୍କୁ ଦଣ୍ଡ ଦେବା ଅନ୍ୟାୟ। ତା'ଛଡ଼ା ଏହି ଜାଲିଆତି କେବଳ ଏଟିଏମ୍‌ରେ ସୀମିତ ନୁହେଁ। ଏପରି କି ଖୁଚୁରା ବିକ୍ରୟ କେନ୍ଦ୍ର (ପିଓଏସ୍)ରେ ଏବଂ ମୋବାଇଲ କାର୍ଡ ସ୍ୱାଇପ୍ ମେଶିନ୍‌ରେ ବି ଏପରି ଜାଲିଆତି ହେଉଛି। ତା'ଛଡ଼ା ଅଧିକାଂଶ ଡେବିଟ୍ କାର୍ଡ ଚୁମ୍ବକୀୟ ଟେପ୍ ପ୍ରଯୁକ୍ତିରେ ତିଆରି, ଯାହାକୁ ସହଜରେ ଜାଲିଆତି କରାଯାଇପାରୁଛି। ଅତ୍ୟାଧୁନିକ ଚିପ୍–ଭିତ୍ତିକ କାର୍ଡ ଏପର୍ଯ୍ୟନ୍ତ ସର୍ବତ୍ର ପ୍ରଚଳିତ ହୋଇନାହିଁ। ପୁରୁଣା କାର୍ଡ ହଟାଇ ତା' ସ୍ଥାନରେ ନୂତନ ଚିପ୍–ଭିତ୍ତିକ କାର୍ଡ ସର୍ବତ୍ର ପ୍ରଚଳିତ ହେବା ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ଏପରି କଠୋର ନିଷ୍ପତ୍ତି ନେବା ଉଚିତ ନୁହେଁ, ଯାହା ଏସ୍‌ବିଆଇ ନେଇଛି। ଏହାପୂର୍ବରୁ ସର୍ବନିମ୍ନ ବାଲାନ୍ସ ରକ୍ଷା କରିବା ପାଇଁ ବ୍ୟାଙ୍କର ନିଷ୍ପତ୍ତିକୁ ଗ୍ରାହକମାନେ ପ୍ରବଳ ବିରୋଧ କରିଥିଲେ। ଏହା ମାଧ୍ୟମରେ ବ୍ୟାଙ୍କଗୁଡ଼ିକ କୋଟି କୋଟି ଟଙ୍କା ଆୟ କରିଛନ୍ତି। ଏହି ନୀତି ଦ୍ୱାରା ସବୁଠାରୁ ବେଶି ଲାଭବାନ୍ ହୋଇଛି ଏସ୍‌ବିଆଇ। ବ୍ୟାଙ୍କର ପ୍ରତ୍ୟେକ ସେବା ପାଇଁ ଗ୍ରାହକଙ୍କୁ ଦେୟ ଦେବାକୁ ପଡୁଛି। ଅଧିକରୁ ଅଧିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଯୋଗୁ ବ୍ୟାଙ୍କଗୁଡ଼ିକର ପରିଚାଳନା ଖର୍ଚ୍ଚ ହ୍ରାସ ପାଇବା ଫଳରେ ସେମାନେ ଅଧିକ ଲାଭ କରୁଥିବା ଆଶା କରାଯାଏ। ଉଦାହରଣସ୍ୱରୂପ ଦେଶରେ ସ୍ମାର୍ଟଫୋନ୍‌ର ପ୍ରଚଳନ ପରେ ଡିଜିଟାଲ କାରବାର ବୃଦ୍ଧିପାଇଛି। ଏଥି ଯୋଗୁ ଏଟିଏମ୍‌ର ବ୍ୟବହାର ହ୍ରାସପାଇବା ଫଳରେ ବ୍ୟାଙ୍କଗୁଡ଼ିକ ଅନେକ ଏଟିଏମ୍ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ଏଟିଏମ୍ ସଂଖ୍ୟା କମିବା ଦ୍ୱାରା ତାହାର ପରିଚାଳନାଜନିତ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି। ଏଣୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ସେବା ଦେୟ ବୃଦ୍ଧି ନ କରି ବରଂ ହ୍ରାସ କରିବା ଉଚିତ। ଏସ୍‌ବିଆଇ ବୃହତ୍ତମ ବ୍ୟାଙ୍କ ହୋଇଥିବାରୁ ଏ ଦିଗରେ ପ୍ରଥମେ ପଦକ୍ଷେପ ନେଇ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶକ ହେବା ଆବଶ୍ୟକ। କିନ୍ତୁ ଏହା ଓଲଟା କାମ କରିବା ଦୁଃଖର ବିଷୟ।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଅକ୍ଟୋବର ୧୯୯୩**

- ବ୍ରିଟେନର ରିଚାର୍ଡ ରବର୍ଟସ ଏବଂ ଆମେରିକାର ଫିଲିପ ମାର୍ପଙ୍କୁ ୧୯୯୩ ବର୍ଷ ସକାଶ ନୋବେଲ ଚିକିତ୍ସାବିଜ୍ଞାନ ପୁରସ୍କାର।
- ଗ୍ରୀକ୍ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସମାଜବାଦୀ ନେତା ଆଣ୍ଡ୍ରିୟଜ ପାପାଣ୍ଡ୍ରୁଙ୍କ ନେତୃତ୍ୱାଧୀନ ପାସୋକ ପାର୍ଟିର ବିପୁଳ ବିଜୟ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | E | 9 | | 5 | 6 | 7 | | | 8 | |
| | | 6 | 2 | 3 | C | 0 | | | | | | E | | 9 |
| | | 9 | | | | | 4 | 8 | | | | | | |
| B | 1 | | | A | | | C | | | | | | 5 | |
| | | | 0 | | | | | | | 3 | 4 | B | D | 6 |
| | 8 | E | | | | | | | 0 | | | | 4 | |
| 9 | 2 | A | | | 4 | | | | | B | | | 7 | C |
| | 5 | | 7 | | | 4 | | | | | C | 6 | | 0 |
| | 4 | | | C | | | | | 5 | | 9 | | A | 3 |
| D | | | | | | B | | 9 | | 1 | | | E | |
| 0 | | | | D | | | | | | | 5 | 3 | | |
| | | | 3 | | B | | | | 1 | | D | | | A |
| 6 | | | | 9 | | 8 | | | 7 | A | 0 | | B | |
| | | D | | 0 | | | | A | | C | 8 | 2 | | |
| | | 4 | | 1 | | | E | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 4 | 3 | 2 | A | C | 8 | 1 | B | 7 | 0 | E | D | 6 |
| 7 | A | 3 | 4 | 1 | 9 | E | 6 | D | 8 | 2 | C | B | 0 | 5 |
| E | 1 | D | B | 8 | 6 | 5 | 7 | 0 | 3 | 9 | 4 | C | A | 2 |
| 0 | C | 2 | D | E | 7 | 9 | 3 | B | 6 | 5 | A | 1 | 8 | 4 |
| 8 | B | 6 | 5 | 0 | C | 2 | 4 | A | 1 | E | D | 7 | 3 | 9 |
| 6 | E | 8 | A | 9 | 1 | 0 | 2 | 3 | D | 4 | 7 | 5 | C | B |
| 2 | 5 | 9 | 6 | B | D | 1 | C | 4 | 0 | 8 | E | A | 7 | 3 |
| B | 7 | C | 0 | 3 | E | D | 5 | 8 | 9 | A | 2 | 4 | 6 | 1 |
| 1 | 4 | 0 | 7 | 5 | 2 | B | A | E | C | 3 | 6 | D | 9 | 8 |
| 3 | D | A | C | 4 | 8 | 7 | 9 | 6 | 5 | B | 1 | 0 | 2 | E |
| 4 | 0 | 5 | 8 | C | 3 | A | B | 7 | 2 | 1 | 9 | 6 | E | D |
| 9 | 3 | B | 1 | A | 0 | 4 | D | C | E | 6 | 8 | 2 | 5 | 7 |
| D | 2 | E | 9 | 7 | B | 6 | 1 | 5 | A | 0 | 3 | 8 | 4 | C |
| C | 8 | 1 | E | 6 | 4 | 3 | 0 | 2 | 7 | D | 5 | 9 | B | A |
| A | 6 | 7 | 2 | D | 5 | 8 | E | 9 | 4 | C | B | 3 | 1 | 0 |

ଗତକାଲିର ଉତ୍ତର

# ଭ୍ରଷ୍ଟାଚାରକୁ ପ୍ରୋତ୍ସାହନ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଗତ ତା୨୭।୯।୨୦୧୮ରିଖର ଏକ ଐତିହାସିକ ସିଦ୍ଧାନ୍ତରେ ସର୍ବୋଚ୍ଚ ନ୍ୟାୟାଳୟ ଦାମ୍ପତ୍ୟ ଜୀବନରେ ପରକୀୟା ପ୍ରୀତିକୁ ଆଇନସିଦ୍ଧ ଘୋଷଣା କରିଛନ୍ତି। ଫଳରେ ସମାଜ ଜୀବନରେ ଅଭୂତପୂର୍ବ ନୈତିକ ବିଶୃଙ୍ଖଳା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାଦ୍ୱାରା କାଳେ ଦେଶର ନାରୀ ସମାଜ ସ୍ୱାମୀ ଏବଂ ସଂସାରର ପରାଧୀନତା ଶୃଙ୍ଖଳରୁ ମୁକ୍ତ ହୋଇ ପରପୁରୁଷ ସହିତ ଅବାଧ ଯୌନ ଉପଭୋଗର ଆନନ୍ଦ ନେଇ ପାରିବେ– ଯଦିଓ ଭାରତୀୟ ନାରୀମାନେ କେବେ ବି ସ୍ୱାମୀ ଏବଂ ସଂସାରର ସ୍ନେହପ୍ରୀତି ଏବଂ ନୈତିକତାର ବନ୍ଧନକୁ ପରାଧୀନତା ମନେକରିବା ଶୁଣାଯାଇ ନାହିଁ। ସମାଜ ଜୀବନକୁ ଶୃଙ୍ଖଳିତ କରିବା ପାଇଁ କେଉଁ ଆବହମାନ କାଳରୁ ଆରମ୍ଭ ହୋଇଛି ନରନାରୀଙ୍କ ମଧ୍ୟରେ ସୁସଂଗଠିତ ବିବାହ ସମ୍ପର୍କ ଏବଂ ପରିବାର ଜୀବନ। ସେଥିରୁ ହିଁ ମାନବ ସଭ୍ୟତାର ଅନନ୍ତ ପ୍ରଗତିର ଅୟମାରମ୍ଭ। ତେଣୁ ମାନବ ସମାଜର ସମସ୍ତ ସମ୍ପ୍ରଦାୟରେ ବିବାହକୁ ଏକ ପବିତ୍ର ବନ୍ଧନ ବୋଲି ବିଚାର କରାଯାଏ। କେତେକ ସମ୍ପ୍ରଦାୟ ମଧ୍ୟରେ ଏହି ସମ୍ପର୍କ କିଛିଟା ଭଙ୍ଗୁର ଏବଂ ଅସ୍ଥାୟୀ ହେବାର ଦେଖାଯାଏ– ଯେପରି କି ଛାଡପତ୍ର ବା ତିନି ତଲାକ ଇତ୍ୟାଦି। କିନ୍ତୁ ଆର୍ଯ୍ୟ ଭାରତବର୍ଷର ପରମ ଜ୍ଞାନୀ ଋଷିମାନେ ବିବାହ ବନ୍ଧନକୁ ପୂର୍ଣ୍ଣ ମର୍ଯ୍ୟାଦା ପ୍ରଦାନ କରି ସ୍ୱାମୀସ୍ତ୍ରୀ ସମ୍ପର୍କକୁ ଏକ ଚିରନ୍ତନ ରୂପ ଦେଇଛନ୍ତି। ସେମାନେ ଜାଣି ପାରିଥିଲେ ଯେ ଏକାନୁରକ୍ତି, ତୀବ୍ରତା ଏବଂ କ୍ରମାଗତିରେ ହିଁ ମାନବ ଜୀବନର ସୌନ୍ଦର୍ଯ୍ୟ ଏବଂ ସାର୍ଥକତା। ତେଣୁ ସାଧାରଣତଃ ହିନ୍ଦୁ ଦମ୍ପତି କେବେ ବି ପରସ୍ପରଠାରୁ ବିଚ୍ୟୁତ ବା ବିଚ୍ଛିନ୍ନ ହୁଅନ୍ତି ନାହିଁ, ଯାହାକି ଆଜିର ପାଶ୍ଚାତ୍ୟ ସମାଜବିଜ୍ଞାନୀମାନଙ୍କୁ ବିସ୍ମିତ କରୁଛି। ଏଥିପାଇଁ ଅବଶ୍ୟ ଅନେକ ସଂଯମ ରକ୍ଷା କରିବାକୁ ପଡେ, ସହ୍ୟ କରିବାକୁ ପଡେ, ଆତ୍ମତ୍ୟାଗ କରିବାକୁ ପଡେ–ଯାହାକି ଦାମ୍ପତ୍ୟ ପ୍ରେମର ସର୍ବଶ୍ରେଷ୍ଠ ସମ୍ପଦ।

ଆଜି କ'ଣ ଆମେ ସେହି ଯୁଗ ଯୁଗର ପରମ୍ପରାକୁ ତ୍ୟାଗ କରି ପୁନର୍ବାର ପଶୁବତ୍ ଅସ୍ଥିର ଭଙ୍ଗୁର ଯୌନସମ୍ପର୍କକୁ ଆମନ୍ତ୍ରଣ କରିବାକୁ ଚାହୁଁଛୁ? ଆମ ସଂସ୍କୃତିରେ କେତେକ ବିଶେଷ ପରିସ୍ଥିତି ଛଡା (ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଳୀବେ ଚ ପତିତେ ପତୌ। ପଞ୍ଚସ୍ୱାପସ୍ସୁ ନାରୀଣାଂ ପତିରନ୍ୟୋ ବିଧିୟତେ।।) ସ୍ତ୍ରୀମାନଙ୍କର ପତ୍ୟନ୍ତର ଗ୍ରହଣ ବା ସ୍ୱାମୀଙ୍କଠାରୁ ବିଚ୍ୟୁତ ହେବାର ବ୍ୟବସ୍ଥା ନାହିଁ। ମୃତ୍ୟୁ ପରେ ମଧ୍ୟ ବିବାହିତା ନାରୀ ସ୍ୱାମୀଙ୍କର ସପିଣ୍ଡମାନଙ୍କ ମଧ୍ୟରେ ପିତୃଲୋକରେ ସ୍ଥାନ ପାଇଥାନ୍ତି। କାଳକ୍ରମେ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣରେ ଆମ ଦେଶରେ ମଧ୍ୟ ଛାଡପତ୍ର ଆଇନ ପ୍ରବର୍ତ୍ତିତ ହୋଇଛି। କିଛିବର୍ଷ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଆମ ସମାଜରେ ସହବାସୀ ସମ୍ପର୍କ, ଅର୍ଥାତ୍ ବିବାହ ନ କରି ମଧ୍ୟ ଯୁବତୀଯୁବକ ଏକତ୍ର ବାସ କରି ଯୌନସମ୍ପର୍କ ରକ୍ଷା କରିବାକୁ ଆଇନସିଦ୍ଧ କରିଛନ୍ତି ଏବଂ ଏହାର ପରିଣତିକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ଗୋଟିଏ ସିଦ୍ଧାନ୍ତ ଆସିଲା ଯେ ପ୍ରାପ୍ତବୟସ୍କ ଯୁବକ–ଯୁବତୀ ଅବୈଧ ଏବଂ ଅନୈତିକ ସମ୍ପର୍କ ରକ୍ଷାକଲେ ମଧ୍ୟ ମାତାପିତା କିମ୍ବା ଗୁରୁଜନମାନେ ସେମାନଙ୍କୁ ବାଧା ଦେଇ ପାରିବେ ନାହିଁ। ଆଇନ ବଳରେ ଦଣ୍ଡିତ ହେବେ। ଏହାଦ୍ୱାରା ନିଜର ରକ୍ତସମ୍ପର୍କ ଅଥବା ଜ୍ଞାତିକୁଟୁମ୍ବଙ୍କ ମଧ୍ୟରେ ଯୁବତୀଯୁବକମାନେ ପଶୁବତ୍ ଯୌନସମ୍ପର୍କ ରକ୍ଷାକଲେ ସେମାନଙ୍କୁ ବାଧା ଦେବାକୁ କେହି ନାହିଁ। ଯଦିଓ ଏହା ଫଳରେ ଇନ୍‌ବ୍ରିଡିଂଜନିତ ରକ୍ତଦୂଷଣ ଘଟି ସେମାନଙ୍କର ବଂଶ କ୍ଷୟ ହୋଇଯିବାର ସମ୍ଭାବନା ଅଛି। ସେହିପରି ସମଲିଙ୍ଗୀ ସମ୍ପର୍କକୁ ଆଇନସିଦ୍ଧ କରି ବିକୃତ ଯୌନାଚାରକୁ ପ୍ରୋତ୍ସାହିତ କରାଯାଇଛି। ଆଧୁନିକତା ନାମରେ ଏ ସମସ୍ତ ବ୍ୟବସ୍ଥାକୁ ଆପଣେଇବା ଦ୍ୱାରା ଆମର ସମାଜ ଏବଂ ପରିବାର ଜୀବନ କିପରି ଅନ୍ଧତମସାର ଅତଳ ଗହ୍ୱରକୁ ଚାଲିଯାଉଛି ତାହା ଭାବି ଦେଖିବାକୁ ଆମର ହୋସ ନାହିଁ। ଆମ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ବା ବ୍ୟକ୍ତି ସ୍ୱାଧୀନତାକୁ ଅସ୍ତ୍ର କରି କ୍ରମାଗତ ଭାବରେ ଆମର ଐତିହ୍ୟ, କୃଷ୍ଟି ଏବଂ ନୈତିକ ଜୀବନ ଉପରେ ଆକ୍ରମଣ ହୋଇଚାଲିଛି। କିନ୍ତୁ ଏକଥା ସମସ୍ତଙ୍କୁ ଜଣା ଯେ ଆମର ସମ୍ବିଧାନ ଦେଶର ଜନଜୀବନକୁ ଭିତ୍ତିକରି ରଚିତ ହୋଇନାହିଁ। ପରାଧୀନ ଭାରତବର୍ଷର ଇଣ୍ଡିଆ ଆକ୍ଟ ୧୯୩୫ ଏବଂ କାନାଡ଼ା ପ୍ରଭୃତି କେତେକ ଦେଶର ସମ୍ବିଧାନରୁ ବିଭିନ୍ନ ଧାରା ଉଧାର କରି ଆମର ସମ୍ବିଧାନ ପ୍ରଣୀତ ହୋଇଛି। ମୁଖ୍ୟତଃ ଶାସନ ବ୍ୟବସ୍ଥା ପରିଚାଳନା ପାଇଁ ଗଣତନ୍ତ୍ରର ଉଦ୍ଦେଶ୍ୟ ହେଲା ଜନଜୀବନର ମଙ୍ଗଳ ସାଧନ କରିବା– ବ୍ୟକ୍ତି ସ୍ୱାଧୀନତା ଆଳରେ ସ୍ୱେଚ୍ଛାଚାରିତା, ଅନୈତିକତା ଏବଂ ଅବାଧ ଯୌନାଚାରକୁ ପ୍ରଶ୍ରୟ ଦେବାକୁ ପ୍ରକୃତ ଗଣତନ୍ତ୍ର କୁହାଯାଇ ନ ପାରେ। ସମ୍ବିଧାନରେ କେତେ ପରିବର୍ତ୍ତନ ହୋଇଛି, ପୁଣି କେତେ ପରିବର୍ତ୍ତନ ହୋଇପାରେ। କିନ୍ତୁ ଆମର ସୁପ୍ରାଚୀନ ସଂସ୍କାରଗୁଡିକ ହଜାର ହଜାର ବର୍ଷ ଧରି ମଣିଷର ବାସ୍ତବ ଜୀବନର ଅଭିଜ୍ଞତା ଉପରେ ଗଢିଉଠିଛି, ବ୍ୟକ୍ତି ତଥା ସମଷ୍ଟି ଜୀବନକୁ ମଙ୍ଗଳ ପଥରେ ପରିଚାଳିତ କରିବା ପାଇଁ। ସେଗୁଡିକ ସବୁ ପରୀକ୍ଷିତ ସତ୍ୟ, ଯାହାକୁ ଦେଶ ଏବଂ ସମାଜର ଅଲିଖିତ ସମ୍ବିଧାନ କୁହାଯାଇପାରେ। ବ୍ରିଟିଶ ସାହେବମାନେ ମଧ୍ୟ ଆମର ସାମାଜିକ ଏବଂ ଧାର୍ମିକ ନୀତିନିୟମ ତଥା ଐତିହ୍ୟ ଏବଂ ପରମ୍ପରାକୁ ସମ୍ମାନ ଦେଉଥିଲେ। ତେଣୁ ଉପଯୁକ୍ତ ଭାବରେ ସେଗୁଡିକର ଭଲମନ୍ଦ ବିଚାର ନ କରି ତୁଚ୍ଚିରେ ଉଡେଇଦେବା ଦାୟିତ୍ୱଶୀଳତାର ପରିଚାୟକ ନୁହେଁ।

ଆଉ ଗୋଟିଏ କଥା ହେଲା ବିବାହବନ୍ଧନ ବାହାରେ କେହି ଯେବେ ଅନ୍ୟ ପୁରୁଷ ବା ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ଇଚ୍ଛୁକ ତେବେ ସେ ପ୍ରଥମେ ପୂର୍ବ ସ୍ୱାମୀ କି ସ୍ତ୍ରୀଙ୍କୁ ଛାଡପତ୍ର ଦେଇ ନୂତନ ବିବାହ କରିପାରେ କିମ୍ବା ଆଇନର ସହାୟତା ନେଇ ଲିଭ୍–ଇନ୍ ସମ୍ପର୍କ ସ୍ଥାପନ କରିପାରେ। ସେଥିପାଇଁ ଅବୈଧ ଏବଂ ଗୋପନ ପରକୀୟା ପ୍ରୀତିକୁ ଆଇନସିଦ୍ଧ କରିବାର ଆବଶ୍ୟକତା କ'ଣ ଅଛି ବୁଝି ହେଉନାହିଁ। ଏହାଦ୍ୱାରା ଯେଉଁ ପାରିବାରିକ ହିଂସା ଏବଂ ବିଶୃଙ୍ଖଳା ସୃଷ୍ଟି ହେବ ସେ କଥା ମଧ୍ୟ ଭାବି ଦେଖିବା ଉଚିତ। ପରକୀୟା ପ୍ରୀତି ଏକପ୍ରକାର ବିଶ୍ୱାସଘାତକତା ଏବଂ ଚୌର୍ଯ୍ୟବୃତ୍ତି ସହିତ ସମାନ। ଏହାକୁ ଯଦି ଆମେ ଆଇନସିଦ୍ଧ କରିପାରୁ ତେବେ ଚୋରି, ଘୁଷ୍‌ଖୋରି, କଳାବଜାରୀ ଏବଂ ଜାଲିଆତିକୁ ମଧ୍ୟ ଆଇନସିଦ୍ଧ କରିବାରେ ଅସୁବିଧା କ'ଣ? ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି– 'ଘୃଣା, ଲଜ୍ଜା, ଭୟରେ ଗୋପନୀୟତା ଯେଉଁଠି ସେହିଠାରେ ହିଁ ଦୁର୍ବଳତା, ସେହିଠାରେ ହିଁ ପାପ।' ଏହାର ପରିଣାମସ୍ୱରୂପ ସମାଜରେ ଅବୈଧ ବା ଜାରଜ ସନ୍ତାନ ଏବଂ ଅପଜାତକମାନଙ୍କ ସଂଖ୍ୟା ବୃଦ୍ଧି ପାଇ ଅଚିରେ ଦେଶକୁ ରସାତଳକୁ ନେଇଯିବ।

ଅପରପକ୍ଷରେ ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ ମହିଳାମାନେ ହିଁ ବେଶି କ୍ଷତିଗ୍ରସ୍ତ ହେବେ । କାରଣ ପୁରୁଷମାନେ ସାଧାରଣତଃ ବହିର୍ମୁଖୀ ଏବଂ ବହୁଗମନପ୍ରବଣ ହୋଇଥାନ୍ତି। ପରକୀୟା ପ୍ରୀତି ଆଇନସିଦ୍ଧ ହେବାଦ୍ୱାରା ଲମ୍ପଟ ଚରିତ୍ରର ବ୍ୟକ୍ତିମାନେ ସେମାନଙ୍କର ପତିବ୍ରତା ସ୍ତ୍ରୀମାନଙ୍କ ସହିତ ବିଶ୍ୱାସଘାତକତା କରିବାକୁ ଅଧିକ ସାହସ ପାଇବେ। ସେମାନଙ୍କ ଉପରେ ସମାଜ ବା ଆଇନର କୌଣସି ଅଙ୍କୁଶ ରହିବ ନାହିଁ। ଅବଶ୍ୟ ଏହାକୁ ଭ୍ରଷ୍ଟାଚାର ବିଚାର କରି ସ୍ତ୍ରୀ ସ୍ୱାମୀଙ୍କଠାରୁ ଛାଡପତ୍ର ନେବାର ବ୍ୟବସ୍ଥା ରହିଛି। କିନ୍ତୁ ତଦ୍ୱାରା ଲାଭ କ'ଣ ହେବ? ସାଧାରଣ ମଧ୍ୟବିତ୍ତ ପରିବାରର ସ୍ତ୍ରୀଟିଏ କ'ଣ ସ୍ୱାମୀଙ୍କୁ ଛାଡପତ୍ର ଦେଇ ଆଉ କାହାକୁ ବିବାହ କରିପାରିବ? ତେବେ ଆଶାର କଥା ଏହି ଯେ ଆମ ସମାଜର ଯୁଗ ଯୁଗର ଆଦର୍ଶବୋଧ, ଚିରାଚରିତ ସଂସ୍କାର ଏବଂ ନୈତିକତାବୋଧ ଏତେ ଦୃଢ ଯେ ଲିଭ୍–ଇନ୍ ବ୍ୟବସ୍ଥା ଯେପରି ସମାଜର ମୂଳ ସ୍ରୋତ ଉପରେ କୌଣସି ପ୍ରଭାବ ପକାଇପାରି ନାହିଁ, ସେହିପରି ପରକୀୟା ପ୍ରୀତି ଆଇନସିଦ୍ଧ ହେଲେ ମଧ୍ୟ ଆମ ସମାଜର ଦୃଢ ଆଦର୍ଶବୋଧ ନିକଟରେ ତାହା ପ୍ରଭାବହୀନ ହୋଇଯିବ। ତଥାପି ସମ୍ବିଧାନର ବ୍ୟକ୍ତି–ସ୍ୱାଧୀନତାକୁ ଆଳ କରି ଆମର କୃଷ୍ଟି, ପରମ୍ପରା ଏବଂ ସମାଜର ନୈତିକ ଆଦର୍ଶବୋଧ ଉପରେ ଯେଉଁ କ୍ରମାଗତ ଆକ୍ରମଣ ହୋଇଚାଲିଛି ଦେଶର ପାର୍ଲାମେଣ୍ଟ ନିଜର ସାର୍ବଭୌମ କ୍ଷମତା ପ୍ରୟୋଗ କରି ତାହା ଉପରେ ଅଙ୍କୁଶ ଲଗାଇବାର ସମୟ ଆସିଛି। ପ୍ରୟୋଜନ ହେଲେ ଦେଶର ସମ୍ବିଧାନରେ ମଧ୍ୟ ଆବଶ୍ୟକ ସଂଶୋଧନ ଆଣିବା ସମୀଚୀନ ହେବ।

ପ୍ଲଟ ନଂ.୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ–୯୪୩୭୨୮୭୯୬୪

# ଆଇନଜୀବୀ ଆନ୍ଦୋଳନ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାର ନ୍ୟାୟପାଳିକା ଇତିହାସରେ ପ୍ରଥମଥର ପାଇଁ ଦୀର୍ଘଦିନ ଧରି ଆଇନଜୀବୀ ଆନ୍ଦୋଳନ ଚର୍ଚ୍ଚିତ ଘଟଣା ହୋଇଛି। ଅଗଷ୍ଟ ୨୯ରୁ ଆଇନଜୀବୀଙ୍କ ଆନ୍ଦୋଳନ କ୍ରମାଗତ ଭାବେ ଚାଲିଥିବାରୁ ନ୍ୟାୟପାଳିକାରେ ଏକପ୍ରକାର ଅଚଳାବସ୍ଥା ଜାରି ରହିଛି। ପୋଲିସ ଓ ଆଇନଜୀବୀଙ୍କ ବଚସା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଗଣତନ୍ତ୍ରର ପ୍ରମୁଖ ଓ ଶକ୍ତିଶାଳୀ ସ୍ତମ୍ଭ ନ୍ୟାୟପାଳିକାରେ ଯେଉଁପରି ଘଟଣା ଘଟୁଛି ତାହା ଲୋକଙ୍କୁ ଆହତ କରୁଛି। ଆଇନ ଓ ନ୍ୟାୟ ବିଚାରରେ ଯେଉଁ ଧାରା ଓ ବ୍ୟବସ୍ଥା ରହିଛି ତାହା ବଜାୟ ରହୁ। ଦୋଷୀ ନିଶ୍ଚିତ ଭାବରେ ଦଣ୍ଡିତ ହୁଅନ୍ତୁ। ଆମେ ଏହି ଲେଖା ମାଧ୍ୟମରେ ନ୍ୟାୟପାଳିକା ବା ଆଇନଜୀବୀଙ୍କ ଅସମ୍ମାନ କରୁନାହୁଁ ବା ସେମାନଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନ ମଧ୍ୟ ଉଠାଉନାହୁଁ। ଅତ୍ୟନ୍ତ ନମ୍ରତାର ସହିତ କହୁଛୁ, ବିଳମ୍ବିତ ନ୍ୟାୟ ପାଉଥିବାରୁ କେବଳ ଓଡ଼ିଶା ନୁହେଁ ଭାରତର ଅନେକ ପ୍ରସଙ୍ଗ ଲୁଚିଯାଉଛି ଓ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ ନ୍ୟାୟ ଭାବେ ସାଧାରଣରେ ମତ ପ୍ରକାଶ ପାଉଛି। ରାସ୍ତାରେ ଗାଡ଼ି ଦୁର୍ଘଟଣା ଓ ଏହି ଘଟଣାକୁ ସରଜମିନ୍ ତଦନ୍ତ କରିବାକୁ ଯାଇଥିବା ପୋଲିସ ଜଣେକ ଆଇନଜୀବୀଙ୍କୁ ମାଡ଼ ମାରିବା ଓ ଏହାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଘଟଣାର ରୂପ ଗୁରୁତର ହୋଇଥିଲା। ଏସବୁ ଭିତରେ ଗତ ୨୭ ତାରିଖରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଅଭିଜିତ୍ ଆୟର ମିତ୍ର ମାମଲାରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ଓ ଅନ୍ୟ ଆଇନଜୀବୀ ସଂଘଗୁଡ଼ିକୁ ଆନ୍ଦୋଳନରୁ ନିବୃତ୍ତ ରହି କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମାନ୍ୟବର ସୁପ୍ରିମ୍‌କୋର୍ଟ ଏକପାଖିଆ ଭାବରେ ବିଚାରକରି ଆଇନଜୀବୀଙ୍କ ଆବେଦନ ଶୁଣି ନ ଥିବାରୁ ଓଡ଼ିଶାରେ ଆନ୍ଦୋଳନରତ ଆଇନଜୀବୀମାନେ ଆନ୍ଦୋଳନରୁ ଓହରିଲେ ନାହିଁ। ଅଭିଯୁକ୍ତ ପୋଲିସ କର୍ମଚାରୀ ଗିରଫ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା ହୋଇଛି। ଭାରତର ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ଓଡ଼ିଶା ଆଇନଜୀବୀଙ୍କ ଆନ୍ଦୋଳନକୁ ସମର୍ଥନ କରି ଦୋଷୀ ପୋଲିସ ଅଧିକାରୀଙ୍କୁ ଗିରଫ କରିବାକୁ ଓଡ଼ିଶା ସରକାରଙ୍କୁ ମାନ୍ୟବର ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେମାନଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ପ୍ରତିଟି ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର ରହିଛି। ନିଜ ସମସ୍ୟା, ଅସୁବିଧା ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ବ୍ୟବସ୍ଥିତ ଢଙ୍ଗରେ ପ୍ରତିବାଦ କରିବାର ଅଧିକାର ମଧ୍ୟ ରହିଛି। ଜଣଙ୍କ ଅଧିକାର କ୍ଷୁଣ୍ଣ ହେଲେ ପୋଲିସ ଓ ନ୍ୟାୟାଳୟର ସହଯୋଗ ନେବା ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଲ୍ଲେଖ ରହିଛି। କିନ୍ତୁ ଯେଉଁମାନେ ଆମ ସମସ୍ତଙ୍କର ନ୍ୟାୟ ଭରସାର ଆଶା ଓ ବିଶ୍ୱାସ ସେମାନେ ଯେତେବେଳେ ନିଜ ସମସ୍ୟାକୁ ନେଇ ଆନ୍ଦୋଳନରତ ହୋଇଛନ୍ତି ସେତେବେଳେ ନ୍ୟାୟ ବିଚାର ପାଇଁ ଆଶାୟୀମାନଙ୍କ ଅବସ୍ଥା କ'ଣ ହେଉଥିବ ତାହା ଅନୁମେୟ। ଆଇନଜୀବୀଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ଯୋଗୁ ୪୦ରୁ ଊର୍ଦ୍ଧ୍ୱ ଦିନ ହେବ ହାଇକୋର୍ଟ ସମେତ ସମଗ୍ର ନିମ୍ନ ଅଦାଲତରେ ଅଚଳାବସ୍ଥା ଲାଗିରହିଛି ଏବଂ ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ ମଧ୍ୟ ଏ କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଆଇନଜୀବୀମାନେ କିଛି ଦିନ ପାଇଁ ଅଦାଲତ ସମେତ ଅଦାଲତ ସନ୍ନିକଟ ବ୍ୟାଙ୍କ, ଟ୍ରେଜେରି, ଆର୍‌ଟିଓ ଅଫିସ, କଲେକ୍ଟର ଅଫିସ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ବନ୍ଦ କରିଥିଲେ। ପରବର୍ତ୍ତୀ ସମୟରେ ବ୍ୟାଙ୍କ ଓ ଟ୍ରେଜେରିକୁ ଏଥିରୁ ମୁକ୍ତ କରି ଲୋକମାନଙ୍କ ସୁବିଧା ସୁଯୋଗରେ ସହାୟକ ହୋଇଥିଲେ।

ହାଇକୋର୍ଟଙ୍କ ୱେବ୍‌ସାଇଟ୍‌ର ତଥ୍ୟ ଅନୁଯାୟୀ ୨୦୧୮ ସେପ୍ଟେମ୍ବର ୨୯ ତାରିଖ ସୁଦ୍ଧା ହାଇକୋର୍ଟରେ ୧ଲକ୍ଷ ୭୧ ହଜାର ୭୬୨ଟି ମାମଲା ବିଚାରାଧୀନ ରହିଛି। ଏହା ଭିତରେ ନିୟମିତ ଜାମିନ ଆବେଦନ ଯାଚିକାର ସଂଖ୍ୟା ହେଉଛି ୩୭୪୧। ଚୌଦ୍ୱାର ଜେଲରେ ୭୨୮ଜଣ ବନ୍ଦୀ ରହିବା ବ୍ୟବସ୍ଥା ରହିଛି। କିନ୍ତୁ ଆନ୍ଦୋଳନ ଯୋଗୁ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ବଢ଼ି ଯାଉଥିବାରୁ ଜେଲ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୬ ତାରିଖ ତଥ୍ୟ ଅନୁଯାୟୀ ଚୌଦ୍ୱାର ଜେଲରେ ୧୨୦୨ ଜଣ ବନ୍ଦୀ ରହିଛନ୍ତି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅଦାଲତରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇପାରୁନାହିଁ ଓ ବିଭିନ୍ନ କୋର୍ଟରେ ନିୟମିତ ଜାମିନ ଆବେଦନଗୁଡ଼ିକର ଶୁଣାଣି ମଧ୍ୟ ହୋଇପାରୁନାହିଁ। ଛୋଟମୋଟ ଅପରାଧ କରିଥିବା ଅଭିଯୁକ୍ତମାନେ ମଧ୍ୟ ଜାମିନ ପାଇବାକୁ ସକ୍ଷମ ହେଉନାହାନ୍ତି।

ଓଡ଼ିଶାରେ ଥିବା ଜେଲରେ ୧୮,୦୦୦ କଏଦୀଙ୍କ ପାଇଁ ବନ୍ଦୋବସ୍ତ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୨୫,୦୦୦ରୁ ଊର୍ଦ୍ଧ୍ୱ ହେଲାଣି। ସେହିପରି ପାର୍ବଣ ପୂର୍ବରୁ ପୋଲିସ ପ୍ରଶାସନ ଶାନ୍ତିଶୃଙ୍ଖଳା ରଖିବା ପାଇଁ ପୂର୍ବରୁ ଅଭିଯୁକ୍ତ ଓ ପେସାଦାର ଅଭିଯୁକ୍ତଙ୍କୁ ଧରିଥାନ୍ତି। ତେବେ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଜେଲ ପରିସ୍ଥିତିକୁ ଆହୁରି ବିଗାଡ଼ି ଦେବ।

ଆଗକୁ ପାର୍ବଣ ଥିବାରୁ ହାଇକୋର୍ଟ ଓ ବିଭିନ୍ନ ନିମ୍ନ ଅଦାଲତରେ ଆଉ ମାତ୍ର ଚାରି ପାଞ୍ଚଟି କାର୍ଯ୍ୟ ଦିବସ ରହୁଛି। ତେବେ ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଲେ ଜେଲ ପରିସ୍ଥିତି ଗୁରୁତର ହେବା ସହ ସମଗ୍ର ରାଜ୍ୟରେ ନ୍ୟାୟିକ ପ୍ରକ୍ରିୟା ଜଟିଳ ଅବସ୍ଥାରେ ପହଞ୍ଚିବ। ଗଣତନ୍ତ୍ରର ଦୁଇଟି ପ୍ରମୁଖ ଓ ଅପରିହାର୍ଯ୍ୟ ସ୍ତମ୍ଭ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଦୁଇ ବନ୍ଧୁ ନ ହୋଇ ଦୁଇ ଶତ୍ରୁ ହେଲେ ଆମ୍ଭମାନଙ୍କର ଭାଗ୍ୟ ଓ ଭବିଷ୍ୟତ ଅନ୍ଧାର ଆଡ଼କୁ ମୁହାଁଇବ ନିଶ୍ଚୟ!

କଟିକଟା, ମଙ୍ଗଳପୁର, ଯାଜପୁର,
ମୋ : ୯୪୩୮୨୭୬୭୬୦,
narayanbiswal001@gmail.com

## ଏଇ ଭାରତରେ

ପିଲାମାନେ ଅଳି ଅଝଟ କଲେ କିମ୍ବା ଦୁଷ୍ଟ ହେଲେ ମାତାପିତା ପିଆକଟ କରିଥାଆନ୍ତି। ପୁଅ କରୁଥିବା ଅନେକ କାର୍ଯ୍ୟକୁ ବାରଣ କରନ୍ତି। ମାତାପିତାଙ୍କ କଥା ମାନିଲେ କନ୍ୟାପୁତ୍ର ସୁଧୁରିଯାଇ ଭଲବାଟକୁ ଫେରିଆସନ୍ତି। କିନ୍ତୁ ପୁଅ ପାଠ ନ ପଢ଼ି ସବୁବେଳେ ଗୁଡି ଉଡାଇବାକୁ ଯାଉଥିବାରୁ ମାତାପିତା ଗାଳି କରିବା ପରେ ଏଥିରେ ପୁଅ ଉତ୍ୟକ୍ତ ହୋଇ ବାପା, ମା' ଓ ଭଉଣୀଙ୍କ ଉପରେ ଚରମ ପ୍ରତିଶୋଧ ନେଇଛନ୍ତି। ଏପରି ଏକ ଘଟଣା ନୂଆଦିଲ୍ଲୀରେ ଘଟିଛି। ଅଭିଯୁକ୍ତ ଜଣକ ତାଙ୍କ ପରିବାରକୁ ଉଚିତ ଶିକ୍ଷା ଦେବା ପାଇଁ ଅଗଷ୍ଟ ୧୫ରେ ମନସ୍ଥ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସୂରଜ (୧୯) ଆଦୌ ପାଠପଢ଼ାରେ ମନ ଦେଉ ନ ଥିଲେ ଏବଂ ମଉଜ ମଜଲିସ୍‌ରେ ଦିନ ବିତାଉଥିଲେ। ଏଥିରୁ ତାଙ୍କୁ ବାରଣ କରିବାରୁ ସେ ପରିବାର ସଦସ୍ୟଙ୍କ ଉପରେ ରାଗ ରଖିଥିଲେ। ସେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଫେଲ୍ ହୋଇଥିଲେ। ତାଙ୍କ ଘର ନିର୍ମାଣ ଦେଖାଶୁଣା କରିବାକୁ ବାପା ତାଙ୍କୁ କହିବାରୁ ସେ ପାଠପଢ଼ାରେ ସମୟ ଦେଇପାରି ନ ଥିଲେ ବୋଲି ଅନୁଭବ କରିଥିଲେ। ସବୁବେଳେ ପରିବାରଠାରୁ ନିନ୍ଦା ଅପବାଦ ଶୁଣି ନିରାଶ ହୋଇଥିଲେ। ପିତା ସୂରଜଙ୍କୁ ଗୁଡ୍‌ଗାଓଁର ଏକ ବେସରକାରୀ ସଂସ୍ଥାରେ ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମାରେ ନାମ ଲେଖାଇ ଦେଇଥିଲେ, ଆଉ ଭାବିଥିଲେ ପୁଅ ତାଙ୍କ ଭଳି ଠିକାଦାରି କାମ କରିବ। କିନ୍ତୁ ସୂରଜ ସବୁବେଳେ ଗୁଡି ଉଡାଇବାରେ ମନୋନିବେଶ କରୁଥିଲେ। ପରିବାର ସଦସ୍ୟଙ୍କଠାରୁ ଗାଳି ଶୁଣିବା ଅସହ୍ୟ ହେବା ପରେ ସୂରଜ ମାତା, ପିତା ଏବଂ ଭଉଣୀଙ୍କୁ ହତ୍ୟା କରିଛନ୍ତି। ଅଧମ ପୁତ୍ରର ଏଭଳି କୁକାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳ ଲୋକେ ନିନ୍ଦା କରିଛନ୍ତି।

## ଚିରନ୍ତନୀ

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ବଳୟ।
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ତିତ୍‌ଲି ପୂର୍ବରୁ ୨୪ ଘଣ୍ଟା ବିଜୁଳିକାଟ

ମହାଶୟ,

ଝଡ଼ବର୍ଷା ଆରମ୍ଭ ହେବା ପୂର୍ବରୁ ବିଦ୍ୟୁତ୍ ଏବଂ ଫୋନ୍‌ସେବା ଯୋଗାଯୋଗର ମୁଖ୍ୟ ମାଧ୍ୟମ। ବିଦ୍ୟୁତ୍ ସେବା ରହିଲେ ଟିଭି ଚାନେଲଗୁଡ଼ିକ ଦ୍ୱାରା ଲୋକେ ତ୍ୱରିତ ସୂଚନା ପାଇପାରନ୍ତି। ହେଲେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଆରୁହା ଫିଡରରେ ଥିବା ଚାରବାଟିଆଠାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ତିତ୍‌ଲି ପୂର୍ବରୁ ୨୪ ଘଣ୍ଟା ଧରି ବିନା ସୂଚନାରେ ଲାଇନ କାଟି ଦିଆଗଲା। ବିଦ୍ୟୁତ୍ କାଟିବାର କୌଣସି କାରଣ ନ ଥିଲା। ଏଥିନେଇ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସମାଲୋଚନା ପରେ ବିଦ୍ୟୁତ୍ ଦିଆଗଲା, ତାହା ପୁଣି ନିୟମିତ ନୁହେଁ। ଯଦି ଝଡ଼ତୋଫାନ ହେବା ପୂର୍ବରୁ ବି ଆମେ ବିଦ୍ୟୁତ୍ ସେବା ଦେଇପାରିବାନି, ତେବେ ରେଡ୍‌ଆଲର୍ଟ, ହାଇଆଲର୍ଟ, ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ଆଦିର ମାନେ କ'ଣ?

ସତୀଶ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

### ଘରୋଇ ସ୍କୁଲ୍ ଫି ନିର୍ଦ୍ଧାରଣ ବ୍ୟବସ୍ଥା

ଘରୋଇ ସ୍କୁଲମାନଙ୍କରେ ଫି ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ହେବ ନାହିଁ ବୋଲି ଖବର ପ୍ରକାଶ ପାଇଛି। ଏବେ କାହିଁକି ବାର୍ଷିକ ସ୍କୁଲ ଫି' ବୃଦ୍ଧି ହେବ, ତା'ର କାରଣ ଜଣାପଡୁନାହିଁ। ଏଇଟା କ'ଣ ଗୃହୀତ ନିୟମ ଯେ, ପ୍ରତିବର୍ଷ ଫି' ବୃଦ୍ଧି କରାଯିବ? ସରକାର କ'ଣ ପ୍ରତିବର୍ଷ କର୍ମଚାରୀଙ୍କ ବେତନ ବୃଦ୍ଧି କରୁଛନ୍ତି? କେବେ ବେତନ କମିଶନ ବସି ସୁପାରିସ କଲେ ବେତନ ପୁନଃନିର୍ଦ୍ଧାରଣ କରାଯାଇ ବୃଦ୍ଧି ହେଉଛି। ଘରୋଇ ସ୍କୁଲକୁ ଲଗାମଛଡା କରିଦେଲେ ଶୋଷଣ ବୃଦ୍ଧି ପାଇବ, ଏଥିରେ ସନ୍ଦେହ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଶ୍ରୀମନ୍ଦିର ମଧ୍ୟକୁ ଅଣହିନ୍ଦୁଙ୍କ ପ୍ରବେଶ

ପୁରୀ ଶ୍ରୀମନ୍ଦିର ମଧ୍ୟକୁ ସବୁଧର୍ମର ଲୋକଙ୍କ ପ୍ରବେଶ ପ୍ରସଙ୍ଗକୁ ନେଇ ବହୁ ତର୍କବିତର୍କ ଚାଲିଛି। ଯଦି କୋର୍ଟଙ୍କ ଆଦେଶ ଅନୁଯାୟୀ ଏହା କାର୍ଯ୍ୟକାରୀ ହୁଏ, ତେବେ ରଥଯାତ୍ରା ପର୍ବର ଆଉ ଆବଶ୍ୟକତା ନାହିଁ। ଅତୀତରେ ଯବନ ଶାସକ ମନ୍ଦିରକୁ ଲୁଟ୍ କରୁଥିଲେ। ଠାକୁରଙ୍କୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଉଥିଲା। ଏବେ ମଧ୍ୟ ଆତଙ୍କବାଦୀଙ୍କ ଉତ୍ପାତ ଓ ଧମକ କମ୍ ନୁହେଁ। ତେଣୁ ସୁରକ୍ଷା ଓ ଶାସ୍ତ୍ରୀୟ ମତକୁ ଭିତ୍ତିକରି ଅଣହିନ୍ଦୁଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ ଅନୁମତି ଦିଆ ନ ଯାଉ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




■ ତିତ୍‌ଲି ଭୟରେ ଅନୁଗୋଳ ସହର ଖାଁ ଖାଁ

# ରାଶନ ଦୋକାନରେ ଭିଡ଼

**ଅନୁଗୋଳ ଅଫିସ,୧୧।୧୦**

ତିତ୍‌ଲି ଭୟ ଯୋଗୁ ଗୁରୁବାର ଅନୁଗୋଳ ସହର ଜନଶୂନ୍ୟ ହୋଇପଡ଼ିଥିଲା। ପବନ ନ ଥିଲେ ବି ସକାଳେ ବର୍ଷା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିଲା। ତେଣୁ ଲୋକେ ଘରୁ ବାହାରିବାକୁ ଉଚିତ ମଣି ନ ଥିଲେ। ଫଳରେ ସହରର ଜନଗହଳି ସ୍ଥାନ ଗୁଡ଼ିକରେ ଲୋକଙ୍କ ଗହଳି ଦେଖିବାକୁ ମିଳି ନ ଥିଲା। ଏପରି କି ସର୍ବଦା ଜନଗହଳିପୂର୍ଣ୍ଣ ସ୍ଥାନ କୁହାଯାଉଥିବା ଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗକାରୀଙ୍କ ସେପରି ଭିଡ଼ ନ ଥିଲା। ସେହିପରି ମେଡିକାଲରେ ମଧ୍ୟ ସମାନ ଅବସ୍ଥା ଥିଲା। ସହରକୁ ଅଧିକ ଲୋକଙ୍କ ଯାତାୟାତ ନ ଥିବାରୁ ରାସ୍ତା ଓ ବ୍ୟବସାୟିକ କେନ୍ଦ୍ରମାନରେ ଗହଳି ପରିଲକ୍ଷିତ ହୋଇ ନ ଥିଲା। ଏଥିଯୋଗୁ ବ୍ୟବସାୟୀମାନେ ମଧ୍ୟ ହାତ ବାନ୍ଧି ବସିରହିଥିଲେ। କିନ୍ତୁ ରାଶନ ଦୋକାନଗୁଡ଼ିକରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ବର୍ଷା କମିବା ମାତ୍ରେ ଆଶଙ୍କାରେ ଥିବା ଲୋକେ ଘରକୁ ଡାଲି, ଚାଉଳ, ଅଟା, ଚୂଡ଼ା, ଗୁଡ଼, ତେଲ ଆଦି କିଣି ନେଉଥିବା ଦେଖିବାକୁ ମିଳିଥିଲା।

ତେବେ ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି, ତିତ୍‌ଲିର ପ୍ରଭାବ ଅନୁଗୋଳ ଜିଲାରେ ସେପରି ପଡ଼ିନାହିଁ। ଗୁରୁବାର ପୂର୍ବାହ୍ନ ୮ଟା ୩୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ଜିଲାରେ ମୋଟ୍ ୧୦୯.୦ ମିଲିମିଟର ବର୍ଷା ହୋଇଛି। ସେଥିରୁ ଅନୁଗୋଳରେ ୩.୬ ମିଲିମିଟର ବର୍ଷା ହୋଇଥିବାବେଳେ ବଅଁରପାଳରେ ୫.୨ ମିମି, ଛେଣ୍ଡିପଦାରେ ୧୦.୨ ମିମି, ତାଳଚେରରେ ୫.୦, କଣିହାଁରେ ୧.୦, ଆଠମଲ୍ଲିକରେ ୨୭.୪, କିଶୋରନଗରରେ ୪୩.୨, ପାଲଲହଡ଼ାରେ ୧୪.୦ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ଏଥିଯୋଗୁ କୌଣସି କ୍ଷୟକ୍ଷତି ହୋଇନାହିଁ। କିନ୍ତୁ ସନ୍ଧ୍ୟା ୭ଟା ପରେ ସହରରେ ବର୍ଷାର ପରିମାଣ ବଢ଼ିଥିବା ଜଣାପଡ଼ିଛି।

- ■ଜିଲାରେ ୧୦୯.୦ ମିଲିମିଟର ବର୍ଷା
- ■କିଶୋରନଗରରେ ସର୍ବାଧିକ ୪୩.୨ ମିମି
- ■ହୋଇନି ସେପରି କିଛି କ୍ଷୟକ୍ଷତି

## ଧାନ ଫସଲ ନଷ୍ଟ କଲେ ହାତୀ

**ବଇଣ୍ଡା,୧୧।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜର ଧୁଣ୍ଡି ଗ୍ରାମରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଭୀଷ୍ମ ସାହୁ, ଭଗବାନ ସାହୁ, ଦୁଃଶାସନ ସାହୁ, ବୈରାଗୀ ସାହୁଙ୍କ ପ୍ରମୁଖ ଚାଷୀଙ୍କ ୧୦ ଏକର ଜମିରେ ଧାନ ଫସଲ ନଷ୍ଟ କରି ଦେଇଛନ୍ତି। ଏଥିଯୋଗୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ବନବିଭାଗ ପକ୍ଷରୁ ହାତୀ ଘଉଡାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ରାତି ଉଜାଗର ରହି ହାତୀ ଘଉଡାଉଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ପୁସ୍ତକ ମେଳା, ଲୋକ ମହୋତ୍ସବ ଉଦ୍‌ଯାପିତ

**କଣିହାଁ,୧୧।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ବିଜିଗୋଳ ରାମ ମନ୍ଦିର ନିକଟସ୍ଥ ରଙ୍ଗବେଡ଼ା ପଡ଼ିଆରେ ପବିତ୍ରମୋହନ ମଞ୍ଚ ତରଫରୁ ଏନ୍‌ଟିପିସି ପ୍ରକଳ୍ପ ଓ ଅନ୍ୟମାନଙ୍କ ସହଯୋଗରେ ୯ଦିନ ଧରି ଚାଲିଥିବା ପୁସ୍ତକ ମେଳା ଓ ଲୋକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ବିଧାୟକ ବିଭୂଦେନ୍ଦ୍ର ପ୍ରତାପ ଦାସ, କଣିହାଁ ଏନ୍‌ଟିପିସି ପ୍ରକଳ୍ପ ସିଜେଏମ ସନ୍ତୋଷ କୁମାର ଜେମସ ଯୋଗ ଦେଇ କହିଲେ, କଣିହାଁ ଅଞ୍ଚଳରେ ପୁସ୍ତକ ମେଳା ଓ ଲୋକ ମହୋତ୍ସବ ଆୟୋଜନ ଜନ ସାଧାରଣଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଇଛି। ବିଭିନ୍ନ କଳାକାର ନିଜର ପ୍ରତିଭାକୁ ପ୍ରଦର୍ଶନ କରିଛନ୍ତି। ଆଗକୁ ଏହାକୁ ଅଧିକ ବ୍ୟାପକ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଣିହାଁ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ପରିଡ଼ା ସଙ୍ଗୀତ ପରିବେଷଣ କରିଥିଲେ। ପବିତ୍ରମୋହନ ନାଗରିକ ମଞ୍ଚ ଓ ପୁସ୍ତକ ମେଳା କମିଟି ସଭାପତି ପ୍ରହ୍ଲାଦଚନ୍ଦ୍ର ପାଣି, ସମ୍ପାଦକ ନୀଳମଣି ପ୍ରଧାନ, ମନୋଜ ଶତପଥୀ, ରଞ୍ଜନ ମିଶ୍ର, ସୁନୀଲ ପ୍ରଧାନ, ଅବନୀ ପାଣି, ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବ ଅବସରରେ ପ୍ରତିଦିନ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ କର୍ମୀ, ସାହିତ୍ୟକଙ୍କ ସମେତ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା।






# ଜୟପ୍ରକାଶ, ବାଜି ରାଉତଙ୍କୁ ଭାଜପାର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ):

୧୯୪୭ରେ ସ୍ୱାଧୀନତା ମିଳିବା ପରେ ଏବେ ପରାଧୀନତା ଅଭିମୁଖେ ଗତି କରୁଛି ଦେଶ। ଦେଶରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବା ସହ ଗଣତନ୍ତ୍ର ପ୍ରତି ବିପଦ ମାଡି ଆସୁଥିଲା। ପରିବାରବାଦ ରାଜନୀତି ଓ ଏକଛତ୍ରବାଦ ଶାସନ କାରଣରୁ କଂଗ୍ରେସ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରି ବହୁ କଟକଣା ଲାଗୁ କରିଥିଲା। ଏହିଭଳି ଗଣତାନ୍ତ୍ରିକ ସଙ୍କଟ ଏବଂ ପୁନଃ ପରାଧୀନତାରୁ ଦେଶବାସୀଙ୍କୁ ମୁକ୍ତିଦେବା ପାଇଁ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଆଉ ଏକ ଆନ୍ଦୋଳନ ବ୍ୟାପକ ରୂପ ନେଇଥିଲା। ତେଣୁ ଜୟପ୍ରକାଶ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ହୋଇଥିଲେ। ଭାରତୀୟ ଜନସଂଘ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଂପୂର୍ଣ୍ଣ ଭାବେ ଏହି ଆନ୍ଦୋଳନରେ ସହଯୋଗ କରିଥିଲା। ବିଶେଷକରି ନାନାଜୀ ଦେଶମୁଖ ଏହି ଆନ୍ଦୋଳନରେ ଜୟପ୍ରକାଶଙ୍କୁ ପୂର୍ଣ୍ଣ ସହଯୋଗ କରିବା ସହ ପରିଚାଳନା ଦାୟିତ୍ୱ ନେଇଥିଲେ। ଏପରି କି ଜରୁରିକାଳୀନ ପରିସ୍ଥିତି ପରବର୍ତ୍ତୀ ସମୟରେ ଗଠିତ ଜନତା ପାର୍ଟି ସରକାରରେ ନାନାଜୀ ଦେଶମୁଖ କେନ୍ଦ୍ରରେ ମନ୍ତ୍ରୀପଦକୁ ଅଗ୍ରାହ୍ୟ କରି ଦେଇଥିଲେ। ଦୁଇ ଜଣ ରାଷ୍ଟ୍ରନାୟକଙ୍କର ଜନ୍ମ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହାସହ ଜରୁରିକାଳୀନ ପରିସ୍ଥିତି ସମୟରେ ହରିଚନ୍ଦନ ନିଜ ଅନୁଭୂତିକୁ ମନେପକାଇଥିଲେ। ଏହି ଅବସରରେ ଶହୀଦ ବାଜି ରାଉତଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ବୀରତ୍ୱ ଓ ସାହସିକତା ପାଇଁ ସମସ୍ତ ଓଡିଆ ଆଜି ଗର୍ବିତ ବୋଲି ହରିଚନ୍ଦନ କହିଛନ୍ତି। ରାଜ୍ୟ ଉପସଭାପତି ସମୀର ମହାନ୍ତି ନିଜ ଛାତ୍ର ଜୀବନ ସମୟରେ ଜେପି ଆନ୍ଦୋଳନର ଗୁରୁତ୍ୱ ଏବଂ ତାଙ୍କ ଉପରେ ପଡିଥିବା ପ୍ରଭାବ ସଂପର୍କରେ ଥିବା ଅନୁଭୂତିକୁ ମନେପକାଇଛନ୍ତି। ଅଲୋଚନାଚକ୍ରରେ ଅନ୍ୟତମ ବକ୍ତା ଭାବେ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ମଲିକଙ୍କ ସମେତ ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ଜେପିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।



# ବାଳିକାଙ୍କୁ ସୁଯୋଗ ଦିଆଯାଉ



ପ୍ରିୟଙ୍କା ଚୋପ୍ରା

**ନୂଆଦିଲ୍ଲୀ:** ଗୁରୁବାର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଥିବା ବେଳେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କର ସ୍ୱଳ୍ପ ସମୟର ଏକ ୟୁ-ଟ୍ୟୁବ୍ ଲଞ୍ଚ୍ କରିଛନ୍ତି। ସେ ଏଥିରେ କହିଛନ୍ତି, ବାଳିକାମାନେ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଏକ ସୁଯୋଗ ଦିଆଯାଉ। ସେମାନେ ସବୁକିଛି କରିପାରିବେ। ଭାରତରେ ବାଳିକା ଶିକ୍ଷାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି ପାଇଁ ଉକ୍ତ ଭିଡିଓ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ବାଳିକା ଯେପରି ନିଜର ସ୍ୱର ଉଠାଇବା ସହିତ ବିଶ୍ୱକୁ ଜାଣିବାର ସୁଯୋଗ ପାଇବେ ତାହା ଏହି ବିଜ୍ଞାପନର ଲକ୍ଷ୍ୟ। ଏଥିରେ ପ୍ରିୟଙ୍କା, ଭୁବନ ବାମ୍, ପ୍ରଯୁକ୍ତା କୋଲି ଏବଂ ବିଦ୍ୟା ବକ୍ସ ବିଜ୍ଞାପନ ମାଧ୍ୟମରେ ବାଳିକା ଶିକ୍ଷାର ଗୁରୁତ୍ୱ ପ୍ରଚାର କରିଛନ୍ତି। ଆସନ୍ତା କିଛି ସପ୍ତାହ ମଧ୍ୟରେ ଏହି ବିଜ୍ଞାପନ ୪ଟି ପ୍ରଦର୍ଶିତ ହେବ। ପ୍ରିୟଙ୍କା ଚୋପ୍ରା ହେଉଛନ୍ତି ଜଣେ ବିଶ୍ୱ ଅଭିନନ୍ଦିତ ଅଭିନେତ୍ରୀ ଏବଂ ୟୁନିସେଫ୍‌ର ଗୁଡଓ୍ୱିଲ୍ ଆମ୍ବାସାଡର। ସେ ବାଳିକାଙ୍କ ଉପରେ ରକ୍ଷଣଶୀଳ ଚିନ୍ତାଧାରାକୁ ବିରୋଧ କରିଥିବା ଏହି ବିଜ୍ଞାପନରେ ପ୍ରଦର୍ଶିତ ହୋଇଛି। ଏହି ଭିଡିଓରେ ପ୍ରିୟଙ୍କା କହିଛନ୍ତି, ବାଳିକାଙ୍କ ବୟସ ବୃଦ୍ଧି ସଙ୍ଗକୁ ସେମାନଙ୍କ ପାଇଁ ନାନା କଟକଣା କରାଯାଏ। ଯେଭଳି-ଝିଅପିଲା, 'ଏତେ ଦୌଡ଼ାଦୌଡ଼ି କରିବା ଭଲ ନୁହେଁ', 'ବାଳିକା ହୋଇ ଏତେ ଉଚ୍ଚସ୍ୱରରେ କଥାବାର୍ତ୍ତା କରନାହିଁ', 'ଏତେ କଠିନ ପରିଶ୍ରମ କରି ପାଠ ପଢ଼ିବା କ'ଣ ଦରକାର ?', 'ଶେଷରେ ଘର ହିଁ ସମ୍ଭାଳିବାକୁ ପଡ଼ିବ'। ଝିଅଙ୍କ ପାଇଁ ଏଭଳି କାଇଦା କଟକଣା ସୃଷ୍ଟି ନ କରି ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଦେବାକୁ ପ୍ରିୟଙ୍କା ଉକ୍ତ ଭିଡିଓରେ ସମାଜକୁ ଆବେଦନ କରିଛନ୍ତି।



ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ ଅଧ୍ୟକ୍ଷ ମୁଜିବୁଲ୍ଲା ଖାଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ଲାଭାଂଶ ଚେକ୍ ପ୍ରଦାନ କରୁଛନ୍ତି।

# ସରକାରଙ୍କୁ ଲାଭାଂଶ ଦେଲା କାଜୁ ଉନ୍ନୟନ ନିଗମ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ ପକ୍ଷରୁ ୨୦୧୬-୧୭ ଆର୍ଥିକବର୍ଷର ଲାଭାଂଶ ୪୬,୫୧,୨୦୦ ଟଙ୍କା ରାଜ୍ୟ ସରକାରଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ନିଗମ ଅଧ୍ୟକ୍ଷ ମୁଜିବୁଲ୍ଲା ଖାଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ଲାଭାଂଶ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ନିଗମ ଅଧ୍ୟକ୍ଷଙ୍କ ବ୍ୟତୀତ କୃଷି ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗ, ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ଏବଂ ନିଗମର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ମହିଳା ପୋଲିସ ଗିରଫ

ଚୌଦ୍ୱାର,୧୧।୧୦(ଡି.ଏନ.ଏ):

ନିଜକୁ ଜଣେ ପୋଲିସ ଅଧିକାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଭୁଆଁ ବୁଲାଉଥିବା ଜଣେ ମହିଳା ଗୁରୁବାର ଧରାପଡିଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ବାଲିଆ ବିଭୂତିଗଡ଼ାର ସୁଲ୍‌ତାନା ବେଗମ୍। ଚୌଦ୍ୱାର ପୋଲିସ ସୁଲ୍‌ତାନାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଷ୍ଟାର୍ ଲାଗିଥିବା ଖାକି ପୋଷା, ସ୍କୁଟି, ଭିନ୍ନ ଭିନ୍ନ ନାମରେ ଥିବା ଆଧାରକାର୍ଡ, ଭୋଟର ପରିଚୟପତ୍ର, ଏକ ବ୍ୟାଙ୍କ୍ ପାସ୍‌ବୁକ୍ ଜବତ କରିଥିବା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି।
ଚୌଦ୍ୱାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ସେଠୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସୁଲ୍‌ତାନା ନିଜକୁ କଟକ ମାଲଗୋଦାମ ଥାନା ଆଇଆଇସି ବୋଲି କହି ବିଭିନ୍ନ ଘଟଣାରେ ଲୋକଙ୍କୁ ନାନା ଭାବେ ଠକୁଥିଲେ। ସେ କେତେବେଳେ ଲକ୍ଷ୍ମୀପ୍ରିୟା ମଲ୍ଲିକ ତ ଆଉ କେତେବେଳେ ମୀନାକ୍ଷୀ ସ୍ୱାଇଁ ବୋଲି ପରିଚୟ ଦେଇ ଭୁଆଁ ବୁଲାଉଥିଲେ। ଷ୍ଟାର୍ ଲାଗିଥିବା ଖାକି ପୋଷାକ ପିନ୍ଧୁଥିବାରୁ ସାଧାରଣ ଲୋକେ ସହଜରେ ବିଶ୍ୱାସ କରିଯାଉଥିଲେ। ଗତ ରବିବାର ଦିନ ଏହି ଥାନା ଅନ୍ତର୍ଗତ ବିରାଟବଜାର ନିକଟ ଗଉଡ଼ସାହି ଗଣେଶ ମେଢ଼ ଭସାଣି ଶୋଭାଯାତ୍ରାକୁ ମଧ ସୁଲ୍‌ତାନା ଖାକି ପୋଷାକ ପିନ୍ଧି ପରିଚାଳନା କରିଥିଲେ। ଗଉଡ଼ସାହିର ରାଜକୁମାର ନାୟକ ଏଥିରେ ସନ୍ଦେହ ପ୍ରକାଶ କରିବା ପରେ ଥାନାକୁ ଆସି ଆଲୋଚନା କରୁଥିଲେ। ଏହି ସମୟରେ ସମ୍ପୃକ୍ତ ମହିଳା ସୁଲ୍‌ତାନା ଥାନାରେ ଥିବା ଦେଖି ରାଜକୁମାର ତାଙ୍କୁ ଚିହ୍ନଟ କରିଥିଲେ। ଏକ ଗଣ୍ଡଗୋଳ ଘଟଣାରେ ଗିରଫ ହୋଇଥିବା ଚୌଦ୍ୱାର ଅଞ୍ଚଳର ଭରତ ସାହୁଙ୍କୁ ମୁକୁଳାଇ ନେବାକୁ ସେ ଥାନାକୁ ଆସି ଉଦ୍ୟମ କରୁଥିଲେ। ନିଜକୁ ମଧ ଲକ୍ଷ୍ମୀପ୍ରିୟା ଓ ମୀନାକ୍ଷୀ ନାଁରେ ଭିନ୍ନ ଭିନ୍ନ ପରିଚୟ ଦେଇଥିଲେ। ତାଙ୍କୁ ଧରି ପଚରାଉଚରା କରାଯିବା ପରେ ସେ ପ୍ରଥମେ ନିଜକୁ ମାଲଗୋଦାମ ଥାନା ଆଇଆଇସି, ପରେ ସବ୍ ଇନ୍ସପେକ୍ଟର ଓ ଏହାପରେ ମାହାଙ୍ଗା ଥାନାକୁ ଟ୍ରାନ୍ସଫର ହୋଇଥିବା ପ୍ରକାଶ କରିଥିଲେ। ଅଧିକ ଅନୁସନ୍ଧାନ ପରେ ତାଙ୍କର ପ୍ରକୃତ ପରିଚୟ ସୁଲ୍‌ତାନା ବେଗମ୍ ବୋଲି ଜଣାପଡ଼ିଥିଲା। ସେ ହେଉଛନ୍ତି କେନ୍ଦ୍ରାପଡ଼ାର ସେକ୍ ନୱାବଙ୍କ ଝିଅ ଓ ସ୍ୱାମୀଙ୍କ ନାଁ ମୃତ୍ୟୁଞ୍ଜୟ ସ୍ୱାଇଁ। ସେ ଗଉଡ଼ସାହିର ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ାରେ ରହି ଏହି କାର୍‌ନାମା ଚଳାଇ ଆସୁଥିଲେ। ଏନେଇ ମାମଲା ନଂ. ୩୪୨/୧୮ରେ ସୁଲ୍‌ତାନାଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଛି।

# ଦୁଷ୍ଟାମି ପାଇଁ ଛାତ୍ରଙ୍କୁ ତଣ୍ଟି ଚିପି ହତ୍ୟା

## ■ ଘରୋଇ ଆବାସିକ ଶିକ୍ଷାନୁଷ୍ଠାନରେ ଅଭାବନୀୟ କାଣ୍ଡ

ଖଇରା, ୧୧।୧୦(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଏକ ଘରୋଇ ଆବାସିକ ଶିକ୍ଷାନୁଷ୍ଠାନରେ ବାଦଲ ଦାସ (ଡାକ ନାମ କ୍ରିଷ୍ଣା) ନାମକ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କୁ ମାଡ ମାରିବା ବେଳେ ତଣ୍ଟି ଚିପି ହତ୍ୟା କରାଯିବା ଘଟଣା ପଦାକୁ ଆସିଛି। ଗତ ୨୭ ତାରିଖରେ ଶିକ୍ଷାନୁଷ୍ଠାନ ନିକଟସ୍ଥ ପରିତ୍ୟକ୍ତ ମୋରମ ଖଣିରୁ ତାଙ୍କ ମୃତଦେହ ମିଳିଥିଲା। ସେତେବେଳେ ଘଟଣା ସମ୍ପୂର୍ଣ୍ଣ ରହସ୍ୟାଚ୍ଛନ୍ନ ରହିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଖଇରା ଥାନା ପୋଲିସ ଏନେଇ ଅଧିକ ତଦନ୍ତ କରି ଅଭିଯୁକ୍ତ ଶିକ୍ଷକ ରବୀନ୍ଦ୍ର ନାଥ ରାଉତଙ୍କୁ ବୁଧବାର ଗିରଫ କରିଛି। ତଦନ୍ତ ଆରମ୍ଭରୁ ସେ ଫେରାର ଥିଲେ। ତାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ତାଙ୍କୁ ଅନୁଗୋଳରୁ ଗିରଫ କରାଯାଇଥିବା ଗୁରୁବାର ଖଇରା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୀଳଗିରି ଏସ୍‌ଡିପିଓ ସୁଦାମ ଚରଣ ରାଉତ ଏବଂ ଥାନା ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ୩୦୨ ଦଫାରେ ହତ୍ୟା ମାମଲା ରୁଜୁ କରାଯାଇଛି।

ମୋରମ ଖଣିରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର ହେବାର ୧୪ ଦିନ ପରେ ଘଟଣାର ପର୍ଦ୍ଦାଫାସ ହୋଇଛି। ଛାତ୍ରଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେବା ପରେ ଅଞ୍ଚଳରେ ଆଲୋଡନ ଖେଳିଯାଇଛି। ଏସ୍‌ଡିପିଓ ରାଉତ ଏବଂ ଆଇଆଇସି ନାୟକ ଖବରଦାତାମାନଙ୍କୁ ଏହି ସୂଚନା ଦେବା ଅବସରରେ କହିଥିଲେ, ଗଡପୋଖରୀସ୍ଥିତ ପ୍ରକୃତି ବିଦ୍ୟାମନ୍ଦିର ନାମକ ଘରୋଇ ଆବାସିକ ଶିକ୍ଷାନୁଷ୍ଠାନରେ ରହି ପାଠ ପଢୁଥିବା ବାଦଲ ଦୁଷ୍ଟାମୀ କରୁଥିବାରୁ ସେଦିନ ସକାଳେ ଅଭିଯୁକ୍ତ ଶିକ୍ଷକ ତାଙ୍କୁ ଅଫିସ୍ ଗୃହକୁ ଡକାଇ ମାଡ ମାରିଥିଲେ। ବାଦଲ ଅସୁସ୍ଥ ହୋଇ ଘଟଣାସ୍ଥଳରେ ମୃତ୍ୟୁମୁଖରେ ପଡିଥିଲେ। ଏହାକୁ ଲୁଚାଇବା ସକାଶେ ସମ୍ପୃକ୍ତ ଶିକ୍ଷକ ମୃତଦେହକୁ ନେଇ ପାଣି ଭର୍ତ୍ତି ମୋରମ ଖଣିକୁ ଫିଙ୍ଗି ଦେଇଥିଲେ। ସେଦିନ ଅପରାହ୍ନରେ ମୋରମ ଖଣିରେ ଭାସୁଥିବା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଥିଲା। ବାଦଲଙ୍କୁ ଅଫିସ୍ ଗୃହରେ ମାଡ ମରାଯିବା ବେଳେ ତାଙ୍କ ଚିତ୍କାର ଦୁଇ ସହପାଠୀ ଶୁଣିଥିବା ପ୍ରକାଶ କରିବା ପରେ ଏହା ଏକ ହତ୍ୟା ଘଟଣା ବୋଲି ସ୍ପଷ୍ଟ ହୋଇଥିଲା। ମୃତ ବାଦଲଙ୍କ ଘର ସ୍କୁଲଠାରୁ ୩ କି.ମି. ଦୂର କୁମ୍ଭକା ଗ୍ରାମରେ। ପରିତ୍ୟକ୍ତ ଖଣିରୁ ମୃତଦେହ ଉଦ୍ଧାର ପରେ ସନ୍ଦେହ ପ୍ରକାଶ କରି ବାଦଲଙ୍କ ବାପା ରମେଶ ଦାସ ଓ ମା' ସସ୍ମିତା ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ସେଦିନ ଅଭିଯୋଗ କରିଥିଲେ। ଖଇରା ପୋଲିସ ଏନେଇ ଏକ ମାମଲା(ନଂ.୨୩୬/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଫେରାର ଥିବା ଅଭିଯୁକ୍ତ ଶିକ୍ଷକ ରବୀନ୍ଦ୍ର ନାଥଙ୍କୁ ଧରିବା ପାଇଁ ତାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ଏଏସ୍ଆଇ ଶ୍ୟାମସୁନ୍ଦର ବିନ୍ଧାଣୀଙ୍କ ନେତୃତ୍ୱରେ ଏକ ଟିମ୍ ଅନୁଗୋଳକୁ ଯାଇଥିଲା। ଅଭିଯୁକ୍ତ ଶିକ୍ଷକ ରବୀନ୍ଦ୍ରଙ୍କ ଘର ଆଗରପଡା ମୁଣ୍ଡୁଳି ଗାଁରେ। ଗିରଫ ହେବା ପରେ ରବୀନ୍ଦ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣାରେ ସେ ସମ୍ପୃକ୍ତ ନାହାନ୍ତି। ତାଙ୍କୁ ଫସାଇବାକୁ ଚକ୍ରାନ୍ତ କରାଯାଇଛି। ଅନ୍ୟପକ୍ଷେ ଏହି ହତ୍ୟା ଷଡଯନ୍ତ୍ର ପଛରେ ଆହୁରି ଅନେକ ତଥ୍ୟ ଲୁଚି ରହିଥିବା ସ୍ଥାନୀୟ ଗଡପୋଖରୀ ଗ୍ରାମବାସୀ ସନ୍ଦେହ ପ୍ରକାଶ କରି ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଦାବି କରିଛନ୍ତି। ଗିରଫ ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ରବୀନ୍ଦ୍ରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

- ■ ୧୪ ଦିନ ପରେ ଘଟଣାର ପର୍ଦ୍ଦାଫାଶ
- ■ ଅଭିଯୁକ୍ତ ଶିକ୍ଷକ ଅନୁଗୋଳରୁ ଗିରଫ
- ■ ମୋରମ ଖାଦାନରୁ ମିଳିଥିଲା ଛାତ୍ରଙ୍କ ମୃତଦେହ

No. 39-M

# ବିଶ୍ୱ ଅଣ୍ଡା ଦିବସ – ୨୦୧୮

୧. ପ୍ରତିବର୍ଷ ଭଳି ଚଳିତ ବର୍ଷ ଆମ ରାଜ୍ୟ ତଥା ବିଶ୍ୱରେ 'ବିଶ୍ୱ ଅଣ୍ଡା ଦିବସ' ଅକ୍ଟୋବର ମାସ ଦ୍ୱିତୀୟ ଶୁକ୍ରବାର ତା୧୨।୧୦।୨୦୧୮ରିଖ ଦିନ ପାଳନ କରାଯାଉଛି।
୨. ବିଶ୍ୱ ଅଣ୍ଡାଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା- ଆମ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ସହିତ ଅଣ୍ଡାର ଗୁଣବତ୍ତା ବା ପୌଷ୍ଟିକତା ଉପରେ ଜନସଚେତନତା ସୃଷ୍ଟି କରିବା।
୩. ଅଣ୍ଡାରେ ଆମ ଶରୀର ଗଠନ ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟସାର ଯଥା- ପୁଷ୍ଟିସାର, ସ୍ନେହସାର, ଧାତବ ଲବଣ ଓ ଭିଟାମିନ୍ ଆଦି ଭରପୂର ହୋଇ ରହିଥାଏ।
୪. ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ରୂପେ ବିବେଚନା କରାଯାଏ।
୫. ସମଗ୍ର ମାନବ ସମାଜ ବିଶେଷକରି ମହିଳା ଓ ଶିଶୁମାନଙ୍କର ପୁଷ୍ଟିହୀନତା ଦୂର କରିବାରେ ଅଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।
୬. ରାଜ୍ୟରେ କୁକ୍କୁଟ ବିକାଶ ସହିତ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ଓଡ଼ିଶା କୁକ୍କୁଟ ନୀତି- ୨୦୧୫ ପ୍ରଣୟନ କରିଛନ୍ତି।
୭. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆପିକଲ ମାଧ୍ୟମରେ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଯୁବ ଉଦ୍ୟୋଗୀମାନଙ୍କୁ ସରକାର ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି।
୮. ରାଜ୍ୟରେ କୁକୁଡ଼ା ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ କୁକୁଡ଼ା ଚାଷକୁ କୃଷିର ମାନ୍ୟତା ପ୍ରଦାନ କରାଯାଇଛି।
୯. ଉତ୍ସାହୀ ଯୁବ ଉଦ୍ୟୋଗୀମାନଙ୍କୁ କୁକୁଡ଼ା ଚାଷ ନିମନ୍ତେ ସରକାରଙ୍କ ତରଫରୁ ଲିଜ୍ ଜମି ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି।
୧୦. କୁକୁଡ଼ା ଫାର୍ମ ପ୍ରତିଷ୍ଠା ପାଇଁ ଜମି ପଞ୍ଜୀକରଣ ଓ କିସମ ପରିବର୍ତ୍ତନ ନିମନ୍ତେ ଷ୍ଟାମ୍ପ ଡ୍ୟୁଟି ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି।

**ଏହି ବିଶ୍ୱ ଅଣ୍ଡା ଦିବସରେ ସମସ୍ତଙ୍କ ସହଯୋଗ କାମନା କରୁଅଛୁ।**

ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ
ଓଡ଼ିଶା, କଟକ

06014/11/0016/1819



“ ଭାରତରେ ‘ଆର୍‌ଏସ୍‌ଏସ୍ ରାଜ୍’ ଚଳାଇବାକୁ ଭାଜପା ଚେଷ୍ଟା ଚଳାଇଛି । ତେଣୁ ଏହା ଉପରୁ ଲୋକମାନଙ୍କ ବିଶ୍ୱାସ ତୁଟିଯାଉଛି । ଦେଶବାସୀ ଆର୍‌ଏସ୍‌ଏସ୍ ଓ ଏହା ସହ ଜଡ଼ିତ ସଙ୍ଗଠନଗୁଡ଼ିକୁ ସମର୍ଥନ କରିବେ ନାହିଁ ।
- ଅସାଦୁଦ୍ଦିନ୍ ଓୱାଇସି, ଏଆଇଏମ୍‌ଆଇଏମ୍ ମୁଖ୍ୟ



## ସଂକ୍ଷେପରେ

### ନୀତୀଶଙ୍କ ଆଡ଼କୁ ଜୋତାମାଡ଼



ପାଟନା,୧୧।୧୦(ପି.ଟି.)-ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆଡ଼କୁ ଗୁରୁବାର ଜୋତାମାଡ଼ ହୋଇଛି। ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ଜେଡିୟୁ ନେତାଙ୍କ ସହ ନୀତୀଶ ମଞ୍ଚାସୀନ ଥିବାବେଳେ ତାଙ୍କୁ ଲକ୍ଷ୍ୟକରି ଚନ୍ଦନ ନାମକ ଜଣେ ବ୍ୟକ୍ତି ଜୋତାମାଡ଼ କରିଥିଲେ। ଜୋତାଟି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପହଞ୍ଚି ପାରି ନ ଥିଲା ଏବଂ ଉପସ୍ଥିତ ଜନଗହଳି ଉପରେ ପଡ଼ିଥିଲା। ତେବେ ଜୋତାମାଡ଼ ପରେ ଚନ୍ଦନଙ୍କୁ କାବୁକରି ଜେଡିୟୁ କର୍ମୀମାନେ ନିର୍ଘୁମ୍ ମାଡ଼ ମାରିଥିଲେ। ପରେ ଭିଡ଼ ଭିତରୁ ଅଭିଯୁକ୍ତଙ୍କୁ ବାହାର କରି ପୋଲିସ ଗିରଫ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଏଭଳି ବ୍ୟବହାର ସମ୍ପର୍କରେ ଚନ୍ଦନ କହିଛନ୍ତି, ଭେଦଭାବ ଭରା ସଂରକ୍ଷଣ ନୀତିକୁ ନେଇ ଜୋତାମାଡ଼ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ସଂରକ୍ଷଣ ଆଇନରେ ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ବର୍ଗର ଲୋକଙ୍କ ଉତ୍ତମ ଶ୍ରେଣୀ ଲୋକେ ଅଧିକ ଲାଭ ପାଉଥିବାବେଳେ ଘୋର ଅସୁବିଧାରେ ଥିବା ଦଳିତରୁ ଅତି ଦଳିତ ବର୍ଗର ଲୋକଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁ ନାହିଁ।

### ପାପୁଆ ନ୍ୟୁ ଗିନିରେ ୭ ତୀବ୍ରତାର ଭୂକମ୍ପ: ସୁନାମି ଆଲର୍ଟ

ସିଡ୍‌ନୀ,୧୧।୧୦(ପି.ଟି.)-ପାପୁଆ ନ୍ୟୁ ଗିନିର ବ୍ରିଟେନ୍ ଦ୍ୱୀପରେ ଗୁରୁବାର ୭.୦ ତୀବ୍ରତା ବିଶିଷ୍ଟ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଭୂକମ୍ପ ପରେ ସୁନାମି ନେଇ ସତର୍କ ସୂଚନା ଜାରି କରାଯାଇଛି। ପାପୁଆ ନ୍ୟୁ ଗିନି ଏବଂ ସୋଲୋମାନ୍ ଦ୍ୱୀପର କେତେକ ସ୍ଥାନରେ ଉଚ୍ଚ ଜୁଆର ଭୂଖଣ୍ଡକୁ ମାଡ଼ି ଆସିପାରେ। ଜୁଆର ଉଚ୍ଚତା ୩ ମିଟରରୁ କମ୍ ରହିବ ବୋଲି ପାସିଫିକ୍ ସୁନାମି ୱାର୍ନିଂ ସେଣ୍ଟର ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଭୂକମ୍ପର ଉତ୍ପତ୍ତିସ୍ଥଳ ନ୍ୟୁ ବ୍ରିଟେନ୍ ଦ୍ୱୀପର କିମ୍ବେ ସହରରୁ ୧୨୫ କି.ମି. ପୂର୍ବ ଏବଂ ଏହା ୪୦ କିଲୋମିଟର ଗଭୀର ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

### [ଇତିହାସର ଆଇନାରେ]

### ଅକ୍ଟୋବର ୧୨ର ପ୍ରମୁଖ ଘଟଣା

୧୯୬୦ ଅକ୍ଟୋବର ୧୨ରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ରୁଷିଆର କମ୍ୟୁନିଷ୍ଟ ନେତା ତଥା ପ୍ରଧାନମନ୍ତ୍ରୀ ନିକିତା କ୍ରୁଶ୍ଚେଭ ଟେବୁଲ ଉପରେ ଜୋତା ପିଟିଥିଲେ। ଫିଲିପାଇନ୍ସ ପ୍ରତିନିଧି ଲୋରେଞ୍ଜୋ ସୁମୁଲଙ୍ଗ ସୋଭିଏଟ୍ ୟୁନିୟନର ଔପନିବେଶବାଦ ବିରୋଧରେ ଅଭିଯୋଗ ଉଠାଇବା ପରେ କ୍ରୁଶ୍ଚେଭ ଟେବୁଲରେ ଜୋତା ବାଡ଼େଇଥିଲେ।

୨୦୦୨ ଅକ୍ଟୋବର ୧୨ରେ ଇଣ୍ଡୋନେସିଆର ବାଲିଦ୍ୱୀପରେ ଥିବା ପର୍ଯ୍ୟଟକ ସହର କୁଟାରେ ଆତଙ୍କବାଦୀମାନେ ବଡ଼ଧରଣର ବିସ୍ଫୋରଣ ଘଟାଇଥିଲେ। କୁଟାର ପ୍ରସିଦ୍ଧ ସାରି ନାଇଟ୍ କ୍ଲବ୍‌ରେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ୨୦୨ ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟୁନ ୨୫୦ ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଥିଲେ ୮୮ ଜଣ ଅଷ୍ଟ୍ରେଲୀୟ। ସେଠାରେ ପ୍ରଥମେ ଏକ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା।

## ■ ରୁଷିଆ ସହ ସମ୍ପର୍କକୁ ନେଇ ଟ୍ରମ୍ପଙ୍କ ଧମକ

# ଭାରତକୁ ଦେଖିନେବୁ

ୱାଶିଂଟନ୍,୧୧।୧୦(ପି.ଟି.)



■ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ଚିନ୍ତାର କାରଣ

■ ଦେଖାଇଲେ ସିଏଏଟିଏସ୍ଏ କଟକଣା ଭୟ

ରୁଷିଆ ସହ ଭାରତର ସମ୍ପର୍କ ଆମେରିକାକୁ ସହ୍ୟ ହେଉନାହିଁ। ନିଜ ପତିଆରା କ୍ଷୁଣ୍ଣ ହେବାର ଭୟ ଓ ଚିନ୍ତା ଘାରିଛି ୱାଶିଂଟନ୍‌କୁ। ରୁଷିଆଠାରୁ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଭାରତ ଚୁକ୍ତିବଦ୍ଧ ହୋଇଥିବାବେଳେ ସମ୍ଭବତଃ ଏଇଥିପାଇଁ ନୂଆଦିଲ୍ଲୀକୁ ନାଲିଆଖି ଦେଖାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

ଭାରତ ନିଜ ସାମରିକ ଶକ୍ତି ବୃଦ୍ଧି କରିବା ସକାଶେ ରୁଷିଆଠାରୁ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ କିଣିବାକୁ ଯାଉଛି। ଏଥିପାଇଁ ଟ୍ରମ୍ପ୍ ଗୁରୁବାର ସିଧାସଳଖ ଭାରତକୁ ଧମକ ଦେଇଛନ୍ତି। ନୂଆଦିଲ୍ଲୀ ଖୁବ୍‌ଶୀଘ୍ର ଏହାର ପରିଣାମ ଭୋଗିବ ବୋଲି ଟ୍ରମ୍ପ୍ କହିଛନ୍ତି। ପ୍ରକାଶ ଯେ, ଏସ୍-୪୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ କିଣିବା ଲାଗି ଭାରତ ଏବଂ ରୁଷିଆ ମଧ୍ୟରେ କିଛିଦିନ ପୂର୍ବରୁ ଚୁକ୍ତି ସ୍ୱାକ୍ଷର ହୋଇଛି। ରୁଷିଆ ସହ ସାମରିକ ଅସ୍ତ୍ରଶସ୍ତ୍ର କାରବାର ନ କରିବା ଲାଗି ଆମେରିକା ପୂର୍ବରୁ ଭାରତକୁ ଚେତାବନୀ ଦେଇଆସୁଥିଲା। ଭାରତ ଏବଂ ରୁଷିଆର ଉକ୍ତ ଚୁକ୍ତି ସମ୍ପର୍କରେ ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ୍ କହିଛନ୍ତି, ଖୁବ୍‌ଶୀଘ୍ର ନୂଆଦିଲ୍ଲୀ ଏହାର ପରିଣାମ ଦେଖିବାକୁ ପାଇବ। ପାଇବା ଉଚିତ ନୁହେଁ କି? ଯେତେଶୀଘ୍ର ଭାବୁଛ, ତା'ଠାରୁ ଆହୁରି ଶୀଘ୍ର ପରିଣାମ ଆସିବ।

ରୁଷିଆ ସହ ଅସ୍ତ୍ରଶସ୍ତ୍ର କାରବାର କରିବା ଯୋଗୁ ଖୁବ୍‌ଶୀଘ୍ର ଭାରତ ଉପରେ ଆମେରିକାର ଦଣ୍ଡାତ୍ମକ କଟକଣା ଆଇନ ‘କାଉଣ୍ଟରିଂ ଆମେରିକାଜ୍ ଆଡ୍‌ଭର୍ସାରିଜ୍ ଥ୍ରୋ ସାଙ୍କସନ୍ ଆକ୍ଟ’ (ସିଏଏଟିଏସ୍ଏ) ଲାଗୁ କରାଯିବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ସିଏଏଟିଏସ୍ଏ ହେଉଛି ଆମେରିକାର ଏକ ସଂଘୀୟ ଆଇନ ଏବଂ ଏହା ଇରାନ, ଉତ୍ତର କୋରିଆ ଏବଂ ରୁଷିଆ ଉପରେ ପୂର୍ବରୁ ଲାଗୁ କରାଯାଇଛି। ୟୁକ୍ରେନ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗ ହେବା ପରେ ରୁଷିଆ ଉପରେ ଏହି କଟକଣା ଜାରି କରାଯାଇଥିଲା। ମସ୍କୋର ତୈଳ, ଗ୍ୟାସ୍ ଶିଳ୍ପ, ପ୍ରତିରକ୍ଷା, ନିରାପତ୍ତା ଏବଂ ଆର୍ଥିକ କାରବାର ସହ ସମ୍ପର୍କ ନ ରଖିବା ଲାଗି ଆମେରିକା ଏଭଳି କଠୋର ପଦକ୍ଷେପ ନେଇଥିଲା।

ଓଭାଲ୍ ଅଫିସ୍‌ରେ ଟ୍ରମ୍ପଙ୍କ ସହ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ମଧ୍ୟ ଉପସ୍ଥିତ ଥିଲେ। ପମ୍ପିଓ ଏବଂ ପ୍ରତିରକ୍ଷା ସଚିବ ଜେମ୍ସ ମାଟିସ୍ ଭାରତ ଉପରେ କଟକଣାକୁ ବିରୋଧ କରିଆସୁଛନ୍ତି। ଦଣ୍ଡ କୋହଳ କରିବା ଲାଗି ପୂର୍ବରୁ ସେମାନେ ଯୁକ୍ତି ବାଢ଼ିଥିଲେ। ସିଏଏଟିଏସ୍ଏ କଟକଣା କେବଳ ରୁଷିଆ ପାଇଁ ଉଦ୍ଦିଷ୍ଟ ଏବଂ ମସ୍କୋର ସହଯୋଗୀ ତଥା ଅଂଶୀଦାରଙ୍କ ପାଇଁ ଏହା କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ଭାରତରେ ଅବସ୍ଥାପିତ ଆମେରିକୀୟ ଦୂତାବାସ ମୁଖପାତ୍ର ମଧ୍ୟ ସ୍ପଷ୍ଟ କରିଥିଲେ। ତେବେ ଚଳିତବର୍ଷ ଆରମ୍ଭରେ ପ୍ରଣୀତ ସିଏଏଟିଏସ୍ଏରୁ ଭାରତ ଉପରେ ଦଣ୍ଡ କୋହଳ କରିବା କ୍ଷମତା କେବଳ ରାଷ୍ଟ୍ରପତିଙ୍କ ହାତରେ ରହିଛି। ତେଣୁ ଭାରତ ଉପରେ କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ ତାହା ସମ୍ପୂର୍ଣ୍ଣ ରୂପେ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।

### ଇରାନରୁ ତେଲ କିଣା ନେଇ କ୍ଷୁବ୍ଧ



ୱାଶିଂଟନ୍,୧୧।୧୦- ନଭେମ୍ବର ୪ରେ ଇରାନ ବିରୋଧରେ ଆମେରିକା କଟକଣା ଜାରି କରିବା ପରେ ମଧ୍ୟ ତେହରାନଠାରୁ ଅଶୋଧିତ ତେଲ କିଣିବାକୁ ନିଷ୍ପତ୍ତି ନେଇଛି ଭାରତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ନେଇ କ୍ଷୁବ୍ଧ ଥିବା ଜଣାପଡ଼ିଛି। ସେ ଭାରତ ବିରୋଧରେ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି। ନଭେମ୍ବରରେ ଦୁଇଟି କମ୍ପାନୀ ଇରାନରୁ ତେଲ କିଣିବାକୁ ଯାଉଛନ୍ତି ବୋଲି ଦୁଇଦିନ ତଳେ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କଟକଣା ପରେ ବି ଇରାନଠାରୁ ଭାରତ ଓ ଚାଇନା ତେଲ କିଣିବାକୁ ଯାଉଛନ୍ତି ବୋଲି ଖବରଦାତାମାନେ କହିବାରୁ ଟ୍ରମ୍ପ୍ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ସେହି ଦୁଇଦେଶକୁ ଦେଖିନେବେ। ଇରାନ ସହ ବାଣିଜ୍ୟ କରିବାର ବିପଦ ସମ୍ପୃକ୍ତ ଦେଶକୁ ମୁଣ୍ଡାଇବାକୁ ପଡ଼ିବ।

## ୨ ହତ୍ୟା ମାମଲାରେ ରାମପାଲ ଦୋଷୀ

ନୂଆଦିଲ୍ଲୀ,୧୧।୧୦(ପି.ଟି.)



ଆତ୍ମଘୋଷିତ ବାବା ରାମପାଲଙ୍କୁ ଲାଗିଛି ଶକ୍ତ ଝଟକା। ଦୁଇଟି ହତ୍ୟା ମାମଲାରେ ହରିୟାଣାର କୋର୍ଟ ଗୁରୁବାର ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଏହି ରାୟ ଦେବା ପରେ ହିସାରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ନିଷେଧାଦେଶ ଜାରି ହୋଇଛି।

୨୦୧୪ ନଭେମ୍ବର ୧୯ରେ ହିସାର ଜିଲାର ବରୱାଲାରେ ଥିବା ସତ୍‌ଲୋକ ଆଶ୍ରମରେ ୪ ମହିଳା ଏବଂ ଜଣେ ଶିଶୁଙ୍କ ମୃତଦେହ ମିଳିଥିଲା। ଏହି ଘଟଣା ପ୍ରଘଟ ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ହତ୍ୟା ଓ ବେଆଇନ ଭାବେ ବନ୍ଦୀ ରଖିବା ଅଭିଯୋଗରେ ରାମପାଲ ଓ ତାଙ୍କର ୨୭ ଅନୁଗାମୀଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ହିସାରର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଡି.ଆର୍. ଚାଲିୟା ବିବାଦୀୟ ଧର୍ମଗୁରୁ ଓ ତାଙ୍କର କେତେଜଣ ଅନୁଗାମୀଙ୍କୁ ଦୋଷୀ ପ୍ରମାଣିତ କରିଛନ୍ତି। ଆସନ୍ତା ୧୬ ଓ ୧୭ ତାରିଖରେ ଦଣ୍ଡବିଧାନ ହେବ। ରାମପାଲଙ୍କୁ କୋର୍ଟ ହତ୍ୟାକାରୀ ସାବ୍ୟସ୍ତ କରିବା ପରେ ଏବେ ହିସାରରେ ଗଣ୍ଡଗୋଳ ସୃଷ୍ଟି ହେବା ଆଶଙ୍କା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ଲାଗି ହରିୟାଣା ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ପାଖାପାଖି ୨,୦୦୦ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

ବିବାଦୀୟ ବାବା ରାମପାଲଙ୍କ କେଲେଙ୍କାରୀ ବିଷୟରେ ୨୦୧୪ରେ ପ୍ରଘଟ ହୋଇଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରିବା ଲାଗି ଅଭିଯାନ ଚଳାଇଥିଲା। କିନ୍ତୁ ୧୨ ଏକର ବିଶିଷ୍ଟ ଆଶ୍ରମ ଭିତରେ ସେ ଲୁଚିରହିଲେ ଏବଂ ଅନେକ ଭକ୍ତଙ୍କୁ ପଣବନ୍ଦୀ ରଖିଲେ। ଏପଟେ ପୋଲିସ ଓ ବାବାଙ୍କ ସଶସ୍ତ୍ର ଅନୁଗାମୀ ମୁହାଁମୁହିଁ ହୋଇଥିଲେ। ଏହିଭଳି କିଛିଦିନ ଲୁଚକାଳି ଖେଳିବା ପରେ ରାମପାଲଙ୍କୁ ପୋଲିସ ଗିରଫ କରିଥିଲା। ତେବେ ହିଂସାକାଣ୍ଡରେ ୬ ଜଣ ନିହତ ହେବା ସହ ଅନେକେ ଆହତ ହୋଇଥିଲେ। ହଜାର ହଜାର ସମର୍ଥକଙ୍କୁ ବେଆଇନ ଭାବେ ବନ୍ଦୀ ରଖିବା ଅଭିଯୋଗରେ ଗତ ଅଗଷ୍ଟରେ ରାମପାଲ ଦୋଷୀ ସାବ୍ୟସ୍ତ ହୋଇଥିଲେ।

## କାର୍ତ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୧୧।୧୦(ପି.ଟି.)



ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତିଙ୍କ ୫୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଆଇଏନ୍‌ଏକ୍ସ ମିଡିଆ ମନି ଲଣ୍ଡରିଂ ମାମଲାରେ ଭାରତ ସମେତ ବ୍ରିଟେନ୍ ଏବଂ ସ୍ପେନ୍‌ରେ ଥିବା କାର୍ତ୍ତିଙ୍କ ସମ୍ପତ୍ତିକୁ ଗୁରୁବାର ଜବତ କରାଯାଇଛି। ନିଜ ସମ୍ପତ୍ତିର ୫୦% ଅଂଶୀଦାର କାର୍ତ୍ତି ବୋଲି ଜଣେ ଇଡି ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରିଭେନ୍‌ଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ) ଅଧୀନରେ କାର୍ତ୍ତିଙ୍କ ନାମରେ ତାମିଲନାଡୁର କୋଡାଇକେନାଲ୍ ଏବଂ ଉଟିଠାରେ ଥିବା ଚାଷଜମି, ବଙ୍ଗଳା, ଦକ୍ଷିଣ ଦିଲ୍ଲୀର ପୋଶ୍ ଜୋର୍‌ବାଗ୍‌ସ୍ଥିତ ୧୬ କୋଟି ଟଙ୍କାର ଏକ ଫ୍ଲାଟ୍ ବାଜ୍ୟାପ୍ତି ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଏକ ପ୍ରୋଭିଜନାଲ୍ ଅର୍ଡର ଆସିଥିଲା। ସେହିପରି ବ୍ରିଟେନ୍‌ରେ ୮.୬୭ କୋଟି ଏବଂ ସ୍ପେନ୍‌ର ବାର୍ସିଲୋନାଠାରେ ୧୪.୫୭ କୋଟି ଟଙ୍କାର ଏକ ଟେନିସ୍ କ୍ଲବ୍ ବାଜ୍ୟାପ୍ତି କରାଯାଇଛି। ଚେନ୍ନାଇର ଏକ ବ୍ୟାଙ୍କ୍‌ରେ ତାଙ୍କର ୯୦ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟ୍ ମଧ୍ୟ ଜବତ ହୋଇଛି। ତେବେ ପ୍ରୋଭିଜନାଲ୍ ଆଟାଚ୍‌ମେଣ୍ଟକୁ କାର୍ତ୍ତି ସମାଲୋଚନା କରିବା ସହ ବିଚିତ୍ର ବୋଲି ଦର୍ଶାଇଛନ୍ତି। ଇଡିର ଏହି କାର୍ଯ୍ୟାନୁଷ୍ଠାନ ଆଇନସମ୍ମତ ନୁହେଁ, ବରଂ ଏହା ଏକ ପାଗଳାମି। କେବଳ ଶିରୋନାମାରେ ରହିବା ଲାଗି ଏଭଳି କରାଯାଇଛି। ଅନୁଚିତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ ନିଆଯିବ ବୋଲି କାର୍ତ୍ତି କହିଛନ୍ତି।

## ■ ପାକିସ୍ତାନ ହାଇକମିଶନର ଭାରତ ବିରୋଧୀ ଷଡ଼ଯନ୍ତ୍ର

# ପଶ୍ଚିମବଙ୍ଗରେ ଘଟାଇବେ ଆକ୍ରମଣ

ନୂଆଦିଲ୍ଲୀ,୧୧।୧୦

### ବାଂଲାଦେଶୀ ଆତଙ୍କବାଦୀଙ୍କ ସହ ଆଇଏସ୍ଆଇର ଗୁପ୍ତ ମନ୍ତ୍ରଣା



ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ସଦା ଷଡ଼ଯନ୍ତ୍ର ରଚୁଛି। ନିଜର କୁତ୍ସିତ ଉଦ୍ଦେଶ୍ୟ ପୂରଣ ଲାଗି ବିଭିନ୍ନ ଉପାୟ ଆପଣାଉଛି। ଏଥିରେ ପାକ୍ ସେନା ଓ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ପ୍ରଚ୍ଛନ୍ନ ହାତ ରହୁଛି। ଏବେ ପାକିସ୍ତାନ ହାଇକମିଶନ ଅଧିକାରୀମାନେ ମଧ୍ୟ ଚକ୍ରାନ୍ତରେ ସାମିଲ ହୋଇଛନ୍ତି। ବାଂଲାଦେଶ ରାଜଧାନୀ ଢାକାକୁ ଯାଇ ସେମାନେ ଭାରତ ମାଟିରେ ଆତଙ୍କ ଖେଳାଇବାକୁ ମସୁଧା ଚଳାଇଛନ୍ତି। ପଶ୍ଚିମବଙ୍ଗକୁ ସେମାନେ ଟାର୍ଗେଟ କରିଛନ୍ତି ବୋଲି ଗୋଇନ୍ଦା ସୂଚନା ମିଳିଛି।

ଭାରତୀୟ ସୁରକ୍ଷା ବ୍ୟବସ୍ଥାକୁ ପାକିସ୍ତାନ ଚ୍ୟାଲେଞ୍ଜ କରିବାକୁ ଯାଉଥିବା ମିଳିଥିବା ସୂଚନା ଚିନ୍ତା ବଢ଼ାଇଦେଇଛି। ମିଳିଥିବା ଖବର ମୁତାବକ, ଢାକାରେ ନିଯୁକ୍ତ ପାକିସ୍ତାନୀ କୂଟନୀତିଜ୍ଞଙ୍କ ସହ ହାତ ମିଳାଇ ଆଇଏସ୍ଆଇ ଏଜେଣ୍ଟମାନେ ବାଂଲାଦେଶର ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସହ ଗୁପ୍ତ ବୈଠକ କରିଛନ୍ତି। ବାଂଲାଦେଶ ଏବଂ ଭାରତରେ ବଡ଼ଧରଣର ଆକ୍ରମଣ ଘଟାଇବାକୁ ସେମାନେ ଆତଙ୍କବାଦୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନା ସଫଳ କରିବା ଲାଗି ୧୦୦ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତ କରିବା ସହ ଅସ୍ତ୍ର ଯୋଗାଇଦେବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଆତ୍ମଘାତୀଙ୍କୁ ମଧ୍ୟ ତାଲିମ୍ ଦିଆଯାଉଛି। ତାଲିମ୍ ଶେଷ ହେବା ପରେ କେତେଜଣ ଆତଙ୍କବାଦୀଙ୍କୁ ପଶ୍ଚିମବଙ୍ଗ ପଠାଯିବ ବୋଲି ଜଣାପଡ଼ିଛି।

ନିକଟରେ ଢାକାରେ ପାକିସ୍ତାନ ଜଣେ ନୂଆ କୂଟନୀତିଜ୍ଞଙ୍କୁ ଅବସ୍ଥାପିତ କରିବାରୁ ଶେଖ୍ ହାସିନାଙ୍କ ସରକାର ଏହାକୁ ବିରୋଧ କରିଥିଲେ। କୂଟନୀତିଜ୍ଞଙ୍କୁ ହାତକରି ଆଇଏସ୍ଆଇ ଷଡ଼ଯନ୍ତ୍ର ରଚୁଛି। ଢାକାସ୍ଥିତ ପାକ୍ ହାଇକମିଶନ ବାଂଲାଦେଶ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ପାଲଟିଛି। ସେଠାରେ ଜାଲ୍ ଭାରତୀୟ ନୋଟ୍ ମଧ୍ୟ ଛପାଯାଉଛି। ଏହା ଉଭୟ ରାଷ୍ଟ୍ର ପାଇଁ ଚିନ୍ତାର ବିଷୟ ବୋଲି ହାସିନା ସରକାର ବିବେଚନା କରୁଥିବା ଗୋଇନ୍ଦା ଅଧିକାରୀ କହିଛନ୍ତି।

ଗତମାସ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ଗୋଇନ୍ଦା ସୂଚନା ମିଳିଥିଲା। ବାଂଲାଦେଶର ସାଧାରଣ ନିର୍ବାଚନ ସମୟରେ ଆକ୍ରମଣ ଘଟାଇବା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ଜମାତ୍-ଉଲ୍-ମୁଜାହିଦ୍ଦିନ୍ ବାଂଲାଦେଶ (ଜେଏମ୍‌ବି) ଗୁପ୍ତ ବୈଠକ କରିଥିବା ସେଥିରେ ଦର୍ଶାଯାଇଥିଲା। ପାକିସ୍ତାନୀ ଲସ୍କର ଆତଙ୍କବାଦୀଙ୍କ ସହଯୋଗରେ ବିଭିନ୍ନ ଜିଲାରେ ୫୦ ତାଲିମ କେନ୍ଦ୍ର ଖୋଲିବାକୁ ମନ୍ତ୍ରଣା ହୋଇଛି । ମିଳିତ ଭାବେ ସେମାନେ ବିଭିନ୍ନ ଅସ୍ତ୍ର ଓ ଆତ୍ମଘାତୀ ବିସ୍ଫୋରକ ମଧ୍ୟ ଯୋଗାଡ଼ କରିବେ।

## ହିନ୍ଦୁ-ମୁସଲମାନ ଛାତ୍ରୀଛାତ୍ରଙ୍କୁ ଅଲଗା ବସାଇ ଶିକ୍ଷକ ନିଲମ୍ବିତ

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ଉତ୍ତର ଦିଲ୍ଲୀର ଏକ ପ୍ରାଥମିକ ସ୍କୁଲ୍‌ରେ ହିନ୍ଦୁ-ମୁସଲମାନ ଛାତ୍ରୀଛାତ୍ରଙ୍କୁ ଭିନ୍ନ ଭାବେ ବସାଯିବା ଅଭିଯୋଗ ହୋଇଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ଚାରିଆଡୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେଶନ୍ (ଏନ୍‌ଡିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ସ୍କୁଲ୍ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ଦିଲ୍ଲୀ ସରକାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ରିପୋର୍ଟ ତଲବ କରାଯାଇଛି। ୱଜିରାବାଦ୍ ଅଞ୍ଚଳରେ ସିଭିଲ୍ ଲାଇନ୍ ଜୋନ୍‌ରେ ଥିବା ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୁ ଏବଂ ମୁସଲମାନ ଛାତ୍ରୀଛାତ୍ରଙ୍କୁ ପୃଥକ୍ କରି ବସାଯାଉଥିବା ଏନ୍‌ଡିଏମ୍‌ସି ଦ୍ୱାରା ନିଯୁକ୍ତି ପ୍ରାପ୍ତ କେତେକ ଶିକ୍ଷକ ଅଭିଯୋଗ ଆଣିଥିଲେ। ଅଭିଯୋଗର ତଦନ୍ତ ପରେ ଘଟଣା ସତ୍ୟତା ସାମ୍ନାକୁ ଆସିଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏମ୍‌ସି ପ୍ରମାଣ ପାଇଥିଲା। ଏହାପରେ ବିଦ୍ୟାଳୟର ମୁଖ୍ୟଙ୍କ ବିରୋଧରେ ବୁଧବାର କାର୍ଯ୍ୟାନୁଷ୍ଠାନ ହୋଇଛି। ଶିକ୍ଷକଙ୍କ ଏଭଳି କାର୍ଯ୍ୟ ଅବିଶ୍ୱନୀୟ ଏବଂ ଅକ୍ଷମଣୀୟ। ଅଭିଯୋଗକାରୀ ଶିକ୍ଷକଙ୍କୁ ମଧ୍ୟ ଏଥିଲାଗି ଧନ୍ୟବାଦ ବୋଲି ଏନ୍‌ଡିଏମ୍‌ସି କମିଶନର ମାଧୁପ ବ୍ୟାସ ପ୍ରକାଶ କରିଛନ୍ତି।

## ପୁଣି ଥରିଲା ଇଣ୍ଡୋନେସିଆ

ଜାକର୍ତ୍ତା,୧୧।୧୦(ପି.ଟି.)

### ଜାଭା, ବାଲିରେ ଶକ୍ତିଶାଳୀ ଭୂକମ୍ପ ଝଟକା: ୩ ମୃତ

ଇଣ୍ଡୋନେସିଆର ଜାଭା ଏବଂ ବାଲି ଦ୍ୱୀପ ଉପକୂଳରେ ଗୁରୁବାର ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏଥିରେ ୩ ଜଣ ପ୍ରାଣ ହରାଇଥିବାବେଳେ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଛି। ଭୂକମ୍ପର ତୀବ୍ରତା ୬.୦ ରହିଥିବାବେଳେ ଜାଭା ଦ୍ୱୀପର ପୂର୍ବାନ୍ତରେ ଉପକୂଳରୁ ୪୦ କିଲୋମିଟର ଦୂର ସମୁଦ୍ର ଭିତର ଏହାର ଉତ୍ପତ୍ତିସ୍ଥଳ ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

୧୦ ସେକେଣ୍ଡ ପାଇଁ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ବାଲିର ଡେନ୍‌ପସାର ସହରରେ ସବୁଠାରୁ ଅଧିକ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଥିଲା। ପୂର୍ବ ଜାଭା ପ୍ରଦେଶର ରାଜଧାନୀ ସୁରେବାୟାଠାରେ ମଧ୍ୟ ଏହାର ଝଟକା ଅନୁଭୂତ ହୋଇଥିଲା। ଜାଭାର ସୁମେନେପ୍ ଜିଲାରେ କୋଠ ଭୁଶୁଡ଼ିଯିବା ଯୋଗୁ ୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ଏପର୍ଯ୍ୟନ୍ତ ସୂଚନା ମିଳିଛି ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ମୁଖପାତ୍ର ସୁତପୋ ପୁର୍ୱୋନୁଗ୍ରହୋ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସେପ୍ଟେମ୍ବର ୨୮ରେ ଇଣ୍ଡୋନେସିଆର ପାଲୁଠାରେ ୭.୫ ତୀବ୍ରତାର ଭୂକମ୍ପ ପରେ ଭୟଙ୍କର ସୁନାମି ମାଡ଼ି ଆସିଥିଲା। ଏହାଯୋଗୁ ୨୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ଏବେ ବି ଅନେକଙ୍କ ପତ୍ତା ମିଳିପାରି ନାହିଁ। ବ୍ୟାପକ ଧନସମ୍ପତ୍ତି ମଧ୍ୟ ନଷ୍ଟ ହୋଇଥିଲା। ପାଲୁ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଏପର୍ଯ୍ୟନ୍ତ ସରିନଥିବାବେଳେ ଆଉ ଏକ ଭୂକମ୍ପ ଦେଶବାସୀଙ୍କ ମନରେ ଆତଙ୍କ ଖେଳାଇ ଦେଇଛି।

## ■ କଶ୍ମୀରରେ ଏନ୍‌କାଉଣ୍ଟର: ୨ ହିଜବୁଲ୍ ଆତଙ୍କବାଦୀ ନିହତ

# ଟଳିଲେ ପିଏଚ୍.ଡି. ସ୍କଲାର ମନାନ୍ ୱାନି

ଶ୍ରୀନଗର,୧୧।୧୦(ପି.ଟି.)



■ ଅଶାନ୍ତ ଉତ୍ତର କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ଟେକାମାଡ଼

■ ଶୁକ୍ରବାର ବନ୍ଦ ଡାକରା ଦେଇଛନ୍ତି ବିଚ୍ଛିନ୍ନତାବାଦୀ

ଆତଙ୍କବାଦୀ ସଙ୍ଗଠନ ହିଜବୁଲ୍ ମୁଜାହିଦ୍ଦିନ୍‌କୁ ଗୁରୁବାର ଶକ୍ତ ଝଟକା ଲାଗିଛି। ଉତ୍ତର କଶ୍ମୀରରେ ହୋଇଥିବା ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଦୁଇ ଆତଙ୍କବାଦୀ ଟଳିପଡ଼ିଛନ୍ତି। ନିହତଙ୍କ ମଧ୍ୟରେ ଅଛନ୍ତି ହିଜବୁଲ୍‌ର ଶୀର୍ଷସ୍ତରୀୟ କମାଣ୍ଡର ତଥା ପିଏଚ୍.ଡି. ସ୍କଲାର ମନାନ୍ ବଶିର ୱାନି ଓ ତାଙ୍କ ସହଯୋଗୀ। କଶ୍ମୀରୀ ଆତଙ୍କବାଦୀ ଦ୍ୱୟ ଗୁଳିମାଡ଼ରେ ଆଖିବୁଜିବା ପରେ ସମଗ୍ର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଛି। ସ୍ଥିତିକୁ ନଜରରେ ରଖି ଏଠାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

ଉଚ୍ଚ ଶିକ୍ଷିତ ମନାନ୍ ୱାନି (୨୭) ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ)ରେ ଗବେଷଣାରତ ଛାତ୍ର ଥିଲେ। ଅଧା ପାଠପଢ଼ା ଛାଡ଼ି ୨୦୧୬ରେ ସେ ଆତଙ୍କବାଦୀ ସଙ୍ଗଠନରେ ଯୋଗଦେଇଥିଲେ। କଶ୍ମୀରରେ ଆତଙ୍କବାଦୀ କାୟା ବିସ୍ତାର କରିଥିବା ହିଜ୍‌ବୁଲ ମୁଜାହିଦ୍ଦିନ୍‌ର କମାଣ୍ଡର ହୋଇ ସେ ଅନେକ ଷଡ଼ଯନ୍ତ୍ର ରଚିଛନ୍ତି ଏବଂ ଯୁବକଙ୍କୁ ନିଜ ଟିମ୍‌ରେ ସାମିଲ କରିଛନ୍ତି। ତେବେ କୁପ୍‌ୱାଡ଼ା ଜିଲାର ହନ୍ଦୱାଡ଼ା ଅନ୍ତର୍ଗତ ଶତ୍‌ଗୁନ୍ଦ ଗ୍ରାମରେ ଅନ୍ୟ ଜଣେ ଆତଙ୍କବାଦୀଙ୍କ ସହ ମନାନ୍ ୱାନି ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିଥିଲା। ଖବର ପାଇ ଗୁରୁବାର ସକାଳେ ପୋଲିସ ଓ ସେନାର ଏକ ମିଳିତ ଟିମ୍ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଚଳାଇଥିଲେ। ପ୍ରାୟ ୨ ଘଣ୍ଟା ଗୁଳି ବିନିମୟ ପରେ ଦୁଇ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମନାନ୍ ୱାନିଙ୍କ ବାଦ୍ ଅନ୍ୟ ନିହତ ଆତଙ୍କବାଦୀ ହେଉଛନ୍ତି ହନ୍ଦୱାଡ଼ା ନିବାସୀ ଆଶିକ୍ ହୁସେନ୍। ହିଜବୁଲ୍ କମାଣ୍ଡର ମନାନ୍ ୱାନି ଥିଲେ କୁପ୍‌ୱାଡ଼ା ଜିଲାର ତେକିପୋରା ନିବାସୀ। ପିଲାବେଳୁ ପଢ଼ାରେ ଆଗୁଆ ଥିବା ମନାନ୍ ୱାନି ଜୱାହର ନବୋଦୟ ବିଦ୍ୟାଳୟ ଛାତ୍ର ଥିଲେ। ମାନସବଲସ୍ଥିତ ସୈନିକ ସ୍କୁଲରେ ସେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପଢ଼ିଛନ୍ତି। ଏହିଭଳି କୃତିତ୍ୱ ଅର୍ଜନ କରି ସେ ପିଏଚ୍.ଡି. କରୁଥିଲେ। କିନ୍ତୁ ଶିକ୍ଷିତ ହୋଇ ସମାଜ ପାଇଁ କିଛି କାର୍ଯ୍ୟ କରିବା ପରିବର୍ତ୍ତେ ସେ ସାଜିଲେ ଆତଙ୍କବାଦୀ। ଏନ୍‌କାଉଣ୍ଟରରେ ନିହତ ହେବା ପରେ ମନାନ୍ ୱାନିଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ଶେଷକୃତ୍ୟ ବେଳେ ୧୦ ହଜାରରୁ ଅଧିକ ଲୋକ ଉପସ୍ଥିତ ଥିଲେ।

ସୁରକ୍ଷାକର୍ମୀଙ୍କ ଗୁଳିରେ ମନାନ୍ ୱାନି ଟଳିପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ କରିଥିଲେ। ଉତ୍ତେଜନା ଲାଗିରହିବାରୁ ଉତ୍ତର କଶ୍ମୀରର ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରାଯାଇଥିଲା। ବିଚ୍ଛିନ୍ନତାବାଦୀମାନେ ଶୁକ୍ରବାର କଶ୍ମୀର ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପଟେ ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ମଧ୍ୟ ଅଜଣା ଦୁର୍ବୃତ୍ତଙ୍କ ଗୁଳିରେ ଜଣେ ବିଚ୍ଛିନ୍ନତାବାଦୀ ନିହତ ହୋଇଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବାଧିକ ବର୍ଷା(ମି.ଲି.) |
|---|---|---|
| ବାଲେଶ୍ୱର | ୨୮.୮ | ୧୧.୦ |
| ଚାନ୍ଦବାଲି | ୩୦.୨ | ୧୬.୦ |
| କଟକ | ୨୮.୨ | ୪.୦ |
| ପାରାଦ୍ୱୀପ | ୩୦.୬ | ୦.୨ |
| ଭୁବନେଶ୍ୱର | ୨୮.୨ | ୩୯.୦ |
| ଗୋପାଳପୁର | ୩୦.୨ | ୩୧.୦ |
| ପୁରୀ | ୨୯.୬ | ୦.୦ |
| ଅନୁଗୋଳ | ୨୫.୭ | ୪.୦ |
| ବାରିପଦା | ୨୬.୫ | ୩୦.୦ |
| ଝାରସୁଗୁଡ଼ା | ୨୭.୯ | --- |
| କେନ୍ଦୁଝର | ୨୪.୭ | ୧୧.୦ |
| ସମ୍ବଲପୁର | ୨୭.୨ | ୦.୪ |
| ସୁନ୍ଦରଗଡ଼ | ୨୯.୦ | ୦.୦ |
| ହୀରାକୁଦ | ୨୭.୮ | ୧.୦ |
| ତାଳଚେର | ୨୬.୬ | ୫.୦ |
| ଭବାନୀପାଟଣା | ୨୪.୦ | ୩୯.୦ |
| ବଲାଙ୍ଗୀର | ୨୫.୦ | ୧୫.୦ |
| କୋରାପୁଟ | ୨୧.୦ | ୧୦.୦ |
| ଫୁଲବାଣୀ | ୨୨.୨ | ୧୧୯.୦ |
| ଟିଟିଲାଗଡ଼ | ୨୬.୦ | ୧୮.୦ |
| ମାଲକାନଗିରି | ୨୯.୦ | ୦.୦ |
| ସୋନପୁର | ୨୫.୦ | ୨୧.୦ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ସଂକ୍ଷେପରେ

### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

**ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଗୌରାଙ୍ଗ ଚରଣ ଜେନାଙ୍କ ଘରେ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୌରାଙ୍ଗଙ୍କ ରୋଷେଇ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଛେଣ୍ଡିପଦା ଅଗ୍ନିଶମ ବିଭାଗ ସୂତ୍ରରୁ ପ୍ରକାଶ, ଗୌରାଙ୍ଗ ଗ୍ୟାସ ଚୁଲାରେ କ୍ଷୀର ଗରମ କରିବାକୁ ରଖି ବାହାରକୁ ପଳାଇଥିଲେ। ଏହି ସମୟରେ ଚୁଲାରେ ଥିବା ପାତ୍ରଟି ତରଳି ଗ୍ୟାସ ପାଇପ୍‌ରେ ଲାଗିଯିବାରୁ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୩୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

### ଜଙ୍ଗଲରୁ ନବଜାତ ଶିଶୁ ଉଦ୍ଧାର



**ମାଧପୁର/ଆଠମଲ୍ଲିକ, ୧୧।୧୦:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର-କିଆକଟା ରାଜ୍ୟ ରାଜପଥର ବାରେଣି ଜଙ୍ଗଲ ନିକଟରୁ ଗୁରୁବାର ଏକ ନବଜାତ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବକ ପତି ବିଶ୍ୱାଳ ପାଖରେ ଥିବା ନାଳ ନିକଟକୁ ଶୌଚ ହେବାକୁ ଯାଇଥିବାବେଳେ ଶିଶୁପୁତ୍ରକୁ ଦେଖିବାକୁ ପାଇଥିଲେ। ପରେ ସେ ଏ ନେଇ ଅନ୍ୟ ଦୁଇ ଯୁବକ ଦୁଷ୍ମନ୍ତ ମହାର ଏବଂ ଆଶିଷ ମହାଖୁଡ଼ଙ୍କୁ ଖବର ଦେଇଥିଲେ। ସେମାନେ ଶିଶୁଟି ଜୀବିତ ଥିବା ଜାଣି ୧୦୨ ଆମ୍ବୁଲାନ୍ସରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶିଶୁଟି ସୁସ୍ଥ ଥିବା ଡାକ୍ତର କହିଛନ୍ତି।

### ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ମାଧପୁର, ୧୧।୧୦:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପଦା ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ବିଭିନ୍ନ ବିଦ୍ୟାଳୟର ୧୫ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଖେଳ ଶିକ୍ଷକ ଶରତ ଚନ୍ଦ୍ର ସାହୁ ଏବଂ ବୀରେନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମହେନ୍ଦ୍ର ହାଇସ୍କୁଲର ଖେଳ ଶିକ୍ଷକ ଭବାନୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ମ୍ୟାଚ ହୋଇଥିଲା।

### ବର୍ଷା, ଜନଜୀବନ ପ୍ରଭାବିତ

**ଛେଣ୍ଡିପଦା/କଣିହାଁ,୧୧।୧୦(ଡି.ଏନ.ଏ.):** ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ବୁଧବାର ରାତିରୁ ବର୍ଷା ଲାଗି ରହିଥିଲା। ଏଥିଯୋଗୁ ଜୀବନଯାତ୍ରା ପ୍ରଭାବିତ ହେବା ସହ ଛୋଟ କିସମ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସେହିପରି କଣିହାଁ ବ୍ଲକ ଅଞ୍ଚଳରେ ବର୍ଷା ଓ ପବନକୁ ନେଇ ଅନେକ ପାଚିଲା ଧାନ ଓ ବଡ଼ କିସମ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଅତ୍ୟଧିକ ବର୍ଷା ଲାଗି ରହିଲେ ଚାଷୀମାନେ କ୍ଷତିର ସମ୍ମୁଖୀନ ହେବେ। ଯେଉଁ ଚାଷୀଙ୍କ କ୍ଷତି ହୋଇଛି କୃଷି ବିଭାଗ, ରାଜସ୍ୱ ବିଭାଗ ତରଫରୁ ଆକଳନ କରାଯାଇ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଓ ଲୋକ ପ୍ରତିନିଧି ଦାବି କରିଛନ୍ତି।

### ଠିକାଦାର ସଂଘ ପୂର୍ବତନ ସଭାପତିଙ୍କ ପରଲୋକ

**ବଣଁରପାଳ, ୧୧।୧୦(ଡି.ଏନ.ଏ.):** ନାଲ୍‌କୋ ସିପିପି ଠିକାଦାର ସଂଘର ପୂର୍ବତନ ସଭାପତି ପ୍ରବୋଧ କୁମାର ସିଂ(୭୩)ଙ୍କ ଅସୁସ୍ଥତା ଯୋଗୁ ବୁଧବାର ପରଲୋକ ଘଟିଛି। ତାଙ୍କ ଘର ବଣଁରପାଳ ବ୍ଲକ ଗୋଡମରା ଗ୍ରାମରେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରିଙ୍କନ ସିଂ, ବୋହୂ, ଝିଅ ଓ ଜ୍ୱାଇଁ ଲଳିତ, ପୁତୁରା ବବି ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ରଜନୀକାନ୍ତ ସିଂ, ଠିକାଦାର ଦୁଃଶାସନ ବରାହ, ଟିକନ ବରାହ, ଭରତ ମାଝି, ଡାକ୍ତର ସୌମ୍ୟକାନ୍ତ ବିଶୋଇ, ସୁବାସ ପଟ୍ଟନାୟକ, ଉପେନ୍ଦ୍ର ସାମଲ ପ୍ରମୁଖ ତାଙ୍କ ଶେଷଦର୍ଶନ କରିଥିଲେ।



■ନାଲ୍‌କୋରୁ ୭% ବାଏବ୍ୟାକ ପ୍ରସ୍ତାବକୁ ବିରୋଧ

# ଏନ୍‌ଏସ୍‌ସିୟୁ, ନେସ୍‌ର ଆନ୍ଦୋଳନ ଚେତାବନୀ

**ବଣଁରପାଳ,୧୧।୧୦ (ଡି.ଏନ୍.ଏ.)**



ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ଆନ୍ଦୋଳନ।

ନବରତ୍ନ ମାନ୍ୟତାପ୍ରାପ୍ତ ଅନୁଗୋଳସ୍ଥିତ ନାଲ୍‌କୋରୁ କେନ୍ଦ୍ର ସରକାରଙ୍କ ୭ ପ୍ରତିଶତ ବାଏବ୍ୟାକ ପ୍ରସ୍ତାବକୁ ଜୋରଦାର ବିରୋଧ କରିଛି ସ୍ୱୀକୃତିପ୍ରାପ୍ତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନ୍‌ଏସ୍‌ସିୟୁ) ଓ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍)। ଗୁରୁବାର ପୂର୍ବାହ୍ନରେ ଏନ୍‌ଏସ୍‌ସିୟୁ ପକ୍ଷରୁ ସିପିପି କାରଖାନା ଫାଟକ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପର୍ଯ୍ୟାପ୍ତ ଲାଭ କରୁଥିବା ନାଲ୍‌କୋ ପ୍ରତି ଭାରତ ସରକାରଙ୍କ ଏପରି ବୈମାତୃକ ମନୋଭାବ ଓ ଘରୋଇକରଣ ମସୁଧାର ତୀବ୍ର ପ୍ରତିବାଦ କରାଯାଇଥିଲା।

ସଭାରେ ୟୁନିୟନ କର୍ମକର୍ତ୍ତାମାନେ କହିଥିଲେ ଯେ, ନାଲ୍‌କୋରେ ଭାରତ ସରକାର ୫୬.୪% ଅଂଶଧନ ରଖି ଅବଶିଷ୍ଟକୁ ଘରୋଇ କମ୍ପାନୀଗୁଡ଼ିକୁ ପର୍ଯ୍ୟାୟକ୍ରମେ ବିକି ସାରିଛନ୍ତି। ତଥାପି ନାଲ୍‌କୋର ଗଚ୍ଛିତ ଟଙ୍କାରୁ ବାଏବ୍ୟାକ୍ ନାଁରେ ଅଧିକ ଅର୍ଥ ଉଠାଇ ଏହାକୁ ଧୀରେ ଧୀରେ ରୁଗ୍‌ଣ କରି ଘରୋଇକରଣ କରିବାର ଚକ୍ରାନ୍ତ ଚଳାଇଛନ୍ତି।

■କେନ୍ଦ୍ର ସରକାରଙ୍କ ଚକ୍ରାନ୍ତ ଏକ ପ୍ରତାରଣା
■କମ୍ପାନୀର ଘରୋଇକରଣ ପାଇଁ ଏହା ପ୍ରୟାସ
■ଆଜି ଦିଲ୍ଲୀରେ ବସିବ ଉଚ୍ଚସ୍ତରୀୟ ବୈଠକ

ନାଲ୍‌କୋର ମୂଳଧନ ୨୪୦୮ କୋଟିରୁ ଭାରତ ସରକାର ମାତ୍ର ୧୨୮ କୋଟି ପ୍ରଦାନ କରି ଅଦ୍ୟାବଧି ଲାଭାଂଶ ଆଦି ଆକାରରେ ୧୬୦୦ କୋଟିରୁ ଅଧିକ ଟଙ୍କା ନେଇ ସାରିଲେଣି। ଏହାସତ୍ତ୍ୱେ ପ୍ରତିବର୍ଷ ପର୍ଯ୍ୟାପ୍ତ ଲାଭ କରୁଥିବା ନାଲ୍‌କୋର ଘରୋଇକରଣ କରିବାକୁ କେନ୍ଦ୍ର ସରକାର ଯେଉଁ ଚକ୍ରାନ୍ତ ଚଳାଇଛନ୍ତି ତାହା ନାଲ୍‌କୋ ଓ ଓଡ଼ିଶାବାସୀଙ୍କ ପ୍ରତି ପ୍ରତାରଣା। ତେଣୁ କେନ୍ଦ୍ର ସରକାର ଏଥିରୁ ନିବୃତ୍ତ ନ ହେଲେ ଜନଆନ୍ଦୋଳନ କରାଯିବ ଓ କାରଖାନାକୁ ଅଚଳ କରିଦିଆଯିବ ବୋଲି ଏନ୍‌ଏସ୍‌ସିୟୁ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ କାର୍ଯ୍ୟକାରୀ ସଭାପତି ବିଭବ ଜେନା, ଯୁଗ୍ମ ସାଧାରଣ ସମ୍ପାଦକ ବିଭୂତି ଶତପଥୀ, କାର୍ଯ୍ୟକାରୀ ସଭାପତି ହେମନ୍ତ ପ୍ରଧାନ, ସୁଜିତ ସେଠ, ଜ୍ଞାନରଞ୍ଜନ ଜେନା, ଦେବାନନ୍ଦ ନାୟକ, ସନ୍ତୋଷ ମହାରଣା, ବିଜୟ ଖୁଣ୍ଟିଆ, ସନାତନ ଭୂତିଆ, କୁଳମଣି ସାହୁ, ଟିକନ ସାମଲ, ରଞ୍ଜିତ ସିଂ, ମଳୟ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ସେମାନେ ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ରଙ୍କୁ ଭେଟି ଆଲୋଚନା କରିବା ସହ ସିଏମ୍‌ଡିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍) ପକ୍ଷରୁ ମଧ୍ୟ ପ୍ରସ୍ତାବିତ ବାଏବ୍ୟାକକୁ ବିରୋଧ କରାଯାଇଛି। ସଭାପତି ଦିଲୀପ ମିଶ୍ର ଓ ସାଧାରଣ ସମ୍ପାଦକ ନିର୍ମଳ ସାମଲଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତାମାନେ ଇଡିଙ୍କୁ ଭେଟି ପ୍ରଧାନମନ୍ତ୍ରୀ, ଖଣିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶୁକ୍ରବାର ଦିଲ୍ଲୀରେ ବସିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯଦି କେନ୍ଦ୍ର ସରକାର ବାଏବ୍ୟାକ୍ ପ୍ରସ୍ତାବକୁ ମଞ୍ଜୁର କରନ୍ତି ତା'ହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନେସ୍ ପକ୍ଷରୁ ଚେତାବନୀ ଦିଆଯାଇଛି।

■ ତଳମୂଳ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

# ପୋଡ଼ା ମାଛ ଭୋଗ ମୁଖ୍ୟ ଆକର୍ଷଣ



ଦୁର୍ଗାମାଧବ ମନ୍ଦିର।

**ବଣଁରପାଳ,୧୧।୧୦ (ଡି.ଏନ୍.ଏ.)**

ବଣଁରପାଳ ବ୍ଲକ ତଳମୂଳ ଗଡ଼ଦୁର୍ଗରେ ରହିଛି ଦୁର୍ଗାମାଧବଙ୍କ ମନ୍ଦିର। ଏଠାରେ ଦୁର୍ଗା ଓ ମାଧବ ଏକାଠି ପୂଜା ପାଉଛନ୍ତି। ଅନୁଗୋଳ ଜିଲାରେ ଥିବା ଶକ୍ତିପୀଠଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ଆଶ୍ୱିନ ମାସ ମଳାଷ୍ଟମୀ ଠାରୁ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥାଏ। ୧୬ ଦିନରେ ଦେବୀ ୧୬ଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ବୁଧବାର ଠାରୁ ଏହି ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଶୈଳପୁତ୍ରୀ, ବ୍ରହ୍ମଚାରୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତାୟିନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧଦାତ୍ରୀ ନାମରେ ୯ ଦିନ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏହି ନବରାତ୍ର ପୂଜା ପାଇଁ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କୁ ଦର୍ଶନ କରୁଛନ୍ତି। ତେବେ ମା'ଙ୍କ ଠାରେ ରାତ୍ରିରେ ଲାଗୁଥିବା ପୋଡ଼ା ମାଛ ଭୋଗ ଏଠିକାର ମୁଖ୍ୟ ଆକର୍ଷଣ। ସେହିପରି ସପ୍ତମୀ ଓ ଅଷ୍ଟମୀ ପୂଜା ପରେ ନବମୀ ଦିନ କନକ ଦୁର୍ଗା ଓ ଦୁର୍ଗାଙ୍କ ମହାମିଳନ ହୋଇଥାଏ। ନବମୀ ରାତ୍ରିରେ କନକ ଦୁର୍ଗାମନ୍ଦିରରୁ ଏକ ଶୋଭାଯାତ୍ରାରେ ଦେବୀଙ୍କୁ ବିଭିନ୍ନ ବାଦ୍ୟ ବାଜଣା ସହକାରେ ଦୁର୍ଗାମାଧବ ମନ୍ଦିରକୁ ଅଣାଯାଇଥାଏ। ରାତ୍ରିରେ ଦୁଇ ଦେବୀଙ୍କ ମହାମିଳନ ହୋଇଥାଏ। ଦଶମୀରେ ବହୁ ଧୁମ୍‌ଧାମରେ ଦଶହରା ପାଳିତ ହୋଇଥାଏ।

## ବଣଁରପାଳରେ ମାଟି ପରୀକ୍ଷା ଆରମ୍ଭ



ପରୀକ୍ଷାଗାରରେ ମାଟି ପରୀକ୍ଷା ଚାଲିଛି।

**ବଣଁରପାଳ,୧୧।୧୦ (ଡି.ଏନ୍.ଏ)**

ବଣଁରପାଳ କୃଷି ବିଭାଗ ତରଫରୁ ଏକ ବ୍ଲକସ୍ତରୀୟ ମୃତ୍ତିକା ପରୀକ୍ଷାଗାର ପ୍ରତିଷ୍ଠା କରାଯାଇଛି। ଏଣିକି ସେହି ଅଞ୍ଚଳର ଚାଷୀ ଏହି ପରୀକ୍ଷାଗାରରେ ମାଟି ପରୀକ୍ଷା ସୁବିଧା ପାଇପାରିବେ ବୋଲି ସହକାରୀ କୃଷି ଅଧିକାରୀ ସୁମନ୍ତ ନାୟକ ସୂଚନା ଦେଇଛନ୍ତି। ପ୍ରସାରଣ କେନ୍ଦ୍ର ପରିସରରେ ଏହି ମୃତ୍ତିକା ପରୀକ୍ଷାଗାର ହୋଇଛି। ମୃତ୍ତିକା ପରୀକ୍ଷା ଯନ୍ତ୍ର ଓ ରାସାୟନିକ ପଦ୍ଧତିରେ ପ୍ରତି ବର୍ଷ ୫ ଶହ ମୃତ୍ତିକା ନମୁନା ପରୀକ୍ଷା କରାଯାଇପାରିବ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ସ୍ଥାପିତ ଏହି ପରୀକ୍ଷାଗାରରେ ଚାଷୀଙ୍କ ମାଟି ନମୁନା ପରୀକ୍ଷା କରି ସେମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। ସେଥିପାଇଁ ଚାଷୀଙ୍କ ଠାରୁ କୌଣସି ପ୍ରକାର ମୂଲ୍ୟ ନିଆଯିବ ନାହିଁ।

## ହିଙ୍ଗୁଳା ପାଠାଗାର ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

**ତାଳଚେର,୧୧।୧୦ (ନି.ପ୍ର.)**

ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ସ୍ଥାନୀୟ ନୋଡାଲ ହାଇସ୍କୁଲ ପରିସରରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁଃଖବନ୍ଧୁ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦଣ୍ଡଧର ପ୍ରଧାନ, ମୁଖ୍ୟବକ୍ତା ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ବିଜୟ କୁମାର ମାଝି, ପାଠାଗାର ସଭାପତି ହାଡିବନ୍ଧୁ ପ୍ରଧାନ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, କଳମଛୁଇଁ ସମିତି ସଭ୍ୟା କୁମୁଦିନୀ ସାହୁ, ରଙ୍ଗାଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜଗବନ୍ଧୁ ବାରିକ କବିତା ପାଠ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ରସାନନ୍ଦ ଥାଟୋଇ, ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ତ୍ରିଲୋଚନ ପ୍ରଧାନ, ନନ୍ଦିନୀ ବେହେରା, ଉପଦେଷ୍ଟା ପ୍ରଭାକର ପ୍ରଧାନ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ଅର୍ଜ୍ଜୁନ ସାହୁ, କବିରାଜ ସାହୁ, ପଞ୍ଚାନନ ବେହେରା, ସାଗର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ଅନୁଗୋଳ ପଞ୍ଚାୟତ ସମିତି ସାଧାରଣ ପରିଷଦ ବୈଠକ

# ପଡ଼ି ରହିଛି ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ଅନୁଗୋଳ ଅଫିସ, ୧୧।୧୦**



ବୈଠକରେ ବ୍ଲକ ଅଧିକାରୀଙ୍କ ସହ ଲୋକ ପ୍ରତିନିଧିମାନେ।

ଅନୁଗୋଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ବ୍ଲକକୁ ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିଲେ ମଧ ତାହା କାମରେ ନ ଲାଗି ପଡିରହିଛି। ଏହାକୁ ନେଇ ବୈଠକରେ ଲୋକ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଏହାର ବିନିଯୋଗ କରି ବନ୍ଦ ପଡ଼ିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆରମ୍ଭ କରିବାକୁ ସେମାନେ ବ୍ଲକ ଅଧିକାରୀଙ୍କୁ କହିଥିଲେ। ସେହିପରି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବା ନେଇ ଅସନ୍ତୋଷ ଦେଖା ଦେଇଥିଲା। ବ୍ଲକରେ ପଡିରହିଥିବା ଉନ୍ନୟନ କାର୍ଯ୍ୟକୁ ୭ ଦିନ ମଧ୍ୟରେ ଆରମ୍ଭ କରିବାକୁ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କହିଥିଲେ। ଏହି ବୈଠକରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରାଙ୍କ ସହ ଆସିଷ୍ଟାଣ୍ଟ ଇଞ୍ଜିନିୟର ହୃଦାନନ୍ଦ ବେହେରା ଓ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ଆଠମଲ୍ଲିକ ବିଧାୟକଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ନବକିଶୋର ବିଶୋଇ, ୧ନଂ ଜୋନ ଜିଲା ପରିଷଦ ସଭ୍ୟା ବିନୋଦ ପ୍ରଧାନ, ୨ନଂ ଜୋନ୍ ସଭ୍ୟ ହାଡିବନ୍ଧୁ ଦେହୁରୀ, ୩ନଂ ଜୋନ ସଭ୍ୟା ରୁବି ସାହୁ, ୪ନଂ ଜୋନ ସଭ୍ୟା ସୁକାନ୍ତିବାଲା ନାୟକଙ୍କ ସହ ୩୪ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

■ବନ୍ଦ ରହିଛି ବହୁ ଉନ୍ନୟନ କାମ
■ତୁରନ୍ତ ଆରମ୍ଭ କରିବାକୁ ପରାମର୍ଶ

## ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**ବଇଣ୍ଡା,୧୦।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବ କେନ୍ଦ୍ର ପରିସରରେ ଇଗନୋ ପକ୍ଷରୁ ନୂତନ ଭାବେ ନାମ ଲେଖାଇଥିବା ୧୧୦ ଜଣ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଶ୍ୱ ଯୁବକେନ୍ଦ୍ର ପରିସରରେ ସ୍ୱାଗତ କରାଯାଇଛି। ଏଥିରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ ପ୍ରଚଳିତ ହେଉଥିବା ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରମାନେ ମାଗଣାରେ ପାଠପଢି ପାରିବେ ବୋଲି ପରାମର୍ଶ ଦେଇଥିଲେ। ଏଥିରେ ବିଏ, ବିପିପି, ଏମଏ ସହିତ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ। ଅନ୍ୟତମ ଅତିଥି ଭାବେ ବଇଣ୍ଡା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଧୀର ବିଶୋୟୀ, ଅଧ୍ୟାପକ ସୁଧାକର ସାହୁ, ବିଶ୍ୱଯୁବ କେନ୍ଦ୍ରର ସମ୍ପାଦିକା ନମିତା ପ୍ରଧାନ ଯୋଗ ଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ସମ୍ପାଦିକା ନମିତା ପ୍ରଧାନ ଯୋଗଦେଇଥିବାବେଳେ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଅଭିଷେକ ମହାପାତ୍ର, ସୌରଭ ମିଶ୍ର ସହଯୋଗ କରିଥିଲେ।

## ୪୨୯ ଜଣଙ୍କୁ ରାଶନକାର୍ଡ ପ୍ରଦାନ



ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଉଛି।

**ତାଳଚେର,୧୧।୧୦(ନି.ପ୍ର.)**

ତାଳଚେର ବ୍ଲକ ପକ୍ଷରୁ ଗୁରୁବାର ସ୍ଥାନୀୟ ସଭାଘର ସମ୍ମୁଖରେ ରାଜ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ଲକର ୩୧୪ଜଣ ଓ ପୌରାଞ୍ଚଳର ୧୧୫ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବିଡିଓ ନେତ୍ରାନନ୍ଦ ମଲ୍ଲିକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସି ପରିଡ଼ା ପ୍ରମୁଖ ଯୋଗ ଦେଇ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ। ଯୋଗାଣ ନିରୀକ୍ଷକ ଆଶିଷ ରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ରିଟେଲର ଓ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

■ଦୁର୍ଗା, ଲକ୍ଷ୍ମୀପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

# ଖଞ୍ଜାଯିବ ସିସିଟିଭି, ହେବନି ରାବଣପୋଡ଼ି

**ଅନୁଗୋଳ ଅଫିସ,୧୧।୧୦**



ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟି ସଦସ୍ୟ।

ଅନୁଗୋଳ ସହରରେ ଦୁର୍ଗା ଏବଂ ଲକ୍ଷ୍ମୀପୂଜା ପାଳନ ପାଇଁ ଗୁରୁବାର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ଉଭୟ ପୂଜାରେ ଡିଜେ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା। ସମସ୍ତ ପୂଜା କମିଟି କଟକଣାକୁ ସ୍ୱାଗତ କରିଥିଲେ। କିନ୍ତୁ ଭସାଣିରେ ଏହାର ଉଲ୍ଲଂଘନ କରାଯାଉଥିବାରୁ ଚଳିତବର୍ଷ କଟକଣା କଡ଼ାକଡ଼ି କରିବାକୁ ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ସେହିଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ଟାରେ ଶେଷ କରିବାକୁ କୁହାଯାଇଥିଲା। ପୂଜା କମିଟିଗୁଡ଼ିକ ନିଜସ୍ୱ ଉଦ୍ୟମରେ ମେଢ଼ ଅଞ୍ଚଳରେ ସିସିଟିଭି ଖଞ୍ଜିବାକୁ ଜିଲାପାଳ ଅନିଲ କୁମାର ସାମଲ ପ୍ରସ୍ତାବ ଦେଇଥିଲେ। କିନ୍ତୁ କମିଟି ଗୁଡ଼ିକ ଏଥିରେ ରାଜି ନ ହୋଇ କୌଣସି ଶିଳ୍ପସଂସ୍ଥା ଉଦ୍ୟମରେ ପ୍ରଶାସନ ପକ୍ଷରୁ ଏହା କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିଚାର କରାଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ପ୍ଲାଷ୍ଟିକ ଫ୍ରି ଓ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ନିମନ୍ତେ ମଣ୍ଡପଗୁଡ଼ିକରେ ସଚେତନତା ବାର୍ତ୍ତା ଲେଖାଯିବାକୁ ମଧ କୁହାଯାଇଥିଲା।

ଆସନ୍ତା ୧୫ ତାରିଖରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୦ରେ ଭସାଣି ଅନୁଷ୍ଠିତ ହେବ। ସେହିଭଳି ୨୪ରୁ ଲକ୍ଷ୍ମୀପୂଜା ଆରମ୍ଭ ହେଉଥିବା ବେଳେ ନଭେମ୍ବର ୨ରେ ଭସାଣି କରାଯିବ। ୧୧ଟି ସ୍ଥାନରେ ଦୁର୍ଗାପୂଜା ଏବଂ ୩୦ଟି ସ୍ଥାନରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ। ଲକ୍ଷ୍ମୀପୂଜା ଭସାଣି ଦିନ ଅପରାହ୍ନ ୩ଟା ସୁଦ୍ଧା ମେଢ଼ଗୁଡ଼ିକ ଥାନା ଛକରେ ପହଞ୍ଚିବ। ସେଠାରୁ ବସ୍‌ଷ୍ଟାଣ୍ଡ, ବଜାର ଛକ ଦେଇ ଷ୍ଟାଡିୟମ ସମ୍ମୁଖରେ ସନ୍ଧ୍ୟା ୭ଟା ସୁଦ୍ଧା ପହଞ୍ଚିବ। ତେବେ ଲକ୍ଷ୍ମୀ ପୂଜା ଭସାଣିରେ ଆତସବାଜି କାର୍ଯ୍ୟକ୍ରମ ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ ବୋଲି ସେଣ୍ଟ୍ରାଲ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ଚଳିତ ବର୍ଷ କୌଣସି କମିଟି ପକ୍ଷରୁ ରାବଣପୋଡ଼ି ଆୟୋଜନ କରାଯିବ ନାହିଁ। ପୂଜା ସମୟରେ ବିଦ୍ୟୁତ୍ କାଟ୍ ନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ପରେ ପୌରପରିଷଦ ତାହାକୁ ଚୂନ ପକାଇ ବିଶୋଧନ କରିବ। ସେହିଭଳି ଆଇନ୍ ଶୃଙ୍ଖଳା, ରାସ୍ତା ମରାମତି, ପରିମଳ, ପାନୀୟ ଜଳ ଯୋଗାଣ, ଟ୍ରାଫିକ୍, ବଳପୂର୍ବକ ଚାନ୍ଦା ଆଦାୟ ବନ୍ଦ, ନିଶା ନିବାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର ବଇତୁରା ଦୀପ, କେନ୍ଦ୍ରୀୟ ପୂଜା କମିଟି ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ଏସ୍‌ଡିପିଓ ହରିହର ପାଣିଙ୍କ ସମେତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ପ୍ଲାଷ୍ଟିକ ଫ୍ରି ଓ ଯୁବ ଭୋଟରଙ୍କୁ ସଚେତନ କରାଯିବ
■ଭସାଣିରେ ଡିଜେ ରୋକିବାକୁ ପୋଲିସକୁ ଦାୟିତ୍ୱ
■କେବଳ ଲକ୍ଷ୍ମୀପୂଜା ଭସାଣିରେ ହେବ ଆତସବାଜି

## ଆଜି କ'ଣ କେଉଁଠି

**ଅନୁଗୋଳ**

- ୫୫ ତମ ଆରକ୍ଷୀ ବେସାମରିକ ପ୍ରଶିକ୍ଷାର୍ଥୀମାନଙ୍କ ଦିକ୍ଷାନ୍ତ ସମାରୋହ
- ସମୟ- ପୂର୍ବାହ୍ନ ୯ଘଟିକା।
- ସ୍ଥାନ- ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ।

**ଛେଣ୍ଡିପଦା**

- ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ
- ସ୍ଥାନ-କୋଶଳା ଓ ଗଡମଣ୍ଡଳ(ପାତ୍ରପଡା)
- ସମୟ - ପୂର୍ବାହ୍ନ ୧୧ ଟା

## ନିର୍ବାଚନ ତାରିଖ ଘୋଷଣା ଦାବି

**ଅନୁଗୋଳ ଅଫିସ, ୧୧।୧୦:** ସାମୁଦ୍ରିକ ଝଡ 'ତିତ୍‌ଲି' ଯୋଗୁ ରାଜ୍ୟ ସରକାର ଚଳିତ ବର୍ଷ କଲେଜ ନିର୍ବାଚନ ବାତିଲ କରିଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ତୁରନ୍ତ ନିର୍ବାଚନ ତାରିଖ ଘୋଷଣା କରିବାକୁ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (ଏଆଇଡିଏସ୍ଓ) ପକ୍ଷରୁ ଦାବି ହୋଇଛି। ସମସ୍ତ ମହାବିଦ୍ୟାଳୟ ତଥା ବିଶ୍ୱ ବିଦ୍ୟାଳୟଗୁଡିକରେ ପୂଜା ଛୁଟି ପରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ନିର୍ବାଚନ କରାଇବାକୁ ସଙ୍ଗଠନର ଓଡ଼ିଶା ରାଜ୍ୟ କମିଟିର ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୧ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। ତେବେ ପାଣିପାଗ ସ୍ଥିତି ସାଧାରଣ ଥିବା ଜିଲାରେ ମଧ ନିର୍ବାଚନ ବାତିଲ କରାଯିବାକୁ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି।

## ଗୋପବନ୍ଧୁ ପାର୍କରେ ୧୪୧ତମ ଜୟନ୍ତୀ

**ଅନୁଗୋଳ ଅଫିସ, ୧୧।୧୦:** ଉତ୍କଳମଣି ଗୋପବନ୍ଧୁଙ୍କ ୧୪୧ତମ ଜୟନ୍ତୀ ମଙ୍ଗଳବାର ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଛାତ୍ର ସଙ୍ଗଠନ ଡିଏସ୍ଓ ଏବଂ ଯୁବ ସଙ୍ଗଠନ ଡିୱାଇଓ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଡିଏସ୍ଓ ଜିଲା ସଭାପତି ପରମାନନ୍ଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସ୍ମୃତି ସଭାରେ ଆଡ୍‌ଭୋକେଟ୍ ପ୍ରମୋଦ କୁମାର ପ୍ରଧାନ, ବ୍ରଜବନ୍ଧୁ ସାହୁ, ବିଷ୍ଣୁ ସାହୁ, ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ମାନବତାବାଦୀ ଜୀବନଧାରା ଓ ସମାଜ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସାମାଜିକ ଦାୟିତ୍ୱ ବହନ ପାଇଁ ଛାତ୍ର, ଯୁବକମାନେ ଗୋପବନ୍ଧୁଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ଗ୍ରହଣ କରିବାକୁ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ପ୍ରଧାନ, ସଞ୍ଜୟ ସାହୁ, ସୁଲୋଚନା ସ୍ୱାଇଁ, ନିରୁପମା ନାୟକ, ଦିଲୀପ ଦେଓ, ଦେବଯାନୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋଶଳା କଲେଜରେ ମଧ ଗୋପବନ୍ଧୁଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି।

## ତାରିଣୀଙ୍କ ବାର୍ଷିକ ଉତ୍ସବ ପାଳିତ

**ମାଧପୁର, ୧୧।୧୦:** ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତର ଟାଇଁସର ଗ୍ରାମରେ ଥିବା ତାରିଣୀ ପୀଠରେ ମା'ଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ଅଷ୍ଟପ୍ରହର ନାମରେ ୨୪ ଟି ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଅନ୍ନ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଆୟୋଜିତ ଯଜ୍ଞରେ ଦୁଃଖବନ୍ଧୁ ମହାଖୁଡ଼ ଏବଂ ତାଙ୍କ ସ୍ତ୍ରୀ ପଦ୍ମିନୀ ମହାଖୁଡ଼ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗିରୀଶ ପଣ୍ଡା ପୂଜା କାର୍ଯ୍ୟ କରିଥିଲେ। ସଭାପତି ପୁରୁଷୋତ୍ତମ ଘିଓ୍ୱାଲା, ସମ୍ପାଦକ ପ୍ରଭଞ୍ଜନ ଭୋକ୍ତା, ସଦସ୍ୟ ନିତ୍ୟାନନ୍ଦ ଗାଇଗରିଆ, କୁନା ବେହେରା, ଅଚ୍ୟୁତା ମହାଖୁଡ, ରଞ୍ଜିତ ବେହେରା, ମଙ୍ଗୁଲୁ ବେହେରାଙ୍କ ସମେତ ଟାଇଁସର ଗ୍ରାମବାସୀ ସହଯୋଗ କରିଥିଲେ।

## ଅନୁଗୋଳ କଲେଜରେ ଗୋପବନ୍ଧୁଙ୍କ ଜୟନ୍ତୀ

**ଅନୁଗୋଳ ଅଫିସ, ୧୧।୧୦:** ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗଙ୍ଗାଧର କର, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହୁଙ୍କ ଦ୍ୱାରା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ରମାନେ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏନ୍‌ସିସି ଅଧାପକ ଡ. ଅଭିମନ୍ୟୁ ଦାସ ଉତ୍କଳମଣିଙ୍କ ଜୀବନକୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଗୋପବନ୍ଧୁଙ୍କୁ ମରୋଣତ୍ତର ଭାରତରତ୍ନ ଉପାଧିରେ ବିଭୂଷିତ କରାଯିବା ଦାବିରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା।

# କାଇମେଟ୍ ସୁରକ୍ଷା ସମିତିର ଅନଶନ ସ୍ଥଗିତ

**ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.)**



ଅନଶନରେ ବସିଥିବା କାଇମେଟ୍ ସମିତି ସଦସ୍ୟମାନେ।

- ସମିତି ସହ ପ୍ରଶାସନର ଆଲୋଚନା
- ସପ୍ତାହେ ମଧରେ ଜିଲାପାଳଙ୍କ ସହ ବୈଠକ
- ଦାବି ପୂରଣ ନ ହେଲେ ପୁନଃ ଅନଶନ

ଗାନ୍ଧୀ ଜୟନ୍ତୀଠାରୁ ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତପୁରାତନଶିକ୍ଷାନୁଷ୍ଠାନକଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମାଇନିଂ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(କାଇମେଟ) ସୁରକ୍ଷା ସମିତି ପକ୍ଷରୁ ଚାଲିଥିବା ଅନଶନ ୧୫ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଏ ନେଇ ଗୁରୁବାର ସମିତି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଛେଣ୍ଡିପଦା ତହସିଲଦାର, ବିଡିଓ, ଥାନା ଅଧିକାରୀ ପ୍ରମୁଖ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆନ୍ଦୋଳନସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସମିତି ପକ୍ଷରୁ କୁହାଯାଇଛି।

କାଇମେଟର ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନ ନେବା, ଅନୁଷ୍ଠାନରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ପାଇଁ ଶିକ୍ଷାବିତ, ବୁଦ୍ଧିଜୀବୀ ତଥା ଜନ ସାଧାରଣଙ୍କୁ ନେଇ ଏକ କମିଟି ଗଠନ କରାଯିବା, କାଇମେଟ ନାମରେ ବ୍ୟାଙ୍କରେ ଥିବା ଜମାରାଶିର ସୁରକ୍ଷା, ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ନାମଲେଖା ଆରମ୍ଭ କରାଯିବା, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବା ଆଦି ଦାବି ନେଇ ତହସିଲ ଅଫିସ୍ ସମ୍ମୁଖରେ କାଇମେଟ ସୁରକ୍ଷା ସମିତି ଓ ଗ୍ରାମ୍ୟ କମିଟି ପକ୍ଷରୁ ଅନଶନ କରାଯାଇଥିଲା। ସମିତିର ମଧୁସୂଦନ କର ଓ ନରୋତ୍ତମ ନାୟକ ଆମରଣ ଅନଶନରେ ବସିଥିଲେ। ଛେଣ୍ଡିପଦା ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ, ବ୍ଲକ କଂଗ୍ରେସର ସଭାପତି ଅଜିତ କୁମାର ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଚୌଧୁରି ପ୍ରଧାନ, ଏସ୍‌ୟୁସିଆଇ ନେତା ନବକିଶୋର ପ୍ରଧାନ, ରଣଜିତ ପ୍ରଧାନ, କାଇମେଟର କର୍ମଚାରୀଙ୍କ ସହ ଜନ ସାଧାରଣ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସନ୍ଧ୍ୟାରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ଡାନିଏଲ ଏକ୍କା, ବିଡିଓ ରୋମାଞ୍ଚଳ ଖମାରୀ ଏବଂ ଛେଣ୍ଡିପଦା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ ଧାରଣାସ୍ଥଳରେ ଆଲୋଚନା କରିଥିଲେ । ଏହି ଅବସରରେ ସୁରକ୍ଷା ସମିତିର ୯ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଆସନ୍ତା ସପ୍ତାହେ ମଧରେ ତହସିଲଦାରଙ୍କ ମଧ୍ୟସ୍ଥତାରେ ଏହି ୯ଜଣିଆ କମିଟି ଅନୁଗୋଳ ଜିଲାପାଳଙ୍କ ସହ ଆଲୋଚନା କରିବା ସହ ଦାବି ପୂରଣ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଗ୍ରାମ କମିଟି ସଭାପତି ଗୋବର୍ଦ୍ଧନ ନାୟକ କହିଛନ୍ତି। ଦାବି ପୂରଣ ନ ହେଲେ ପୁନଃ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଜିଲା ଯକ୍ଷ୍ମା ଫୋରମ ଗଠନ

**ଅନୁଗୋଳ ଅଫିସ, ୧୧।୧୦**

୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଦୂର କରିବା ଉଦ୍ଦେଶ୍ୟରେ ଜିଲାସ୍ତରୀୟ ଯକ୍ଷ୍ମା ଫୋରମ ପ୍ରତିଷ୍ଠା କରାଯାଇ ଗୋଷ୍ଠୀମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯିବା ସହ ସେମାନଙ୍କ ସହଭାଗିତାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ବୈଠକରେ ଏହି ଫୋରମ ଗଠିତ ହୋଇଛି। ଅନୁଗୋଳ ଜିଲାର ବିଭିନ୍ନ ପ୍ରାନ୍ତରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲାପାଳ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ନିକ୍ଷୟ ପୋଷଣ ଯୋଜନାରେ ଏଣିକି ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ ଚିକିତ୍ସା ସମୟରେ ମାସକୁ ୫ଶହ ଟଙ୍କା ପ୍ରଦାନ କରାଯିବ। ଯକ୍ଷ୍ମା ପାଇଁ ଅନେକ ଫଳପ୍ରଦ ଔଷଧ ବାହାରିଛି। ରୋଗୀ ଔଷଧ ଖାଇବା ସହ ସୁଷମ ଖାଦ୍ୟ ଖାଇବା ନିମନ୍ତେ ଏହି ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଶିବ ପ୍ରସାଦ ପାଢ଼ୀ, ଯକ୍ଷ୍ମା ଓ ଛାତି ରୋଗ ବିଶେଷଜ୍ଞ ଡା.ମାନସ ରଞ୍ଜନ ବିଶ୍ୱାଳ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଉପସ୍ଥିତ ଥିଲେ।

## ନବବଧୂ ହତ୍ୟା ଘଟଣା: ସ୍ୱାମୀ ଗିରଫ

**କଣିହାଁ,୧୧।୧୦(ଡି.ଏନ.ଏ.)**

ଜଣେ ନବବଧୂଙ୍କୁ ଯୌତୁକ ନିର୍ଯାତନା ସହ ନିଆଁରେ ପୋଡ଼ି ହତ୍ୟା କରିବା ଅଭିଯୋଗରେ କଣିହାଁ ପୋଲିସ ଗୁରୁବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କଣିହାଁ ଥାନା ତଦନ୍ତ ଅଧିକାରୀ ସୁରେଶ ଚନ୍ଦ୍ର ବେହେରା କହିଛନ୍ତି, ତାଳପଦା ଗ୍ରାମର ବିଶ୍ୱଜିତ୍ ମହାପାତ୍ର ରେଙ୍ଗାଳି ଡ୍ୟାମ ଥାନା ଦେନାଳୀ ଗ୍ରାମର ସୁନନ୍ଦା ମହାପାତ୍ରଙ୍କୁ ରାମେଶ୍ୱର ମନ୍ଦିରରେ ମେ ୧୩ରେ ପ୍ରେମ ବିବାହ କରିଥିଲେ। ଗତ ୨ରେ ସୁନନ୍ଦା ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। କଟକରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଗତ ୬ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତାଙ୍କ ପରିବାର ଲୋକେ ଥାନାରେ ଯୌତୁକ ଜନିତ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୬/୧୮ରେ ଏକ ମାମଲା ରୁଜୁ କରି ବିଶ୍ୱଜିତଙ୍କୁ ଗିରଫ କରିଛି।

## କନ୍ୟା ରତ୍ନଙ୍କୁ ସୁରକ୍ଷା ଦିଆଯାଉ




**ବଇଣ୍ଡା,୧୧।୧୦(ଡି.ଏନ.ଏ.)**

କନ୍ୟାସନ୍ତାନମାନେ ଅନେକ କ୍ଷେତ୍ରରେ ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଚଳନ କରିଛନ୍ତି। କିନ୍ତୁ ତାହା କଡାକଡ଼ି ପାଳନ କରାଯାଉ ନ ଥିବାରୁ ଏଥିପ୍ରତି ସମସ୍ତେ ଦୃଷ୍ଟି ଦେଇ କନ୍ୟାମାନଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ଗୁରୁବାର ଅନୁଗୋଳ ଜିଲା ଜାମୁନାଳୀ ନିକଟରେ ଥିବା କ୍ଷୀରୋଦ ବାସିନୀ କନ୍ୟା ଗ୍ରାମଠାରେ ଆୟୋଜିତ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଲକ୍ଷ୍ମୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରଣଜିତ୍ ପଟ୍ଟନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗାଁ ବଇଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ତାପସ ନାୟକ, ଲଣ୍ଡା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ କନ୍ୟା ଦିବସରେ ୮ ସମ୍ବର୍ଦ୍ଧିତ

**ଅନୁଗୋଳ ଅଫିସ, ୧୧।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଗୁରୁବାର ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ହେଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଝିଅମାନେ ଦକ୍ଷତା ସମ୍ପନ୍ନ ହୋଇ ଦେଶ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ଭାବେ ପରିଗଣିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଝିଅମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାରକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମଗ୍ରହଣ କରିଥିବା ୮ଜଣ ନବଜାତ ଶିଶୁ କନ୍ୟା ଓ ସେମାନଙ୍କ ମାତାପିତାଙ୍କୁ ବେବି କିଟ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ଏଡିଏମ୍ଓ ଡା.ଲକ୍ଷ୍ମୀ ନାରାୟଣ ବିଶୋଇ, ପିସିପି ଏନ୍‌ଡିଟି ଉପଦେଷ୍ଟା କମିଟି ସଦସ୍ୟା ସୁକାନ୍ତି ଦାସ, ଜ୍ୟୋତିର୍ମୟୀ ଦେହୁରୀ ଓ ସଦସ୍ୟ ଅରୁଣ କୁମାର ଦାସଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପିସିପିଏନ୍‌ଡିଟିପିଏର ପର୍ଶୁରାମ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ଫଟୋରେ ଖବର



ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହଠାରେ ଆୟୋଜିତ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସିଜେଏମ୍ ସୁରେଶ ଚନ୍ଦ୍ର ପ୍ରଧାନ, ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ଏସ୍‌ଡିଜେଏମ୍ ବିନୟ କୁମାର ପାତ୍ର, ପ୍ରୋବେସନର ସୁହାନି ପଟ୍ଟନାୟକ, ଚରଣ କୁମାର ଜେନା, ତାରିଣୀ ପ୍ରସାଦ ସାହୁ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ବରିଷ୍ଠ ଓକିଲ ବସନ୍ତ କୁମାର ଦାସ, ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଉଠିଲା ଅଳିଆ, ସହରବାସୀ ଆଶ୍ୱସ୍ତ

**ଅନୁଗୋଳ ଅଫିସ,୧୧।୧୦**

ଠିକା ସଂସ୍ଥା ଚୟନ ଓ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଅନୁଗୋଳ ପୌରପାଳିକାରେ ବନ୍ଦ ପଡ଼ିଥିବା ସଫେଇ କାର୍ଯ୍ୟ ଗୁରୁବାର ପୁଣି ଆରମ୍ଭ ହୋଇଛି। ୭୮ ଜଣ ପୁରୁଣା କର୍ମଚାରୀ ସହରରୁ ଆବର୍ଜନା ଉଠାଇଥିଲେ। ହେଲେ ବର୍ଷା କାରଣରୁ ସହର ସମ୍ପୂର୍ଣ୍ଣ ଭାବେ ସଫେଇ ହୋଇପାରିନାହିଁ। ଅନ୍ୟପକ୍ଷରେ ସଫେଇ କର୍ମଚାରୀଙ୍କୁ ଦେଖି ସହରବାସୀ ଆଶ୍ୱସ୍ତ ହୋଇଛନ୍ତି। ପୌରପାଳିକା ଅଞ୍ଚଳରେ ସଫେଇ କାର୍ଯ୍ୟ ପାଇଁ ନୂତନ ଭାବେ ଠିକା ପାଇଥିବା ଜିଲା ବାହାର ଦୁଇ ସଂସ୍ଥା ଆବଶ୍ୟକ କାଗଜପତ୍ର ଠିକ୍ ସମୟରେ ଦାଖଲ କରିପାରି ନ ଥିଲେ। ଫଳରେ ପୌରପାଳିକା ପକ୍ଷରୁ ସେମାନଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇ ନ ଥିଲା। ଏଥିଯୋଗୁ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଆଗକୁ ପାର୍ବଣ ଆସୁଥିବାରୁ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଠିକା ପାଇଥିବା ଦୁଇ ସଂସ୍ଥାର କାର୍ଯ୍ୟାଦେଶକୁ ରଦ୍ଦ କରାଯାଇଥିଲା। ଏଥିସହ ପୂର୍ବରୁ ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିଥିବାରୁ ସମସ୍ୟା ବଢ଼ିଯାଇଥିଲା। ପୌର ପ୍ରଶାସନ ଆନ୍ଦୋଳନରତ କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ସେମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ପୂଜା ଶେଷ ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପୌର ଅଧିକାରୀ ସୂଚନା ଦେଇଛନ୍ତି।

## କ୍ଷତିଗ୍ରସ୍ତଙ୍କ ଅନଶନ ୩୦ ଯାଏ ସ୍ଥଗିତ

**ପାଲଲହଡ଼ା, ୧୧।୧୦(ଡି.ଏନ.ଏ.)**

ପାଲଲହଡ଼ା ରେଙ୍ଗାଳି ବୁଡ଼ି କ୍ଷତିଗ୍ରସ୍ତ ପ୍ରଜା ସଂଘ ଡାକରାରେ ରେଙ୍ଗାଳି ବନ୍ଧ ବହୁମୁଖୀ ଜାତୀୟ ଯୋଜନା ଦ୍ୱାରା କ୍ଷତିଗ୍ରସ୍ତମାନେ ଉପଜିଲାପାଳଙ୍କ ସମ୍ମୁଖରେ ଚଳାଇଥିବା ଅନଶନ ଗୁରୁବାର ୧୩ ଦିନରେ ପହଞ୍ଚିଛି। ଉକ୍ତ ଯୋଜନାକୁ ୩୪ ବର୍ଷ ପୂରିଥିଲେ ମଧ ଏଥିରେ ଜମି, ଘର ହରାଇଥିବା ପ୍ରାୟ ୩୩ ଶହ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ସେମାନଙ୍କୁ ଅବହେଳା କରୁଥିବା ସଂଘର ଆବାହକ ସନ୍ତୋଷ କୁମାର ଦେହୁରୀ ଅଭିଯୋଗ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଦେହୁରୀ କହିଛନ୍ତି। ତେବେ ଆଗକୁ ପୂଜା ଥିବାରୁ ଅନଶନକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ୩୧ ତାରିଖଠାରୁ ପୁଣି ଅନଶନ ଜାରି ରହିବ ବୋଲି କୁହାଯାଇଛି। ଗୋପାଳ ଚନ୍ଦ୍ର ବିଶ୍ୱାଳ, ମହେଶ୍ୱର ପ୍ରଧାନ, ବେଣୁଧର ଆଚାର୍ଯ୍ୟ, ବିଜୟ କିଷାନ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ଶିକ୍ଷକ ସଂଘ ଗଠିତ




କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଅଭିଭାବକ ଶିକ୍ଷକ ସଂଘ ଗଠିତ।

**ଢେଙ୍କାନାଳ ଅଫିସ,୧୧।୧୦**

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ୨୦୧୮-୧୯ ବର୍ଷର ନୂତନ ଅଭିଭାବକ ଶିକ୍ଷକ ସଂଘ ଗୁରୁବାର ଗଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଭାବକମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସର୍ବସମ୍ମତିକ୍ରମେ ଉପାଧ୍ୟକ୍ଷ ଭାବେ ସୁନୀଲ ଦାଶ, ସମ୍ପାଦକ ଆଶିଷ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଶିକ୍ଷକ ଜୟନ୍ତ କୁମାର ସାହୁ, ଅଭିଭାବକ ସଦସ୍ୟ ଭାବେ ଦେବସ୍ମିତା ଦାସ, ପୁଷ୍ପଲତା ସିଂ, ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ବେହେରାଙ୍କୁ ମନୋନୀତ କରାଯାଇଛି। ଅଭିଭାବକଙ୍କୁ ହ୍ୱାଟ୍ସଆପ୍ ଜରିଆରେ ବିଦ୍ୟାଳୟ ସମ୍ପର୍କିତ ସୂଚନା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

- ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

## ଷ୍ଟିଙ୍ଗ ଅପରେଶନ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧୧।୧୦**



ବୈଠକରେ ଜିଲାପାଳଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ ଓ ନର୍ସିଂହୋମରେ ପିଏନ୍‌ଡିଟି ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ଗୁରୁବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପିସି ଆଣ୍ଡ ପିଏନ୍‌ଡିଟିର ସହକାରୀ ପରିଚାଳକ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ବୈଠକରେ ଜେନା ଆଣ୍ଡ ଜେନା ନର୍ସିଂହୋମର ପଞ୍ଜୀକରଣକୁ ରଦ୍ଦ କରାଯାଇଥିଲା। ଯେଉଁ ଅଞ୍ଚଳରେ ଶିଶୁ କନ୍ୟା ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଉଛି ସେଠାରେ ଦି ମେଡିକ୍ସର ସହାୟତାରେ ବିଭିନ୍ନ ସମାଜସେବୀ ଅନୁଷ୍ଠାନକୁ ନେଇ ଷ୍ଟିଙ୍ଗ ଅପରେଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ତଦାରଖ ଓ ନିରୀକ୍ଷଣ ଦଳ ନିୟମିତ ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ ପରିଦର୍ଶନ କରିବାକୁ କୁହାଯାଇଥିଲା। ଏଥିସହ ପ୍ରାକ୍ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଆଇନ ଅନୁଯାୟୀ ଜିଲା ପରାମର୍ଶଦାତା କମିଟିକୁ ପୁନର୍ଗଠିତ କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବ ପ୍ରସାଦ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ବିବେକାନନ୍ଦ ସାହୁ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ତଥା ସୁରକ୍ଷା ଅଧିକାରିଣୀ ପୌର୍ଣ୍ଣମାସୀ ରଥ, ମହିଳା ସଂଘ ପ୍ରତିନିଧି ଜ୍ୟୋତିର୍ମୟୀ ଦେହୁରୀ, ଦି ମେଡିକ୍ସ ସମ୍ପାଦକ ଡ.ଦିଲୀପ କୁମାର ସାମଲଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ମହାଲକ୍ଷ୍ମୀଙ୍କ ପୂଜା ପାଳିତ ହେବ। ଏଥି ସହିତ ଏ ବର୍ଷ ପ୍ରଥମଥର ପାଇଁ ମେଳଣ ଉତ୍ସବ ପାଳନ କରାଯିବ। ଏ ନେଇ ଛେଣ୍ଡିପଦା ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଛେଣ୍ଡିପଦା ଡାକବଙ୍ଗଳାଠାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ୮ଟି ପୂଜା ମଣ୍ଡପର ସଭାପତି, ସମ୍ପାଦକଙ୍କ ସହିତ ପୂଜାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ମଣ୍ଡପର ସଦସ୍ୟଙ୍କ ସହମତିରେ ମେଳଣ ଉତ୍ସବ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଶ୍ରେଷ୍ଠ ପୂଜାମଣ୍ଡପକୁ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା। ପୂଜା ସମୟରେ ଆତସବାଜିର ମଧ କାର୍ଯ୍ୟକ୍ରମ ରହିଛି। ବୈଠକରେ ସୁଦୀପ୍ତ ପ୍ରଧାନ, ଯଶୋବନ୍ତ ବେହେରା, ବିଜୟ ବେହେରା, ମିଳନ ବେହେରା, ସୁଜିତ ପ୍ରଧାନ, ଦଣ୍ଡଧର ନାୟକ, ଗୌରାଙ୍ଗ ଜେନା, ସୁବାସ ଚନ୍ଦ୍ର ପ୍ରଧାନ, ପ୍ରମୋଦ ପ୍ରଧାନ, ଜୟନ୍ତ ସାହୁ, ବିଦେଶୀ ମହାପାତ୍ର, ବିଦ୍ୟୁତ୍ ସିଂ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



“ଶନିବାର ଚାଇନା ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆମ ପ୍ରଦର୍ଶନ ବିଶେଷକରି ରକ୍ଷଣଭାଗ ଉପରେ ନିର୍ଭର କରେ ।

-ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଟିମ୍ ଅଧିନାୟକ

“ଆଇସିସିର ଉପଯୁକ୍ତ ପଦକ୍ଷେପ ଯୋଗୁ ଦୁଇ ବର୍ଷ ମଧ୍ୟରେ କ୍ରିକେଟରେ ତ୍ରୁଟିଯୁକ୍ତ ବୋଲିଂ ଆକ୍ସନ ଅଭିଯୋଗ ହ୍ରାସ ପାଇଛି ।

-ଅନିଲ କୁମ୍ବଲେ, ପୂର୍ବତନ ଭାରତୀୟ ଅଧିନାୟକ



## ସଂକ୍ଷେପରେ

### ଗୁରଜାରଙ୍କୁ ରୌପ୍ୟ

ଜାକର୍ତ୍ତା,୧୧।୧୦(ପି.ଟି.)- ଭାରତୀୟ ଜାଭେଲିନ ଥ୍ରୋୟର ସୁନ୍ଦର ସିଂ ଗୁରଜାର ଚଳିତ ଏସିଆନ୍ ପାରା ଗେମ୍ସର ଏଫ୍‌୪୬ କାଟେଗୋରୀରେ ରୌପ୍ୟ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଦୁଇ ଥର ପାରା ଅଲିମ୍ପିକ୍ ପଦକଧାରୀ ଦେବେନ୍ଦ୍ର ଝାଝରିଆ ୪ର୍ଥ ସ୍ଥାନରେ ରହିଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଅନ୍ୟ ଭାରତୀୟ ଜାଭେଲିନ ଥ୍ରୋୟର ରିଙ୍କୁ ବ୍ରୋଞ୍ଜ ପଦକ ଜିତିଛନ୍ତି। କହିବାକୁ ଗଲେ ଏଫ୍‌୪୬ କାଟେଗୋରୀର ଜାଭେଲିନ ଥ୍ରୋ ପୋଡିୟମ୍ ପ୍ରାୟତଃ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ କବ୍‌ଜାରେ ରହିଥିଲା। ଏହାବାଦ୍ ୪୦୦ ମିଟର ଟି୧୩ କାଟେଗୋରୀରେ ଭାରତକୁ ଏକ ବ୍ରୋଞ୍ଜ ପଦକ ମିଳିଛି। ଅଭନିଲ କୁମାର ଏହି ପଦକ ଜିତିଛନ୍ତି। ଦୃଷ୍ଟିହୀନ ଆଥ୍‌ଲେଟମାନେ ଟି୧୩ କାଟେଗୋରୀରେ ଆସନ୍ତି। ଜାଭେଲିନ ଥ୍ରୋୟର ଗୁରଜାର ୫ମ ଉଦ୍ୟମରେ ୬୧.୩୩ ମି. ଦୂରତା ହାସଲ କରିଥିଲେ। ସେ ଇଭେଣ୍ଟ ପୂର୍ବରୁ ୨୨ ଦିନ ଧରି ଫିନଲାଣ୍ଡରେ ପ୍ରଶିକ୍ଷଣ ନେଉଥିଲେ। ୩ୟ ସ୍ଥାନ ଅଧିକାର କରିଥିବା ରିଙ୍କୁ ବ୍ୟକ୍ତିଗତ ଶ୍ରେଷ୍ଠ ୬୦.୯୨ ମି. ଦୂରତା ପର୍ଯ୍ୟନ୍ତ ଜାଭେଲିନ ଫିଙ୍ଗିଥିଲେ। ଶ୍ରୀଲଙ୍କାର ଦୀନେଶ ହେରେଥ (୬୧.୮୪ ମି.) ଏସିଆନ ରେକର୍ଡ ଭଙ୍ଗ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ଝାଝରିଆ ପୋଡିୟମରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି। ଖେଳରତ୍ନ ଅଧିକାରୀ ଭେଟେରାନ ପାରାଅଲିମ୍ପିଆନଙ୍କ ଶ୍ରେଷ୍ଠ ଉଦ୍ୟମ ଥିଲା ୫୯.୧୭ ମି.। ପୁରୁଷ ବର୍ଗର ୪୦୦ ମି. ଦୌଡ଼କୁ ଆଭନିଲ କୁମାର ୫୨ ସେକେଣ୍ଡରେ ଶେଷ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ଦଶମିକ ସେକେଣ୍ଡ ବ୍ୟବଧାନରେ ରୌପ୍ୟ ପଦକ ହାତଛଡ଼ା କରିଛନ୍ତି।

### ଚେନ୍ନାଇରେ ଖେଳାଯିବ ତୃତୀୟ ଟି୨୦

ହାଇଦ୍ରାବାଦ, ୧୧।୧୦ (ପି.ଟି.)- ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚେନ୍ନାଇରେ ନଭେମ୍ବର ୪ରେ ଭାରତ-ୱେଷ୍ଟଇଣ୍ଡିଜ ତୃତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳାଯିବ। ପୁରୁଣା ଫର୍ମୁଲା ଅନୁସାରେ କମ୍ପ୍ଲିମେଣ୍ଟାରି ଟିକେଟ ପ୍ରଦାନ ପାଇଁ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନସିଏ) ତରଫରୁ କରାଯାଇଥିବା ଅନୁରୋଧକୁ ପ୍ରଶାସକ କମିଟି (ସିଓଏ) ଗ୍ରହଣ କରିନେବା ପରେ ଅନିଶ୍ଚିତ ଅବସ୍ଥା ଦୂର ହୋଇଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଏ ନେଇ ଅନୁମୋଦନ ପତ୍ର ଆସି ନାହିଁ ବୋଲି ଟିଏନସିଏର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। କମ୍ପ୍ଲିମେଣ୍ଟାରି ଟିକେଟ ନେଇ ନୂଆ ବ୍ୟବସ୍ଥା ଉପରେ କେତେକ ରାଜ୍ୟ ଆସୋସିଏଶନ ଆପତ୍ତି ଉଠାଇଛନ୍ତି। କାରଣ ଏଥିରେ ୧୦ ପ୍ରତିଶତ୍ ଟିକେଟ କମ୍ପ୍ଲିମେଣ୍ଟାରି ପାଇଁ ରଖାଯାଇଥିବା ବେଳେ ଅବଶିଷ୍ଟ ୯୦ ପ୍ରତିଶତ ସାଧାରଣ ଦର୍ଶକଙ୍କ ପାଇଁ ରହିଛି। ଏହି ପ୍ରସଙ୍ଗ ନେଇ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ ଅକ୍ଟୋବର ୨୪ରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଆୟୋଜନରୁ ଓହରିଯାଇଛି। ଫଳରେ ଏହି ମ୍ୟାଚ ଇନ୍ଦୋରରୁ ବିଶାଖାପାଟଣା ସ୍ଥାନାନ୍ତରିତ ହୋଇଛି। ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ନୂଆ ବ୍ୟବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ପରବର୍ତ୍ତୀକାଳରେ ମେମ୍ବରଶିପ୍ ଟିକେଟ ୧୦ ପ୍ରତିଶତ କାଟାଗୋରିରେ ଗଣତି ହେବ ନାହିଁ ବୋଲି ସ୍ଥିର ହୋଇଥିଲା। ସମାଧାନର ସୂତ୍ର ସ୍ୱରୂପ ବିସିସିଆଇ ୧୨୦୦ ପାସ ମଧ୍ୟରୁ ୬୦୦ ଛାଡ଼ିଦେବା ଲାଗି ସ୍ଥିର କରିଛି।

### କୌନ୍ ବନେଗା କରୋଡପତିରେ ଭାରତୀୟ ହକି ଦଳ

ଭୁବନେଶ୍ୱର, ୧୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)- ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜନ ହେବାକୁ ଯାଉଛି। ଦେଶ ଓ ବିଦେଶରେ ଇଭେଣ୍ଟର ପ୍ରଚାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ରାତି ୯ଟାରେ ସୋନି ଟିଭିର ଲୋକପ୍ରିୟ କାର୍ଯ୍ୟକ୍ରମ କୌନ ବନେଗା କରୋଡ ପତି (କେବିସି) କାର୍ଯ୍ୟକ୍ରମରେ ଭାରତୀୟ ହକି ଦଳକୁ ଦେଖିବାକୁ ମିଳିବ। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ହକି ଦଳକୁ ସ୍ୱାଗତ ଜଣାଉଥିବା ଦୃଶ୍ୟ ଦେଖିବାକୁ ମିଳିବ। ବିଗ୍ ବି’ ଅମିତାଭ ବଚ୍ଚନଙ୍କ ଉପସ୍ଥାପନାରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଭାରତୀୟ ହକି ଖେଳାଳିଙ୍କ ଉପସ୍ଥିତି ଏକ ଉଲ୍ଲସିତ ମୁହୂର୍ତ୍ତ।

# ‘ହକି ପାଇଁ ହୃଦୟ ସ୍ପନ୍ଦିତ ହେବା ଉଚିତ’

**ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତ ଏକ ଯୁବ ଦଳ। ଦିନକୁ ଦିନ ଏହାର ପ୍ରଦର୍ଶନରେ ଉନ୍ନତି ହେଉଛି। ସକାରାତ୍ମକ ମନୋଭାବ ନେଇ ଆମେ ସମସ୍ତେ ଭାରତୀୟ ହକି ଦଳକୁ ସମର୍ଥନ କରିବା ଆବଶ୍ୟକ। ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି। ଆମେ ଭାରତୀୟ ହୋଇଥିବାରୁ ହକି ପାଇଁ ଆମ ସମସ୍ତଙ୍କ ହୃଦୟ ସ୍ପନ୍ଦିତ ହେବା ଉଚିତ ବୋଲି ଧରିତ୍ରୀ ସହ କଥା ହେବାବେଳେ କହିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ସନ୍ଦୀପ ସିଂ। ନୂଆ ରୂପ ନେଇଥିବା କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ ଉଦ୍‌ଘାଟନ ପରେ ଆୟୋଜିତ ପ୍ରଦର୍ଶନୀ ମ୍ୟାଚରେ ବୁଧବାର ଭାଷ୍ୟକାର ଭାବେ ନୂଆ ଦାୟିତ୍ୱ ନିର୍ବାହ କରିଥିଲେ ଏହି ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ। ପ୍ରଦର୍ଶନୀ ମ୍ୟାଚରେ ଧନରାଜ ପିଲେଙ୍କ ଧନ୍ ଏକାଦଶକୁ ୨-୧ ଗୋଲରେ ପରାସ୍ତ କରିଥିଲା ଦିଲୀପ ତିର୍କୀଙ୍କ ଦିଲ୍ ଏକାଦଶ।



କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଟ୍ରଫି ପ୍ରତିକୃତୀ ସହ ସନ୍ଦୀପ ସିଂ (ବାମରୁ ତୃତୀୟ)।

‘‘ଏପରି ଏକ ପରିବେଶରେ ଖେଳିବାର ଅନୁଭବ ଭିନ୍ନ। ଆହତ ସମସ୍ୟାରେ ଥିଲେ ଖେଳାଳି ପଡ଼ିଆ ବାହାରେ କେବଳ ଦେଖଣାହାରି ହିଁ ହୋଇଥାଏ। ସେଥିପାଇଁ ମୁଁ ଖେଳିପାରିନାହିଁ। ତେବେ ଏଠାରେ ଉପସ୍ଥିତ ଥିବାରୁ ମୁଁ ଖୁସୀ’’ ବୋଲି କହିଛନ୍ତି ଏହି ସ୍ପେଶାଲିଷ୍ଟ ଡ୍ରାଗ୍ ଫ୍ଲିକର। ଓଡ଼ିଶା ସରକାର ୫ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଛନ୍ତି। ଏହାକୁ ପ୍ରଶଂସା ନ କରି ରହିପାରି ନାହାନ୍ତି ସନ୍ଦୀପ । ଓଡ଼ିଶା ସରକାରଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ। ଭାରତୀୟ ହକିକୁ ସମର୍ଥନ ଜଣାଇ ଓଡ଼ିଶା ସରକାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ଓଡ଼ିଶା ସରକାରଙ୍କ ସମର୍ଥନ ଯୋଗୁ ଏବେ ବିଶ୍ୱରେ ଭାରତୀୟ ହକି ପୁନଃଜୀବନ ପାଇଥିବା ଅନୁଭବ ହେଉଛି। ଅନ୍ୟ ରାଜ୍ୟଗୁଡ଼ିକ ଯଦି ଓଡ଼ିଶା ସରକାରଙ୍କୁ ଅନୁସରଣ କରିବେ ତେବେ ଭାରତୀୟ ହକି ବିଶ୍ୱରେ ନମ୍ବରଓ୍ୱାନ ହୋଇଯିବ ବୋଲି ସେ କହିଛନ୍ତି। ଭାରତୀୟ ହକି ଦଳ କିଛିଦିନ ପରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଖେଳିବ ଏବଂ ଏହାପରେ ବିଶ୍ୱକପ ଖେଳିବ। ସେ ସମ୍ପର୍କରେ ସନ୍ଦୀପ କହିଛନ୍ତି ଯେ, ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ସୁଯୋଗ ରହିବ। ଯୁବ ଭାରତୀୟ ଦଳରେ କିଛି ଅଭିଜ୍ଞ ଖେଳାଳି ବି ଅଛନ୍ତି, ଦଳ ସହ ଭଲ କୋଚ୍ ରହିଛନ୍ତି। ତେବେ ମ୍ୟାଚ ପରେ ମ୍ୟାଚ ରଣନୀତିରେ ଦଳ ଖେଳିବା ଉଚିତ। ଆଗାମୀ ବିଶ୍ୱକପରେ ମଧ୍ୟ ଭାରତୀୟ ଦଳର ପ୍ରଦର୍ଶନ ବହୁତ ଭଲ ରହିବ ବୋଲି ଆଶା ରଖିଛନ୍ତି ସନ୍ଦୀପ । ଆମେ ସବୁବେଳେ ସକାରାତ୍ମକ ମନୋଭାବ ନେଇ ଚିନ୍ତା କରିବା ଆବଶ୍ୟକ। ଆମେ ଭାରତୀୟ, ହକି ପାଇଁ ଆମ ହୃଦୟ ସ୍ପନ୍ଦିତ ହେଉଛି। ବିଶ୍ୱକପରେ ମଧ୍ୟ ଆମ ଦଳ ମ୍ୟାଚ ପରେ ମ୍ୟାଚ ରଣନୀତିରେ ଖେଳିବା ଆବଶ୍ୟକ। ପ୍ରଥମେ କ୍ୱାର୍ଟର ଫାଇନାଲ ତା’ପରେ ସେମିଫାଇନାଲ। ତା’ ପରେ ଯାଇ ପୋଡିୟମ ଫିନିଶ୍ ସମ୍ପର୍କରେ ଚିନ୍ତା କରିବା ଉଚିତ। ଯାହାକିଛି ତ୍ରୁଟି ଅଛି ତାକୁ ସୁଧାରିବାକୁ ଉଦ୍ୟମ କରାଯାଉଛି। ବିଶ୍ୱକପରେ ଭାରତ ପଦକ ଜିତିବା ନେଇ ମୋର ଆଶା ରହିଛି ବୋଲି ସେ କହିଛନ୍ତି।

ଓଡ଼ିଶାର ଦର୍ଶକଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି ସନ୍ଦୀପ। ଓଡ଼ିଶା ଦର୍ଶକମାନେ ବହୁତ ଭଲ। ସେମାନେ ହକିକୁ ସମର୍ଥନ କରିବାକୁ କେବେହେଲେ ପଛେଇ ଯାଇ ନ ଥାନ୍ତି। ବର୍ଷା ସତ୍ତ୍ୱେ ପ୍ରଦର୍ଶନୀ ମ୍ୟାଚରେ ଏତେ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଅଛନ୍ତି, ନଚେତ ସମ୍ଭବତଃ ଷ୍ଟାଡିୟମ ଭରପୂର ହୋଇଯାଇଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଆସିବା ତାଙ୍କ ପାଇଁ ନୂଆ ନୁହେଁ ବୋଲି ସୂଚନା ଦେଇଛନ୍ତି ଏହି ହାଫ୍ ବ୍ୟାକ୍ ହକି ତାରକା। ଭୁବନେଶ୍ୱରରେ ମୋର ପୂର୍ବରୁ ଖେଳିବା ଅଭିଜ୍ଞତା ରହିଛି। ମୁଁ ଏଠାରେ ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ଖେଳିଛି। ସେ ମ୍ୟାଚରେ ମୁଁ ଗୋଲ ମଧ୍ୟ ସ୍କୋର କରିଥିଲି। କଳିଙ୍ଗ ଷ୍ଟାଡିୟମ ବହୁତ ଭଲ। ମୋତେ ଏହା ବହୁତ ଭଲ ଲାଗେ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏଠାକୁ ମୁକ୍ତ ପବନ ଆସିପାରୁଛି।

ଭବିଷ୍ୟତ କାର୍ଯ୍ୟପନ୍ଥା କ’ଣ ବୋଲି ପ୍ରଶ୍ନର ଉତ୍ତରରେ ହସିଥିଲେ ସନ୍ଦୀପ। ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲାଭଳି ଘଟଣା ହେବ, ଅପେକ୍ଷା କରନ୍ତୁ। ଆଗେ ଚଳଚ୍ଚିତ୍ର ସୁର୍‌ମା ଆସିବ, ତା’ପରେ ଏହି ଆଶ୍ଚର୍ଯ୍ୟର ଭେଟି ସମସ୍ତଙ୍କୁ ଦିଆଯିବ। ‘କୌଣସି ବି ପରିସ୍ଥିତିରେ ଆପଣ ବିଜୟ ହାସଲ କରିପାରିବେ। ଜୀବନରେ କେବେ ହାର୍ ମାନିବା ଉଚିତ ନୁହେଁ’, ଚଳଚ୍ଚିତ୍ର ସୁର୍‌ମାର ଏହା ମୁଖ୍ୟ ବିଷୟବସ୍ତୁ। ଏହା ମୋ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି। ଦୀପକ ସିଂ, ଚିତ୍ରାଙ୍ଗଦା ସିଂ ଏବଂ ସୋନୀ ପିକ୍ଚର୍ସ ପ୍ରଯୋଜନାରେ ଏହାର ନିର୍ମାଣ ଚାଲିଛି ବୋଲି ଏହି ହକି ତାରକା ପ୍ରକାଶ କରିଥିଲେ।

୧୯୮୬ ଫେବୃୟାରୀ ୨୭ରେ ହରିୟାଣାର ଶାହାବାଦଠାରେ ଜନ୍ମିତ ସନ୍ଦୀପ ସମ୍ପ୍ରତି ହରିୟାଣା ପୋଲିସରେ ଜଣେ ଡିଏସପି ଭାବେ କାର୍ଯ୍ୟରତ। ୨୦୦୪ରେ ସିନିୟର କ୍ୟାରିୟର ଆରମ୍ଭ କରିଥିବା ସନ୍ଦୀପ ୨୦୦୯ରେ ଭାରତକୁ ଆଜଲାନଶାହ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହା ବ୍ୟତୀତ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ୨୦୦୭ରେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ ଟ୍ରଫିରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସେ ମୁମ୍ବାଇ ମ୍ୟାଜିସିଆନ୍ସ, ପଞ୍ଜାବ ୱାରିୟର୍ସ ଓ ରାଞ୍ଚି ରେଜ୍ ପକ୍ଷରୁ ହକି ଇଣ୍ଡିଆ ଲିଗ୍‌ରେ ଖେଳିଥିଲେ। ବିଶ୍ୱକପ ଖେଳିବା ପାଇଁ ସେ ଭାରତୀୟ ଦଳରେ ଯୋଗଦେବାକୁ ଟ୍ରେନ୍‌ରେ ଯାଉଥିବାବେଳେ ୨୦୦୬ ଅଗଷ୍ଟ ୨୨ରେ ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ଗୁରୁତର ଆହତ ହୋଇଥିଲେ। ଏହାପରେ ଗୋଡ଼ ଅଚଳ ହୋଇଯିବାରୁ ସେ ୧ ବର୍ଷ ପାଇଁ ହୁଇଲ୍ ଚେୟାରରେ ସମୟ କଟାଇଥିଲେ। ସେତେବେଳେ ତାଙ୍କୁ ୨୦ ବର୍ଷ ହୋଇଥିଲା ଏବଂ କ୍ୟାରିୟର ସମ୍ଭବତଃ ଶେଷ ହୋଇଗଲା ବୋଲି ଭାବିଥିଲେ ସନ୍ଦୀପ। ମାତ୍ର ଦୃଢ଼ ମନୋବଳ ଯୋଗୁ ସେ କେବଳ ଗୁରୁତର ଆଘାତ ସମସ୍ୟାରୁ ମୁକୁଳି ନ ଥିଲେ ପୁଣିଥରେ ଭାରତୀୟ ଦଳକୁ ଫେରିବାରେ ସକ୍ଷମ ହୋଇଥିଲେ। ତାଙ୍କ ଆତ୍ମଜୀବନୀକୁ ନେଇ ‘ସୁର୍‌ମା’ ଚଳଚ୍ଚିତ୍ର ନିର୍ମାଣ କରାଯାଉଛି।




■ ସର୍ବଭାରତୀୟ ସବ୍‌ଜୁନିୟର ଟେନିସ କ୍ରିକେଟ

# ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)**

ଚଳିତମାସ ୧୫ରୁ ୧୭ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକ୍‌ଠାରେ ସର୍ବଭାରତୀୟ ୩ୟ ସବ୍‌ଜୁନିୟର (ବାଳିକା/ବାଳକ) ଟେନିସ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୨୪ ରାଜ୍ୟର ବାଳିକା ବାଳକ ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପାଇଁ ଗୁରୁବାର ୧୨ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୫୦ ଜଣ ଖେଳାଳିଙ୍କୁ ନେଇ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡ଼ିଆରେ ଗତ ୧ରୁ ଚୟନ ଶିବିର ଅନୁଷ୍ଠିତ ହେଉଛି। ସେଥିରୁ ୧୨ ଖେଳାଳିଙ୍କୁ ଚୟନ କରାଯାଇଛି। ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସଭାପତି ଅବିନାଶ ସାହୁ, ଉପସଭାପତି ରାଜେନ୍ଦ୍ର ମହାରଣା, ଦେବବ୍ରତ ସାହୁ, ଏମ.ଡି. ଆଜାମ, ସମ୍ପାଦକ ତଥା ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ବୈଷୟିକ ମୁଖ୍ୟ ରିଣ୍ଟୁ ମିତ୍ର, ସହ ସମ୍ପାଦକ ସୌଭେନ୍ଦ୍ର ମହାରଣା ପ୍ରମୁଖ ଓଡ଼ିଶା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ମାସନ ମୁଖୀ(ଅଧିନାୟକ), ଅଭିଷେକ ହୋତା(ଉପଅଧିନାୟକ), ବିକ୍ରମ ଦାସ, ଏମ.ଡି. ଇରଫାନ, ଶ୍ରୀତମ ଜେନା, ସ୍ପନ୍ଦନ ମହଲ, ଚନ୍ଦନ ସୁବୁଦ୍ଧି, ଏମ.ଡି. ସୋହେଲ, ନିଶାନ ଖାଁ, ସୁମିତ ସୁନା, ସୌନିପ୍ ସୁନା, ଅନନ୍ନୟ ସିଂଦେଓ। କୋଚ୍: ପ୍ରସାଦ ଖୁଣ୍ଟିଆ, ଦୀପକ ପରିଡ଼ା। ମ୍ୟାନେଜର: ସୁଧାକର ମୁଦୁଲି।

# ଭାରତୀୟ ଦିନିକିଆ ଦଳରେ ପନ୍ତ୍

ହାଇଦ୍ରାବାଦ, ୧୧।୧୦ (ପି.ଟି.)

ରିଷଭ ପନ୍ତଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳରେ ପ୍ରଥମ ଥର ସୁଯୋଗ ମିଳିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦୁଇଟି ଦିନିକିଆ ପାଇଁ ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ତାଙ୍କୁ ନିଆଯାଇଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ପନ୍ତ୍ ଇଂଲଣ୍ଡ ବିପକ୍ଷ ସିରିଜରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ଗତ ଦୁଇଟି ଟେଷ୍ଟ ମ୍ୟାଚରେ ସେ ୧୧୪ ଓ ୯୨ରନର ଚମତ୍କାର ଇନିଂସ ଖେଳିଥିଲେ। ଗତ ମାସରେ ଅନୁଷ୍ଠିତ ହୋଇଥିବା ଏସିଆ କପ୍ ପାଇଁ ବିଶ୍ରାମ ନେଇଥିବା ଅଧିନାୟକ ବିରାଟ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୫ ମ୍ୟାଚ ବିଶିଷ୍ଟ ସିରିଜ ଅକ୍ଟୋବର ୨୧ରୁ ଗୁଆହାଟୀଠାରେ ଆରମ୍ଭ ହେବ। ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି, ପନ୍ତ ଯଦି ଚୂଡ଼ାନ୍ତ ଦଳରେ ସ୍ଥାନ ପାଆନ୍ତି ତେବେ ସେ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିବେ। ଏମଏସ୍ ଧୋନୀ କିନ୍ତୁ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳର ନମ୍ବର ୱାନ ଉଇକେଟକିପର ଭାବେ କାର୍ଯ୍ୟ କରିବେ। ପନ୍ତ ଦଳର ବ୍ୟାକ୍‌ଅପ୍ କିପର ରହିବେ।



**ଭାରତୀୟ ଦଳ** (ପ୍ରଥମ ଦୁଇଟି ଅନ୍ତର୍ଜାତୀୟ ଦିନିକିଆ ପାଇଁ): ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ଏମ୍.ଏସ. ଧୋନୀ (ଉଇକେଟକିପର) ରିଷଭ ପନ୍ତ୍, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ, ଶାର୍ଦ୍ଦୁଳ ଠାକୁର, କେ.ଏଲ. ରାହୁଲ।

# ଦ୍ୱିତୀୟ ଟେଷ୍ଟ ଆଜିଠାରୁ: କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ହାଇଦ୍ରାବାଦ, ୧୧।୧୦(ପି.ଟି.)**

ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଓ ଅପେକ୍ଷାକୃତ ଦୁର୍ବଳ ମନେହେଉଥିବା ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ରାଜକୋଟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ମାତ୍ର ୩ ଦିନ ମଧ୍ୟରେ ଏକ ଇନିଂସ ଓ ୨୭୨ ରନରେ ବିଜୟ ହାସଲ କରି ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ମାମୁଲି ପ୍ରଦର୍ଶନ କରି ଆତ୍ମସମର୍ପଣ କରିଥିବା ୱେଷ୍ଟଇଣ୍ଡିଜ ସିରିଜ ବଞ୍ଚାଇବା ପାଇଁ ଏହି ମ୍ୟାଚ୍‌ରେ ଶେଷ ସୁଯୋଗ ପାଇବ। ଅନ୍ୟପଟେ ଭାରତ ପ୍ରଥମ ମ୍ୟାଚ ଭଳି ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି।

ହାଇଦ୍ରାବାଦର ଏହି ଷ୍ଟାଡିୟମରେ ପୁଣି ଥରେ ବିପୁଳ ସଂଖ୍ୟାରେ ରନ ସଂଗ୍ରହ ହେବା ଆଶା କରାଯାଉଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତୀୟ ବ୍ୟାଟ୍ସମ୍ୟାନ ପୁଣି ଦମ୍ ଦେଖାଇବେ। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ଶତପ୍ରତିଶତ ଫିଟ୍ ନାହାନ୍ତି। ପୁଣି ଏକମାତ୍ର ଦ୍ରୁତ ବୋଲର ଶାନନ ଗାବ୍ରିଏଲ ମଧ୍ୟ ଖେଳିବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଘରୋଇ ମାଟିରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିବା ନୂଆ କଥା ନୁହଁ। ତେବେ ଆଗାମୀ ଡିସେମ୍ବରରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାରୁ ଏହି ସିରିଜ ତଥା ମ୍ୟାଚ୍‌ର ଗୁରୁତ୍ୱ ନିଶ୍ଚୟ ରହିଛି ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୨୦୧୧ ଘଟଣାକୁ ଭୁଲି ନ ଥିବ। ଏହି ବର୍ଷ ଭାରତ ୨-୦ରେ ୱେଷ୍ଟଇଣ୍ଡିଜକୁ ହରାଇ ପରେ ଅଷ୍ଟ୍ରେଲିଆ ଗସ୍ତ କରି ୦-୪ରେ ଟେଷ୍ଟ ସିରିଜ ହାରିଥିଲା। ସେହିପରି ୨୦୧୩ରେ ମଧ୍ୟ ଭାରତ ୱେଷ୍ଟଇଣ୍ଡିଜକୁ ୩ ଦିନରେ ପରାସ୍ତ କରିଥିଲା ଓ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଟେଷ୍ଟ ସିରିଜରେ ପରାଜୟ ବରଣ କରିଥିଲା।

ଗତକିଛି ବର୍ଷ ମଧ୍ୟରେ ୱେଷ୍ଟଇଣ୍ଡିଜ ଦଳ ସେତେଟା ଭଲ ପ୍ରଦର୍ଶନ କରୁନାହିଁ। ଯାହା ଫଳରେ ଭାରତକୁ ଏହି ଦଳ ଚ୍ୟାଲେଞ୍ଜ୍ ଦେବାରେ ବିଫଳ ହେଉଛି। ତଥାପି ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଖେଳାଳିମାନେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ।

୧୮ ବର୍ଷୀୟ ଓପନର ପୃଥ୍ୱୀ ଶ ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲେ। ଦ୍ୱିତୀୟ ମ୍ୟାଚରେ ସେ ପୁଣି ଭଲ ଖେଳିବେ ବୋଲି ଆଶା କରାଯାଉଛି। କୋହଲିଙ୍କୁ ବାଦ୍ ଦେଲେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ଶତକ ହାସଲ କରିଥିଲେ। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ୯୨ରେ ଆଉଟ ହୋଇ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ପୁଣି ଥରେ ଭାରତୀୟ ବ୍ୟାଟ୍ସମ୍ୟାନ ଏହି ପ୍ରଦର୍ଶନ ଦୋହରାଇବେ ବୋଲି ଆଶା କରାଯାଉଛି।



ଅଭ୍ୟାସ ଅବସରରେ ଅଧିନାୟକ ବିରାଟ କୋହଲି।

ତେବେ ୱେଷ୍ଟଇଣ୍ଡିଜର ବୋଲିଂ ସେତେଟା ଉଚ୍ଚକୋଟୀର ହୋଇ ନ ଥିଲେ ମଧ୍ୟ କୋହଲିଙ୍କ ମନ୍ଥର ଶତକ (୨୩୦ ବଲରୁ ୧୩୯ ରନ)କୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। କୋହଲି ତାଙ୍କ ଶତକୀୟ ଇନିଂସରେ ମାତ୍ର ୧୦ଟି ଚୌକା ମାରିଥିଲେ। କିନ୍ତୁ ପୃଥ୍ୱୀ ୧୯ଟି ଓ ଚେତେଶ୍ୱର ପୂଜାରା ୧୪ଟି ଚୌକା ମାରିଥିଲେ। କୋହଲି ସିଙ୍ଗଲ୍ସ ଓ ଦୁଇ ରନରେ ୯୯ ରନ ସଂଗ୍ରହ କରିଥିଲେ। ଅଧିକ ବାଉଣ୍ଡାରୀ ନ ମାରି କୋହଲି କ୍ରିଜ୍ ଉପରେ ତିଷ୍ଠି ରହିବାକୁ ଚେଷ୍ଟା କରିଥିଲେ। ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଗତ ୧୪ ମାସ ହେବ ରାହାନେ ଗୋଟିଏ ହେଲେ ବି ଟେଷ୍ଟ ଶତକ ହାସଲ କରିପାରିନାହାନ୍ତି। ଶେଷଥର ସେ ୨୦୧୭ ଅଗଷ୍ଟରେ ଶ୍ରୀଲଙ୍କା ବିପକ୍ଷରେ ଶତକ ହାସଲ କରିଥିଲେ। ତେଣୁ ଅଷ୍ଟ୍ରେଲିଆ ଗସ୍ତରେ ସାମିଲ ହେବାକୁ ହେଲେ ରାହାନେଙ୍କୁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ଫର୍ମକୁ ଫେରିବାକୁ ପଡିବ। ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇ ନାହିଁ।

ଦୁର୍ବଳ ଫର୍ମ ଦେଇ ଗତିକରୁଥିବା ଓପନର ଲୋକେଶ ରାହୁଲଙ୍କୁ ସମର୍ଥନ କରିଛନ୍ତି ବୋଲିଂ କୋଚ୍ ଭରତ ଅରୁଣ। ଆଗାମୀ ଡିସେମ୍ବର ୬ ତାରିଖରେ ଆଡିଲେଡରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟରେ ମୁହାଁମୁହିଁ ହେବେ। ଓପନର ହିସାବରେ ରାହାନେ ଓ ପୃଥ୍ୱୀ ଅଷ୍ଟ୍ରେଲିଆରେ ଓପନିଂ କରିବେ ବୋଲି ଅରୁଣ ପରୋକ୍ଷରେ ସୂଚନା ଦେଇଛନ୍ତି। ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ ସେ ବେଞ୍ଚ୍‌ରେ ବସିବା ମନେହେଉଛି। ଦ୍ରୁତ ବୋଲିଂରେ ମହମ୍ମଦ ସାମି ଓ ଉମେଶ ଯାଦବ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ୍ ଅତିକମ୍‌ରେ ଲଢେଇ କରି ଟକ୍କର ଦେବାକୁ ଚେଷ୍ଟା କରିବା ଲକ୍ଷ୍ୟରେ ରହିଛି। ରାଜକୋଟରେ ଉଭୟ ଇନିଂସରେ ଦଳ ୧୦୦ ଓଭର ଖେଳିପାରି ନ ଥିଲା। କିରନ ପାଓ୍ୱେଲଙ୍କ ୮୩ ଓ ରୋଷ୍ଟନ ଚେଜ୍‌ଙ୍କ ୫୩ ରନ ପାଳି ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସର ମୁଖ୍ୟ ଘଟଣାଥିଲା। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ଆହୁରି ଖରାପ୍ ହୋଇଥିଲା। ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଟେକ୍‌ନିକ୍ ଓ ଧୈର୍ଯ୍ୟର ଅଭାବ ପରିଲକ୍ଷିତ ହୋଇଥିଲା। ତ୍ରୁଟି ସୁଧାରି ୱେଷ୍ଟଇଣ୍ଡିଜ୍ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଉମେଶ ଯାଦବ, ମହମ୍ମଦ ସାମି ଓ ଶାର୍ଦ୍ଦୁଳ ଠାକୁର।

**ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ସୁନୀଲ ନାରିନ, ଦେବେନ୍ଦ୍ର ବିଶୁ, କ୍ରେଗ ବ୍ରାଥୱେଟ, ରୋଷ୍ଟନ ଚେଜ୍, ଶେନ ଡୋରିଚ୍, ଶାନନ ଗାବ୍ରିଏଲ, ଜାହମାର ହାମିଲଟନ, ଶିମରନ ହେଟମେୟର, ଶାଇ ହୋପ୍, ଅଲଜାରି ଜୋଶେଫ, କିମୋ ପାଲ, କିରନ ପାଓ୍ୱେଲ, କେମର ରୋଚ୍ ଓ ଜୋମେଲ ୱାରିକାନ।

**ସ୍ଥାନ- ହାଇଦ୍ରାବାଦ, ସମୟ- ସକାଳ ୯.୩୦, ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ସଂକ୍ଷେପରେ

### ଢେଙ୍କାନାଳରେ ୨୬୨.୭ ମି.ମି. ବର୍ଷା

**ଢେଙ୍କାନାଳ ଅଫିସ,୧୧।୧୦**

ବାତ୍ୟା 'ତିତ୍‌ଲି' ପ୍ରଭାବରେ ଢେଙ୍କାନାଳ ଜିଲାରେ ଦୁଇଦିନରେ ପ୍ରବଳ ବର୍ଷା ହୋଇଛି। ବୁଧବାର ଏବଂ ଗୁରୁବାର ଜିଲାରେ ମୋଟ ୨୬୨.୭ ମିଲିମିଟର ବର୍ଷା ହୋଇଛି। ଗଁଦିଆ ବ୍ଲକରେ ସର୍ବାଧିକ ୫୪ ମି.ମି. ଏବଂ କଙ୍କଡ଼ାହାଡ଼ ବ୍ଲକରେ ସର୍ବନିମ୍ନ ୧୨.୨ ମି.ମି.ବର୍ଷା ରେକର୍ଡ କରାଯାଇଛି। ସେହିପରି ସଦର ବ୍ଲକରେ ୨୮.୩, ଓଡ଼ାପଡ଼ାରେ ୨୯, ହିନ୍ଦୋଳରେ ୪୦, କାମାକ୍ଷାନଗରରେ ୨୯.୨, ଭୁବନରେ ୩୧ ଏବଂ ପରଜଙ୍ଗରେ ୩୯ ମି.ମି. ବର୍ଷା ହୋଇଛି। ହେଲେ ବର୍ଷା କାରଣରୁ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜିଲା ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର କହିଛନ୍ତି। ସେହିପରି କୃଷି କ୍ଷେତ୍ରରେ ମଧ କୌଣସି ସମସ୍ୟା ଉପୁଜିନାହିଁ, ବରଂ ଚାଷ ପାଇଁ ଆବଶ୍ୟକ ପରିମାଣର ବର୍ଷା ହୋଇଥିବା ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ଜମିଜମା ବିବାଦରୁ ଯୁବକଙ୍କୁ ଆକ୍ରମଣ

**ଭୁବନ,୧୧।୧୦(ଡି.ଏନ୍‌.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମର ବାବୁଲି ସେଠୀ (୨୩)ଙ୍କ ଉପରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ମରଣାନ୍ତକ ଆକ୍ରମଣ ହୋଇଛି। କଟୁରି ଚୋଟରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପଛର କାରଣ ଜମିଜମା ବିବାଦ ଏବଂ ପୂର୍ବ ଶତ୍ରୁତା ବୋଲି କୁହାଯାଉଛି। ବାବୁଲିଙ୍କ ବାପା ଉଦ୍ଧବ ସେଠୀ କୁହନ୍ତି, ପଡ଼ୋଶୀ ତଥା ସମ୍ପର୍କୀୟଙ୍କ ସହ ଦୀର୍ଘଦିନ ହେଲା ଜମିଜମା ବିବାଦକୁ କେନ୍ଦ୍ର କରି ଶତ୍ରୁତା ରହିଥିଲା। ଏ ନେଇ ପୂର୍ବରୁ ଥାନାରେ ମାମଲା ରୁଜୁ କରାଯାଇଛି। ଏହି କାରଣରୁ ପୁଅକୁ ଆକ୍ରମଣ କରାଯାଇଥିବା ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ଅଭିଯୋଗ ମିଳିଛି। ଫାଣ୍ଡି ପୋଲିସ ପକ୍ଷରୁ ଏହାର ତଦନ୍ତ କରାଯାଉଛି।

### ରନ୍ଧନ ଗ୍ୟାସ୍‌ ବ୍ୟବହାର ପ୍ରଶିକ୍ଷଣ

**ହିନ୍ଦୋଳ, ୧୧।୧୦(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାବନ୍ଧରେ ରନ୍ଧନ ଗ୍ୟାସ ବ୍ୟବହାର ଏବଂ ବିତରଣ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଟୁଣିଆ ଜନସେବା କେନ୍ଦ୍ର ସଂଯୋଜକ ଦେବରାଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ରନ୍ଧନ ଗ୍ୟାସ୍‌ର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ମହିଳାମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଉଜ୍ଜ୍ୱଳା ଗ୍ୟାସ୍‌ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜିଲା ଜନସେବା କେନ୍ଦ୍ର ମ୍ୟାନେଜର ରାକେଶ ଦାସ, ସମିତିସଭ୍ୟା ଇତିଶ୍ରୀ ସାହୁ, ଛବିରାଜ ବିଶ୍ୱାଳ, ସହଦେବ ପୃଷ୍ଟି ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ଅନନ୍ୟା ଗ୍ୟାସ୍‌ ଏଜେନ୍ସି, ସାଇ ସମ୍ପର୍କ ଗ୍ୟାସ୍‌ ଏଜେନ୍ସିର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ବୀମା ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଅଞ୍ଚଳର ୫ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

### ମାନସିକ ରୋଗକୁ ଡାକିଆଣେ ଅତ୍ୟଧିକ ଚାପ

**ହିନ୍ଦୋଳ, ୧୧।୧୦(ଡି.ଏନ.ଏ.)**

ଏବେକାର ମଣିଷ ଯନ୍ତ୍ର ପାଲଟିଗଲାଣି। ଜୀବନଜୀବିକା ଚିନ୍ତାରେ ଅଣନିଃଶ୍ୱାସୀ ହୋଇ ଦୌଡ଼ି ଚାଲିଛି। ହେଲେ ତା' ପଛରେ ରହିଯାଉଛି ସୁନ୍ଦର ପୃଥିବୀ। ମଣିଷ ଭୁଲିଯିବା ଅନୁଚିତ ଯେ, ଅତ୍ୟଧିକ ଚାପ ମାନସିକ ରୋଗକୁ ଡାକିଆଣେ। ଏହାକୁ ସମସ୍ତେ ବୁଝିବା ନିତାନ୍ତ ଆବଶ୍ୟକ ବୋଲି କହିଛନ୍ତି ହିନ୍ଦୋଳ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ସବ୍‌ଜଜ୍‌ ସି.ଏଚ୍‌. ବାସୁଦେବ ପାତ୍ର। ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବୁଧବାର ଆୟୋଜିତ ମାନସିକ ସ୍ୱାସ୍ଥ୍ୟ ଦିବସରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି। ସମ୍ମାନିତ ଅତିଥିଭାବେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଭାନୁପ୍ରତାପ ଆଚାର୍ଯ୍ୟ, ଆଇନଜୀବୀ ପ୍ରଶାନ୍ତ ପତି ଯୋଗଦେଇ ମାନସିକ ରୋଗର କାରଣ, ନିରାକରଣ ଏବଂ ମାନସିକ ରୋଗୀଙ୍କ ପାଇଁ ରହିଥିବା ଆଇନ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପିଏଲ୍‌ଭି ଶ୍ରୀକାନ୍ତ ବେହେରା ଭ୍ରୂଣହତ୍ୟା, ବାଳିକା ସୁରକ୍ଷା ପାଇଁ ରହିଥିବା ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଇନଜୀବୀ, ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ କୋର୍ଟ କର୍ମଚାରୀ ସୁଧାଂଶୁ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

## ସୂଚନା ଅଧିକାର ଅଭିଯାନର ସାଧାରଣ ସଭା

# ସରକାରଙ୍କ ଉପରେ ବର୍ଷିଲେ ଦାମ

**ଢେଙ୍କାନାଳ ଅଫିସ, ୧୧।୧୦**



ସଭାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକଙ୍କ ସମେତ ଅନ୍ୟମାନେ।

ଓଡ଼ିଶା ସୂଚନା ଅଧିକାର ଅଭିଯାନ ଏବଂ ଦିବ୍ୟଜ୍ୟୋତି କ୍ଲବର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ରଥଗଡ଼ାରେ ଗୁରୁବାର ଭ୍ରଷ୍ଟାଚାର ଶାସନ ବିରୋଧରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ।

ସେ ନିଜ ଅଭିଭାଷଣରେ କହିଲେ, ସେ ଜଣେ ସାଧାରଣ ବ୍ୟକ୍ତି। କୌଣସି ଦଳରେ ନାହାନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ତାଙ୍କ ଦୁଃଖଦ ଅନୁଭୂତିକୁ ସେ କହିବାକୁ ବାହାରିଛନ୍ତି। ଏହାର ବିଚାର ଓଡ଼ିଶାବାସୀ କରିବେ। ଏହି ଅବସରରେ ସେ ମୟୂରଭଞ୍ଜ ଜିଲାର ସାର ଦୁର୍ନୀତି, କଳାହାଣ୍ଡି ଜିଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ ଦ୍ୱାରା ୮ କୋଟି ଟଙ୍କା ଆତ୍ମସାତ, ଖଣି ଦୁର୍ନୀତି, କୁନ୍ଦୁଲି ପୀଡ଼ିତା, ବିଜୁ ଯୁବ ବାହିନୀରେ ଖର୍ଚ୍ଚ କରାଯାଉଥିବା ବିପୁଳ ଟଙ୍କା ଆଦି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ସେ ମନ୍ତ୍ରୀ ପଦରୁ ବିଦା ହୋଇଥିବା କହିଥିଲେ। ୨୦୧୨ରେ ହୋଇଥିବା ଡାଲି ଦୁର୍ନୀତିରେ ସମ୍ପୃକ୍ତ ୩ଅଣ ଓଡ଼ିଆ ଅଫିସର ଏବେ ରାଜ୍ୟକୁ ଚଳାଉଛନ୍ତି। ବିଜୁବାବୁ ଓଡ଼ିଆ ଲୋକଙ୍କ ପାଇଁ ଭାବୁଥିଲେ, କିନ୍ତୁ ନବୀନ ବାବୁ ଏହାର ବିପରୀତ। ଏହି ଅବସରରେ ସେ ଆହୁରି ମଧ କହିଲେ, ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଦୁଇଜଣ ଆଇଏଏସ୍‌ ଅଫିସରଙ୍କ ନାମରେ ଅସଦାଚରଣ ଅଭିଯୋଗ ଆସିଥିଲା। ସେ ତୁରନ୍ତ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ହେଲେ ଏବେକାର ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସେ କହିଲେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ୟମରେ କର୍ଣ୍ଣାଟକ-ତାମିଲନାଡୁ ଜଳ ବିବାଦର ସମାଧାନ ହୋଇପାରିଥିଲା। ମହାନଦୀକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ବିବାଦ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକତରଫା ଭାବେ ଛତିଶଗଡ଼କୁ ସମର୍ଥନ କରୁଛନ୍ତି, ଯାହା ଓଡ଼ିଶା ପ୍ରତି ଅବହେଳା ବୋଲି ସେ ନିଜ ଅଭିଭାଷଣରେ କହିଥିଲେ।

ରାଜ୍ୟ କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ କହିଲେ, ଢେଙ୍କାନାଳ ଜିଲା କମଳାଙ୍ଗରେ ଜଳସେଚନର ସୁବିଧା ଲାଗି ଚାଷୀଙ୍କଠାରୁ ସରକାର ଚଞ୍ଚକତା କରି ଜମିନେଇ କମ୍ପାନୀ ହାତକୁ ଟେକିଦେଲେ। ଏବେ ଏହାର ଜବାବ ଦେବାର ସମୟ ଆସିଛି ବୋଲି ସେ ଆହ୍ୱାନ ଦେଇଥିଲେ। ବରିଷ୍ଠ ଗ୍ରନ୍ଥକାର ରବି ଦାସ କହିଲେ, ଜନସାଧାରଣ ସୂଚନା ଅଧିକାର ଆଇନର ଉପଯୋଗ କରି ଭ୍ରଷ୍ଟାଚାର ଓ ଦୁର୍ନୀତି ସମ୍ପର୍କରେ ଜାଣିବା ଜରୁରୀ। ଅଭିଯାନର ସଂଯୋଜକ ପ୍ରିୟବ୍ରତ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଅଧିକାର ଅଭିଯାନ ଆବାହକ ପ୍ରଦୀପ ପ୍ରଧାନ, ରାଜ୍ୟ ଦୁର୍ନୀତି ବିରୋଧୀ ଅଭିଯାନ ମଞ୍ଚ ଆବାହକ ଆଇନଜୀବୀ ସୁଧୀର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବାଜିଚୌକସ୍ଥିତ ଶହୀଦ ମିନାରରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଚାଷୀ ଜାଣିଲେ ସରକାରୀ ଯୋଜନା

**ଢେଙ୍କାନାଳ ଅଫିସ,୧୧।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଡାଶିଳା ପଞ୍ଚାୟତ ସାଇଁବିରି ଜୟଦୁର୍ଗା ଫୁଟବଲ୍‌ ପଡ଼ିଆରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି, କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଚାଷୀଙ୍କୁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିସହ ହାତୀ ଉପଦ୍ରବ ରୋକିବା, ଚାଷ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଥିଲା।

ସରପଞ୍ଚ ଲୀନା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା କୃଷି ଅଧିକାରୀ ଗୁଣନିଧି ଜେନା, ଉପ କୃଷି ନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସହକାରୀ କୃଷି ଅଧିକାରୀ ଶାଶ୍ୱତୀ ମିଶ୍ର, ସିମିନଇ ସରପଞ୍ଚ ବିନୋଦିନୀ ନାୟକ, ସମିତିସଭ୍ୟ ପ୍ରମୋଦ ନାୟକ ପ୍ରମୁଖ କୃଷି ଋଣର ଆବଶ୍ୟକତା ଏବଂ ଏହାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ।

କୃଷି ବିଭାଗର ଦିଲୀପ ନାୟକ, ଭଗିନୀ ନିବେଦିତା, ଜୟ କୁମାର ମାଦେଲି, ବିଷ୍ଣୁ ପ୍ରସାଦ କର, ବ୍ରଜକିଶୋର ହୋତା, ଡମ୍ବରୁଧର ନାୟକ, କୃଷି ବୈଜ୍ଞାନିକ ଡ.ବିମଳେନ୍ଦୁ ମହାନ୍ତି, ଡ. ଦିବ୍ୟରଞ୍ଜନ ମିଶ୍ର, ମତ୍ସ୍ୟ ଅଧିକାରୀ ଦୀପ୍ତିରଞ୍ଜନ ମହାପାତ୍ର, ଉଦ୍ୟାନ ବିଭାଗର ସୁବାସ ଚନ୍ଦ୍ର ବେଉରା, ଭିଏଡବ୍ଲ୍ୟୁ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଅତିଥିମାନେ।

# ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଦାବିପତ୍ର ପ୍ରଦାନ ଅବସରରେ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୧୧।୧୦**

ଢେଙ୍କାନାଳ ଶାଖା ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ୩ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦିଆଯାଇଛି। ଜୁଲାଇରୁ ମହଙ୍ଗା ଭତ୍ତା, କେନ୍ଦ୍ର ଅନୁରୂପ ଘରଭଡ଼ା ଭତ୍ତା, ୬୦% ବର୍ଦ୍ଧିତ ବକେୟା ଦରମା, ଅସ୍ଥାୟୀ କର୍ମଚାରୀଙ୍କୁ ଅଗ୍ରିମ ଦଶହରା ପୂଜା ବୋନସ ଦେବା ଦାବିରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ଜିଲା ସଭାପତି ଅରୁଣ କୁମାର ବଳିଆରସିଂଙ୍କ ନେତୃତ୍ୱରେ ମାନସ ସାହୁ, ମନୋଜ ସାହୁ, ବିଶ୍ୱରଞ୍ଜନ ବ୍ରହ୍ମ, ଦୁର୍ଯ୍ୟୋଧନ ବିଶ୍ୱାଳ, ପ୍ରସନ୍ନ ଭୂତିଆ, ବାବୁ ପାତ୍ର, ରାମଚନ୍ଦ୍ର ମହାରଣାଙ୍କ ସମେତ ବହୁ କର୍ମଚାରୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଚାନ୍ଦା ଆଦାୟ କରୁଥିବା ୩ ଯୁବକ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ,୧୧।୧୦**

ଅନୁଗୋଳ ଗାନ୍ଧୀ ଛକରେ ଚାନ୍ଦା ଆଦାୟ କରୁଥିବା ୩ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅନୁଗୋଳ ଅମଲାପଡ଼ା ୬ଷ୍ଠ ଲେନ୍‌ର ଜଗନ୍ନାଥ ଦେହୁରୀ ଓରଫ୍‌ ଜଗୁ(୨୫), ହେମସୁରପଡ଼ାର ବସନ୍ତ ଜେନା ଓରଫ୍‌ ବାସୁ (୩୫) ଓ କାଲଟାକ୍ସ ଅଞ୍ଚଳର ଶ୍ରୀ ଗୋପାଳ (୨୩)। ଏ ନେଇ ନଂ. ୬୯୮/୧୮ ମାମଲା ରୁଜୁ କରାଯାଇଛି। ଘଟଣାରେ ଫେରାର ଥିବା ଅନ୍ୟଜଣଙ୍କୁ ଖୁବ୍‌ ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି। ଦୁଇ ଦିନ ତଳେ ଜିନ୍ଦଲରୁ ଅନୁଗୋଳ ଅଭିମୁଖେ ଆସୁଥିବା ଏକ ଟ୍ରକ୍‌ (ନଂ. ଓଆର୧୯ଡି ୭୫୪୭)ର ଚାଳକ ତପନ ମାହାରଙ୍କ ନିକଟରୁ ଚାନ୍ଦା ବାବଦକୁ ୮୨୦୦ ଟଙ୍କା ଅଭିଯୁକ୍ତମାନେ ଝାମ୍ପି ନେଇଥିଲେ। ଏ ନେଇ ଚାଳକ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# ପ୍ରବନ୍ଧରେ ଶୁଭଲକ୍ଷ୍ମୀ, ବିତର୍କରେ ବିଷ୍ଣୁପ୍ରିୟା ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ,୧୧।୧୦**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ କ୍ଲଷ୍ଟର ଛାତ୍ରୀଛାତ୍ର ଭାଗନେଇ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଇଓ ନିତ୍ୟାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଡିଇଓ ସୁଧାନନ୍ଦ ପରିଡ଼ା, ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ଡ. ସୁସନ୍ଧ୍ୟା ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ପ୍ରବନ୍ଧରେ ଶୁଭଲକ୍ଷ୍ମୀ ସାହୁ, ବିତର୍କରେ ବିଷ୍ଣୁପ୍ରିୟା ନାୟକ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନରେ ରାଜେଶ୍ୱରୀ ବେହେରା, ମଧ୍ୟାହ୍ନଭୋଜନ ଏବଂ ଚିତ୍ରକଳାରେ ସୂର୍ଯ୍ୟନାରାୟଣ ପୃଷ୍ଟି, ଶିଳ୍ପକଳାରେ ମଧୁସ୍ମିତା ବେହେରା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲକ୍ଷ୍ମୀପ୍ରିୟା ଦାସ ଓ ସାଥୀ, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ଯଦୁମଣି ସେଠୀ ଓ ସାଥୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ବରିଷ୍ଠ ବିଭାଗ ଚିତ୍ରାଙ୍କନରେ ଜ୍ଞାନେନ୍ଦ୍ର ବେହେରା, କୁଇଜ୍‌ ଏବଂ ସୃଜନଶୀଳ ଲିଖନରେ ପ୍ରିୟଙ୍କା ଦାସ, ବକ୍ତୃତାର ପ୍ରିୟଦର୍ଶିନୀ ସାହୁ, ସଙ୍ଗୀତରେ ପାୟଲ ପ୍ରିୟଦର୍ଶିନୀ, କନିଷ୍ଠ ବିଭାଗ ଚିତ୍ରାଙ୍କନରେ ଧନେଶ୍ୱର ସାମଲ, କୁଇଜରେ ଲକ୍ଷ୍ମୀପ୍ରିୟା ବରାଳ, ସୃଜନଶୀଳ ଲିଖନରେ ବର୍ଷାପ୍ରିୟଦର୍ଶିନୀ ସାହୁ, ବକ୍ତୃତାରେ ଜ୍ୟୋତିର୍ମୟୀ ସ୍ୱାଇଁ, ସଙ୍ଗୀତରେ ଲକ୍ଷ୍ମୀପ୍ରିୟା ନାୟକ, ଦିବ୍ୟାଙ୍ଗ ଚିତ୍ରାଙ୍କନର ଅରବିନ୍ଦ ପରିଡ଼ା, ସଙ୍ଗୀତରେ ବବୁଲ୍‌ ବେହେରା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଆସନ୍ତା ୩୦ତାରିଖରେ ବିବି ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଭାଗ ନେବେ। ସୌରଭ କୁର୍ସିଦା ବେଗମ, ରାଜେଶ୍ୱରୀ ମିଶ୍ର, ଶିଳ୍ପୀ ପରେଶ ପଟ୍ଟନାୟକ, କ୍ଷେତ୍ରବାସୀ ସାହୁ, ସନ୍ଦିପନି ପାଣିଗ୍ରାହୀ ପ୍ରମୁଖ ବିଚାରକ ରହିଥିଲେ। ଏବିଇଓ ମଧୁସୂଦନ ଷେଣ୍ଡ, ଅଦ୍ୱୈତ ସାମଲ, ଭଗବାନ ବେହେରା, ସର୍ବଶିକ୍ଷା ଅଭିଯାନର ଶୁଭାଶିଷ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସିଆରସିସି ନିରାକାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମାନସ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

# ଇତିହାସରୁ ହିଁ ଶିକ୍ଷା ମିଳେ

**ଭୁବନ, ୧୧।୧୦(ଡି.ଏନ.ଏ.)**



ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଶହୀଦ ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଶହୀଦ ଗ୍ରାମ ନୀଳକଣ୍ଠପୁରରେ ଗୁରୁବାର ପାଳିତ ହୋଇଛି ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ। ଅଞ୍ଚଳବାସୀ ଏକତ୍ରିତ ହୋଇ ବୀର ବାଜିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବ୍ରାହ୍ମଣୀ ନଦୀରେ ତିଳତର୍ପଣ କରାଯାଇ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବାଜି ରାଉତଙ୍କ ତ୍ୟାଗ ଏବଂ ଦେଶପ୍ରେମ ଭାବନାର ସ୍ମୃତି ଉଜାଗର କରିବାକୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ବାଜି ରାଉତ ସ୍ମୃତି ପରିଷଦ ସଭାପତି କାଳିନ୍ଦୀ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଆମ ଇତିହାସ ଗୌରବମୟ। ଇତିହାସରୁ ହିଁ ଶିକ୍ଷା ମିଳେ। ହେଲେ ଆମେ ସମସ୍ତେ ଅତୀତର ଘଟଣାବଳୀ ଭୁଲିଯାଉଛେ। ଅତୀତର ଘଟଣାକୁ ମନେରଖି ପୁନରୁଦ୍ଧାର କରାଗଲେ ମଉଳି ଯାଉଥିବା ସ୍ମୃତି ଉଜ୍ଜୀବିତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ ଆହୁରି ମଧ କହିଲେ ଯେ, ପ୍ରଜା ଆନ୍ଦୋଳନରେ ଭୁବନ ଅଞ୍ଚଳର ୯ ଶହୀଦ ହୋଇଥିଲେ। ସମସ୍ତଙ୍କ ଲାଗି ଖୁବ୍‌ଶୀଘ୍ର ଆବାସ ଯୋଜନାରେ ସାମିଲ କରାଯିବ। ଏହା ହିଁ ଜାତି ପାଇଁ ପ୍ରାଣ ଦେଇଥିବା ମହାନ୍‌ ସଂଗ୍ରାମୀଙ୍କ ପାଇଁ ଉପଯୁକ୍ତ ମର୍ଯ୍ୟାଦା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଯୋଗଦେଇ ଢେଙ୍କାନାଳ ପ୍ରଜା ଆନ୍ଦୋଳନ ଏବଂ ବାଜି ରାଉତଙ୍କ ଆତ୍ମବଳିଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଶକ୍ତିକାନ୍ତ ରାୟ, ଏନ୍‌ଏସି ବିଜେଡି ସଭାପତି ନନ୍ଦକିଶୋର ସାହୁ, ସରପଞ୍ଚ ମମତା ସାହୁ, ସମିତିସଭ୍ୟ ଅମୂଲ୍ୟ ଦ୍ୱିବେଦୀ, ସାମାଜିକ କର୍ମୀ ଅଜୟ ସେଠୀ, ଲଳିତ ବେହେରା, ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶହୀଦଙ୍କ ପରିବାର ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାଜି ସେନା ପକ୍ଷରୁ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ସ୍ମୃତି ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ଆଏଚ୍‌ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରାଦ୍ଧ ଦିବସରେ ଶହୀଦଙ୍କୁ ମନେପକାଇଲା ପ୍ରଶାସନ

**ଢେଙ୍କାନାଳ ଅଫିସ,୧୧।୧୦**

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ୮୦ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନ ୮ଟାରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ବାଜିଚୌକ ଶହୀଦ ମିନାରସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ଜିଲା ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀପୂଜା ଅବସରରେ ତୋରଣ ଏବଂ ମଣ୍ଡପ ସାଜସଜ୍ଜା ସମୟରେ ବାଜି ରାଉତଙ୍କ ସ୍ମୃତିସ୍ତମ୍ଭ ଓ ପ୍ରତିମୂର୍ତ୍ତିକୁ ଯେପରି ଅବରୋଧ କରା ନ ଯାଏ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଢେଙ୍କାନାଳ ସଚେତନ ନାଗରିକ ଫୋରମ ପକ୍ଷରୁ ପୂର୍ବାହ୍ନ ୯ଟାରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, କୋଷାଧ୍ୟକ୍ଷ ଗୁପ୍ତେଶ୍ୱର ମିଶ୍ର, ସଭ୍ୟ ଅଖିଳ ମହାପାତ୍ର, ପଙ୍କଜ ନାୟକ, ସରୋଜ ଶତପଥୀ, ଚକ୍ରଧର ତରାଇ, ରୁଦ୍ରମାଧବ ମହାପାତ୍ର, ଲଳିତ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ରଘୁନାଥ ମିଶ୍ର, ଦୟାନିଧି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବାଜି ରାଉତଙ୍କ ଶ୍ରାଦ୍ଧ ଅବସରରେ ଶହୀଦ ମିନାରରେ ଜିଲା ପ୍ରଶାସନିକ ଅଧିକାରୀମାନେ।

# ବେକରି ସଂସ୍ଥା ନାଁରେ ୩୫ କୋଟି ଠକେଇ ଅଭିଯୋଗ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)- ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ବେକରି ସଂସ୍ଥା ନାଁରେ ୩୫ କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଛି। କର୍ମଚାରୀଙ୍କୁ ଦରମା ନ ଦେବା, ଭେଣ୍ଡରମାନଙ୍କୁ ସେମାନଙ୍କ ପ୍ରାପ୍ୟ ନ ଦେବା ସହ କଞ୍ଚାମାଲ ଆଣିଥିବା କମ୍ପାନୀକୁ ପାଖାପାଖି ୨୨କୋଟି ଟଙ୍କା ଠକେଇ କରିଥିବା ନେଇ ନୟାପଲ୍ଲୀ ଥାନା ଏବଂ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରାଯାଇଛି। ଠକାମିର ଶିକାର ହୋଇଥିବା ୮୦ରୁ ଊର୍ଦ୍ଧ୍ୱ କର୍ମଚାରୀ, ଭେଣ୍ଡର ଗତ ୯ ତାରିଖରେ ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ବୁଧବାର ଇଓଡବ୍ଲ୍ୟୁରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଠକେଇରେ ଜଣେ ପୋଲିସ ଅଫିସରଙ୍କ ସମ୍ପୃକ୍ତି ରହିଛି। ଅଫିସର ଜଣକ ଜଣେ ଥାନା ଅଧିକାରୀ ଥିବାବେଳେ କମ୍ପାନୀକୁ ସହାନୁଭୂତି ଦେଖାଇ ଠକେଇ ଅଭିଯୋଗକୁ ଚାପି ଦେବାରେ ପ୍ରମୁଖ ଭୂମିକା ନେଇଥିଲେ। ତେଣୁ ଇଓଡବ୍ଲ୍ୟୁ ତଦନ୍ତ କଲେ ପୋଲିସ ବାବୁଙ୍କ ସମ୍ପୃକ୍ତି ପଦାରେ ପଡିବ ବୋଲି ଅଭିଯୋଗକାରୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଉକ୍ତ ବେକରି ସଂସ୍ଥାର ଆଉଟ୍‌ଲେଟ୍ ରହିଥିଲା। ସଂସ୍ଥାରେ ଶତାଧିକ କର୍ମଚାରୀ, ଭେଣ୍ଡର କାମ କରୁଥିଲେ। ଭେଣ୍ଡରମାନେ ସଂସ୍ଥାଠାରୁ ଲକ୍ଷାଧିକ ଟଙ୍କାର ଖାଦ୍ୟ ସାମଗ୍ରୀ ନେଇ ବିକ୍ରି କରିଥିଲେ ମଧ୍ୟ ସଂସ୍ଥା ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେଇ ନ ଥିଲା। ସଂସ୍ଥା ପକ୍ଷରୁ ଭେଣ୍ଡରମାନଙ୍କୁ ଯେଉଁ ଚେକ୍ ଦିଆଯାଇଥିଲା ତାହା ବାଉନ୍ସ ହୋଇଯାଇଥିଲା। ଏହାସହ ସଂସ୍ଥା ବିଭିନ୍ନ ବ୍ୟକ୍ତିଙ୍କୁ ଫ୍ରାଞ୍ଚାଇଜ ଦେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍ଥାର ମୁଖ୍ୟ ଓ ତାଙ୍କ ସ୍ତ୍ରୀ ଏହାକୁ ଚତୁରତାର ସହ ଅନ୍ୟକୁ ବିକ୍ରି କରି ଫେରାର ହୋଇଯାଇଥିଲେ। ଶେଷରେ ଉପାୟଶୂନ୍ୟ ହୋଇ ଭେଣ୍ଡର ଏବଂ କର୍ମଚାରୀମାନେ ଥାନା ଏବଂ ଇଓଡବ୍ଲ୍ୟୁରେ ଅଭିଯୋଗ କରିଛନ୍ତି।


## GOVT. OF ODISHA
No.607-A

## DEPARTMENT OF WATER RESOURCES

### O/O THE EXECUTIVE ENGINEER
### QUALITY CONTROL DIVISION, RAYAGADA

eeqcdrgd@yahoo.co.in

**BID IDENTIFICATION NO. -04/2018-19**

| | | |
|---|---|---|
| 01. | Name of work | PROCUREMENT AND INSTALLATION OF QUALITY CONTROL TESTING MACHINERIES AND EQUIPMENTS AT QUALITY CONTROL DIVISION, RAYAGADA 2018-19. |
| 02. | No. of works | 1 No. |
| 03. | Bid Identification No. | 04/2018-19 |
| 04. | Tender cost | Rs 2,42,697/- |
| 05. | Bid security | 1% of quoted amount |
| 06. | Cost of Tender Paper | Rs.2000.00 |
| 07. | Period of procurement | 30 Days |
| 08. | Date & time of availability of bid documents in the website http:// www.dowrodisha.gov.in | **From dt.15.10.2018 (10.00AM) to dt.01.11.2018 (5.00PM)** |
| 09. | Time for receipt of bids in the specified Tender box in the o/o the Executive Engineer, Quality Control Division, Rayagada. | **Up to 1.30PM on dt. 02.11.2018** |
| 10. | Date and time of Opening of Tender | **Dt. 02.11.2018 at 3.30 PM** |
| 11. | Name and Address of the Officer inviting Bid | **Executive Engineer, Quality Control Division, Rayagada, Odisha-765001** |

Further details can be seen from the State Govt. website **http:// www.dowrorissa.gov.in**.

**Executive Engineer**
**Quality Control Division, Rayagada**

32355/11/0002/1819

## CORRIGENDUM

**Office of the D.G. & I.G. of Police, Odisha, Cuttack**
**(Ref : Short Tender Call Notice No. 214-D)**

No. 242-D : With reference to the Short Tender Call Notice No. 214-D for purchase of different types of Clothing articles (including Ceremonial Uniforms), Nylon web equipments, Police Flags for Odisha Police under State Budget Grant, different Protective uniform articles for ODRAF units and purchase of different clothing articles for SPC Cadet under Modernization Grant during the Current Financial year, 2018-2019, please note that some modifications in the last date of issue of Tender Document, last date for receipt of sealed tender and sample and date for opening of sealed Tenders / Technical bids have been made as follows.

1. Last date for issue of Tender documents extended upto 20.10.2018 upto 5.00 PM instead of dtd. 11.10.2018 upto 5 PM.
2. Last date for receipt of sealed Tender and Sample extended upto dtd. 22.10.2018 upto 5 PM instead of dtd: 12.10.2018 upto 5.00 PM.
3. Date for opening of sealed Tenders / Technical Bids re-fixed to dtd. 25.10.2018 at 11.00 AM at the Office of the D.G. & I.G. of Police, Odisha, Buxi Bazar, Cuttack Instead of dtd. 15.10.2018 at 11.30 AM.
4. The other terms and conditions of tender documents remain unchanged.

**A.I.G. of Police (Provisioning), Odisha, Cuttack (Tender Calling Authority)**

12018/11/0036/1819

## INVITATION FOR BIDS (IFB)
### NATIONAL COMPETITIVE BIDDING THROUGH e-Tendering

No.880-O

Identification No : RWS&S DIVN., Puri- 46 of 2018-19
Ph: (06752) 251276, Fax : (06752) 251276, Email : eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. RWSSPURI 46/2018-19**

**1st Corrigendum to**

**INVITATION FOR BIDS (IFB)**
**Identification No. : RWS&S Divn. Puri - 46 of 2018-19**

The tender for the work "Augmentation of PWS to Gadisagada under kanas block". vide tender call notice no. 46, bid no.-02 invited by Executive Engineer, RWS&S Division, Puri is to be covered in Mega PWS to Kanas, Brahmagiri, Satyabadi. Hence the bid is here by cancelled as per instruction of SE, RWSS Circle, BBSR vide ltr no- 3178 / dt. 26.09.2018. All other terms & conditions are remains unaltered.

**Sd./- Executive Engineer, RWS&S Division, Puri**

25017/11/0073/1819

## TENDER CALL NOTICE

Odisha Livelihoods Mission, DRDA, Balangir invites tenders from local reputed Agency/Register Manufacturers/Company/Authorized dealers for supply and Installation of Electronic Item, Computer Item & Furniture Item. The eligibility criteria and specification of documents for interested bidder are available in the website **www.balangir.nic.in**.

The bidders are requested to download the Annexure - I, Annexure - II, Annexure - III (Term and Condition) & Annexure - IV of the tender and submit the same along with the tender duly signed by the bidder along with Seal.

The envelope containing tender should be superscribed as "Tender for Electronic Item, Computer Item & Furniture Item" and must be dropped in the tender box at office of the Project Director, DRDA Balangir. The last date for receipt of tender is 26 October 2018 by 4 P.M., which will be opened on the same day at 5 P.M. in the DRDA, Balangir.

The authority reserves the rights to accept or reject any tender without assigning reason thereof.

**Sd./- Project Director, DRDA-cum-District Mission Co-ordinator, OLM, Balangir**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

No. 3273/ Dt. 10.10.2018

Sealed tenders are invited by the Zilla Swasthya Samiti, Dhenkanal from reputed parties / firms / dealers / suppliers dealing in specific goods / items for supply of spectacles under NPCB Dhenkanal. The details regarding bidding format, terms & conditions may be download from district website i.e. www.dhenkanal.nic.in. The tender should reach to the office of the undersigned by dt.23.10.18 till 5.00PM through Speed Post / registered post only. The same will be opened on dt.25.10.18 at 11.00AM in the office chamber of CDM&PHO Dhenkanal. the undersigned is not responsible for any kind of postal delay & reserves all right to cancel any or all tender at any stage of selection / finalisation process without assigning any reason thereof. Any typographical error may be exempted.

***Sd./- Dr. B. Behera***
***Chief District Medical & Public Health Officer, Dhenkanal***

## ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ

No.: 486-E

ବିଜ୍ଞାପନ ପତ୍ର ସଂଖ୍ୟା: ୧୧୮୬ ତା: ୧୧।୧୦।୨୦୧୮

### ବିଜ୍ଞାପନ

ପ୍ରାପ୍ତେଷୁ,

**ଶ୍ରୀ ସନତ କୁମାର କହଁର, ସେବକ**
**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ**
**ସା: କନକପୁର, ଡାକ: ବଘିଆପଡ଼ା**
**ଜି: ବୌଦ୍ଧ**

**ବିଷୟ: କାର୍ଯ୍ୟରେ ଯୋଗଦାନ ନିମନ୍ତେ**

ଏତଦ୍ୱାରା ତୁମକୁ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା) ଓ ଅଧୀକ୍ଷକ, କନ୍ଧମାଳଙ୍କ ପତ୍ର ସଂଖ୍ୟା- ୭୯୦୩, ତା-୦୯।୦୭।୨୦୧୮ ଅନୁସାରେ ତୁମ୍ଭଙ୍କୁ ରଥଯାତ୍ରା କାର୍ଯ୍ୟ ପାଇଁ ପୁରୀକୁ ପଠାଯାଇଥିଲା, କିନ୍ତୁ ତୁମେ ସେଠାରେ ପହଞ୍ଚି ନାହଁ କି କାର୍ଯ୍ୟ କରି ନାହଁ। ଏତଦ୍ୱାରା ତୁମ୍ଭଙ୍କୁ ବାରମ୍ବାର ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା) ଓ ଅଧୀକ୍ଷକ, କନ୍ଧମାଳ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତୁମେ ତୁମର କାର୍ଯ୍ୟରେ ଯୋଗଦାନ କରୁନାହଁ ଏବଂ ତୁମେ ବର୍ତ୍ତମାନ କେଉଁଠାରେ ରହୁଅଛ ତାହାର ନିର୍ଦ୍ଦିଷ୍ଟ ଠିକଣା ମଧ୍ୟ ଆମ୍ଭ ପାଖରେ ନାହିଁ।

ଏଣୁ ଏତଦ୍ୱାରା ତୁମ୍ଭଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ଏହି ବିଜ୍ଞାପନ ପ୍ରକାଶ ହେବାର ୭ଦିନ ମଧ୍ୟରେ ତୁମେ କାର୍ଯ୍ୟରେ ଯୋଗଦାନ କରିବ, ନଚେତ ନିମ୍ନ ସ୍ୱାକ୍ଷରକାରୀ ତୁମ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବାଧ୍ୟ ହେବେ।

ସ୍ୱା./- ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ
କନ୍ଧମାଳ, ଫୁଲବାଣୀ

10015/11/0032/1819

## OFFICE OF THE REGULATED MARKET COMMITTEE, SAMBALPUR

### E-PROCUREMENT (INVITATION FOR BIDS)

**TENDER CALL NOTICE NO. 725/ RMC DATED 05.10.2018**
**BID IDENTIFICATION NO. 02/RMC-SBP/2017-18**

Sub-Collector, Sambalpur-cum-Chairman, RMC, Sambalpur invites for 1 (One) no. of construction work at Main Market Yard, Baraipali under RMC, Sambalpur, the details of which available at e-Procurement portal www. tendersorissa.gov.in. Intending bidders are requested to visit the mentioned website for submission of e-tender.

Last date for submission of tender is 31.10.2018 upto 5.00PM

Date & time of opening of technical bids online: dt.02.11.2018 at 11.30AM

***Sd./- Sub-Collector,***
***Sadar-cum-Chairman, RMC, Sambalpur***

## STATE POLLUTION CONTROL BOARD, ODISHA

**(Department of Forest & Environment, Government of Odisha)**
**Paribesh Bhawan, A/118, Nilakantha Nagar, Unit- VIII, Bhubaneswar- 751012, INDIA**
**Tel : 0674- 2564033, EPABX : 2561909/ 2562847,**
**Email : paribesh1@ospcboard.org., Website : www.ospcboard.org**

**No. 12015/ IND-I-CON-MISC-1314** **Dt. 04.10.2018**

### TENDER CALL NOTICE

Notice inviting tender for "Selection of Service Provider for Supply, Commissioning & Maintenance of the Software for Central Server for Online Continuous Real- Time Data Acquisition Systems (RT-DAS) for Continuous Emission Monitoring Systems (CEMS), Continuous Effluent Quality Monitoring Systems (CEQMS) and Continuous Ambient Air Quality Monitoring Stations (CAAQMS), for SPCB, Odisha".

Sealed Bids are invited from experienced agencies for "Selection of Service Provider for Supply, Commissioning & Maintenance of the Software for Central Server for Online Continuous Real time Data Acquisition Systems (RT-DAS) for Continuous Emission Monitoring Systems (CEMS), Continuous Effluent Quality Monitoring Systems (CEQMS) and Continuous Ambient Air Quality Monitoring Stations (CAAQMS) for SPCB, Odisha". The interested bidders may obtain the Bid Application form which is downloadable from the Website : www.ospcboard.org.

The bid document filled in as per the prescribed format and supported with relevant documents must reach the Office of Member Secretary, State Pollution Control Board, Odisha, Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012 on or before 9th November 2018, 5.00 PM. The envelope must be clearly superscribed as "BID DOCUMENTS- Tender for "Selection of Service Provider for Supply, Commissioning & Maintenance of the Software for Central Server for Online Continuous Real-Time Data Acquisition Systems (RT-DAS) for Continuous Emission Monitoring Systems (CEMS), Continuous Effluent Quality Monitoring Systems (CEQMS) and Continuous Ambient Air Quality Monitoring Stations (CAAQMS) for SPCB, Odisha". The name and address of the bidder organization should also be clearly mentioned on the envelope. The Bid document can be submitted through Registered Post / Speed Post / Courier. The bid documents can also be submitted at the reception desk of aforesaid office. But the authority shall not be held responsible for any postal delay for non-receipt of Bid Document within scheduled date and time.

The Bidders/ Firms will be shortlisted on the basis of evaluation of technical bids. The price bids of the shortlisted frims will only be opened for combined evaluation of technical bid and price bid. The selection of bidder / firm shall be based under Combined QUality Cum Cost based Selection (CQCCBS) method.

The SPCB reserves the right to reject any or all bids without assigning any reasons thereof.

**Sd./- Member Secretary, State Pollution Control Board, Odisha**

## OFFICE OF THE COLLECTOR & DISTRICT MAGISTRATE, NUAPADA

**(ST & SC Development Section)**

No. 2333/SSD Dated 10.10.2018

### ADVERTISEMENT

Applications are invited in the prescribed proforma from intending candidates for filling up the following categories of posts in the High Schools, Girls High School under ST & SC Development Department of Nuapada district on contractual basis. The application should reach the office of the District Welfare Officer, Nuapada on or before Dt.12.11.18 (5.00 PM) by Regd. Post / Speed Post only. Applications received after the due date will not be taken in to consideration.

The detail advertisement, eligibility criteria, educational qualification, service condition, process of selection and prescribed application form etc. are available in the office of the Dist. Welfare Officer, Nuapada and in the District Website **http://www.nuapada.nic.in**.

| Sl. No. | Name of the post | No. of posts to be filled up | | | | |
|---|---|---|---|---|---|---|
| | | SC | ST | SEBC | UR | Total |
| 1 | **TGT Science (PCM)** | 1 | 0 | 1 | 1 | 3 |
| 2 | **TGT Science (CBZ)** | 1 | 1 | 0 | 0 | 2 |
| 3 | **TGT (Arts)** | 0 | 1 | 0 | 0 | 1 |
| 4 | **IA CT** | 0 | 1 | 0 | 0 | 1 |
| 5 | **PET** | 1 | 0 | 0 | 0 | 1 |
| 6 | **Hindi Teacher** | 1 | 0 | 0 | 1 | 2 |
| 7 | **Sanskrit Teacher** | 0 | 0 | 0 | 1 | 1 |

**Sd./- Collector, Nuapada**

## SAMBALPUR UNIVERSITY
## JYOTIVIHAR, BURLA

**Sambalpur (Odisha), Pin- 768019**
**(NAAC Accredited with 'A' Grade)**
**Website : www.suniv.ac.in**

No. 6151/Store Date : 10.10.2018

### QUOTATION CALL NOTICE

Sealed quotations are invited from Registered firms / suppliers / wholesalers for supply of Different Categories of Paper & Stationery articles to the University as per the Specifications mentioned in the instructions with term and conditions / proforma so as to reach the undersigned by Speed Post / Regd. Post on or before Dt. 29.10.2018 by 2.00 P.M. which will be opened on the same day at 3.00 P.M. in presence of the agency or their authorized representative if any. Quotation for Paper & Quotation for Stationery should be submitted separately. The detail information with instruction of term and condition / proforma can be had from the Store Section, Sambalpur University in person on anyworking day during office hours or by post with self-addressed Stamped envelope or from university website : www.suniv.ac.in

**Sd./- Registrar**

## ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନୂଆପଡାଠାରେ ଥିବା RTSS (ରେଳବାଇ) ନୂଆପଡାକୁ ସଂଯୋଗ କରୁଥିବା ୧୩୨ କେ.ଭି. RTSS ନୂଆପଡାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଲାଇନ୍‌ର ଏହି ଅଂଶ ନୂଆପଡା ଟାଉନ୍ (ଭେରା), ଭେରା, ପଦ୍ମପୁରୀ, ସାଲେଭଟା, ସାଲେଭଟା (ଏସ୍.ଟି-୧), ପରାସବୁଡା, ପରାସବୁଡା (ଏସ୍.ଟି-୧) ଗ୍ରାମ ଦେଇ ଯାଇଅଛି।

ଏହି ଲାଇନଟି ଆସନ୍ତା ତା. ୧୨.୧୦.୨୦୧୮ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରଚଳିତ ବିଦ୍ୟୁତ୍ ନିୟାମକ ୧୯୫୬ ଧାରା ୭୯, ୮୦, ୮୨ (କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ୍ ଟାୱାରରେ ଚଢିବା, ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହାଛଡ, ଲୁହାପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ।

ଏହାଦ୍ୱାରା ଧନଜୀବନ ହାନିର ଯଥେଷ୍ଟ ଆଶଙ୍କା ଅଛି। ଉପର ଲିଖିତ ନିୟମମାନ ଉଲ୍ଲଂଘନ କରିବା ଆଇନଗତ ଅପରାଧ ଅଟେ।

**ସ୍ୱା./- ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)**
**ଅତ୍ୟୁଚ୍ଚ ବିଦ୍ୟୁତ୍ ନିର୍ମାଣ ବିଭାଜନ, ବଲାଙ୍ଗୀର**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୨୨୮୦ / IND-II-PH-778 ତାରିଖ: ୧୧।୧୦।୨୦୧୮

### ବିଜ୍ଞାପନ

